


ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
## THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 42 ♦ISSUE-354 ♦BHUBANESWAR ♦SUNDAY ♦22 JUNE 2025 ♦PAGE-12 ♦₹ 6.00 | BHUBANESWAR | ♦ବର୍ଷ-୪୨ ♦ସଂଖ୍ୟା-୩୫୪ ♦ଭୁବନେଶ୍ୱର ♦ରବିବାର ♦୨୨ ଜୁନ୍ ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦ (ସିନ୍ଦୂରା ସହ)



# PRAYASH CLASSES

## NEET RESULT 2025

| 600+ MARKS | 550+ MARKS | 515+ MARKS | TOTAL NO. OF GOVT. MBBS | GOVT MBBS FROM INTEGRATED BATCH | TOTAL NO. OF AIIMS / SCB | IN AIR 1000 | IN AIR 10000 |
|---|---|---|---|---|---|---|---|
| 09 STUDENTS | 95 STUDENTS | 200 STUDENTS | 228 EXPECTED | 39 EXPECTED | 82 EXPECTED | 06 STUDENTS | 80 STUDENTS |

| Marks | AIR | Name |
|---|---|---|
| 634 | 180 | PABITRA |
| 631 | 219 | ABHISHEK |
| 620 | 456 | ABHAYA |
| 611 | 762 | RITISHA |
| 609 | 845 | JAYJEET |
| 607 | 967 | ALYSSA |
| 606 | 1007 | BISHAL |
| 605 | 1035 | SANDIP |
| 602 | 1250 | OMKAR |
| 599 | 1439 | DEEPAK |
| 595 | 1700 | SWETALINA |
| 594 | 1785 | AYUSHMAN |
| 592 | 2002 | PREETAM |
| 591 | 2070 | SAISUDHA |
| 591 | 2151 | SWAYAMBHU |
| 590 | 2276 | SWAYAMSU |
| 589 | 2295 | VANEESHA |
| 589 | 2339 | ARYAN |
| 588 | 2501 | BARSHARANI |
| 585 | 2769 | SAI SARANYA |
| 585 | 2800 | MANOJ |
| 584 | 2972 | UTTAM |
| 583 | 3018 | SWAYAM |
| 583 | 3076 | SWAYANSHREE |
| 583 | 3088 | SHIBSAGAR |
| 582 | 3177 | ABHIJIT |
| 581 | 3397 | BHRUTI |
| 580 | 3531 | SAAHIL |
| 580 | 3526 | SWAGATIKA |
| 579 | 3606 | ANNAPURNA |
| 578 | 3771 | RAJESH |
| 577 | 4055 | PRIYANSHU |
| 577 | 4064 | DIPTIREKHA |
| 575 | 4384 | MIHIR |
| 575 | 4468 | ASHISH |
| 574 | 4611 | IPSITA NAYAK |
| 572 | 4989 | ALIVA |
| 571 | 5158 | IPSITA KAR |
| 571 | 5158 | ANSUMAN |
| 570 | 5367 | KANHEI |
| 569 | 5596 | SUMIT ROUT |
| 568 | 5862 | TANMAY |
| 568 | 5898 | A.S ANSHUMAN |
| 568 | 5942 | P.J.SONALI |
| 568 | 6010 | KUMAR PRINCE |
| 567 | 6018 | RUDRA |
| 567 | 6078 | R.S. AMRUTA |
| 567 | 6129 | SONALI |
| 567 | 6291 | SIBASISH |
| 566 | 6487 | SUNAYANA |
| 565 | 6577 | JASHOBANT |
| 565 | 6734 | PANKAJ |
| 565 | 6831 | SMRUTI |
| 564 | 7032 | ANWESHA |
| 564 | 7135 | SUBHRANSU |
| 563 | 7245 | SUCHI |
| 563 | 7305 | SOUMYASMITA |
| 563 | 7335 | SRIKRISHNA |
| 562 | 7526 | MONALISA |
| 562 | 7568 | ANSUMAN |
| 562 | 7627 | SWABHIMAN |
| 562 | 7647 | AYUSHMAN |
| 562 | 7736 | SUMIT |
| 562 | 7747 | SWARAJ |
| 561 | 7959 | OM MEHER |
| 561 | 8007 | SWASTIK |
| 561 | 8138 | DEEPAK |
| 560 | 8386 | ARPITA |
| 560 | 8430 | ASUTOSH |
| 559 | 8574 | ROJALIN |
| 559 | 8579 | SUSHREE |
| 559 | 8725 | ABHISHEK |
| 557 | 9448 | PRIYANKA |
| 557 | 9457 | ROHIT |
| 557 | 9563 | PRATIK |
| 556 | 9569 | ANANTA |
| 556 | 9618 | SAI SUBHRA |
| 556 | 9821 | ANINDITA |
| 556 | 9835 | KISHAN |
| 556 | 9868 | SMRUTI |
| 554 | 10506 | SIMRAN |
| 554 | 10576 | HARSHIT |
| 554 | 10693 | RUDRA |
| 553 | 10804 | PRAGYAN |
| 552 | 11316 | NIHARIKA |
| 552 | 11343 | PRIYANSHU |
| 552 | 11409 | SHIBASHISH |
| 552 | 11570 | MRUTUNJAY |
| 551 | 11721 | MOTILIPSHA |
| 551 | 11868 | SOUBHAGYA |
| 551 | 11948 | SUNIL |
| 550 | 12000 | HEMANTA |
| 550 | 12067 | GOURAB |
| 550 | 12229 | NIHARIKA |
| 550 | 12295 | NATASHA |
| 549 | 12463 | SAIKISHAN |
| 549 | 12465 | SUBHASISH |
| 549 | 12627 | ABHISHEK |
| 549 | 12713 | SIDHARTHA |
| 549 | 12720 | SWOSTIK |
| 549 | 12772 | MRITYONJAY |
| 548 | 12935 | AYUSH |
| 548 | 13046 | KRISHNA |
| 548 | 13103 | UMASHANKAR |
| 548 | 13147 | ANWESHA |
| 548 | 13282 | PRIYANSHU |
| 548 | 13361 | PRIMESH |
| 547 | 13496 | PRAJAKTA |
| 547 | 13669 | SUBHASMITA |
| 547 | 13718 | OMM JYOTI |
| 546 | 14008 | SNEHASIS |
| 546 | 14083 | AJITESH |
| 546 | 14145 | ANIL |
| 546 | 14296 | BISWESWAR |
| 546 | 14301 | ULLASH |
| 545 | 14562 | ROHIT |
| 545 | 14563 | SANGRAM |
| 545 | 14661 | ARPITA |
| 545 | 14750 | SOUMIK |
| 544 | 14931 | ANKITA |
| 544 | 15061 | SWEET |
| 543 | 15778 | SWATI |
| 542 | 15930 | JYOTIRANJAN |
| 542 | 16027 | SATYASWARUP |
| 542 | 16057 | MANDEEP |
| 542 | 16142 | SUBHAM |
| 542 | 16754 | AAYUSH |
| 541 | 16626 | SUNITA |
| 541 | 16694 | PRIYANSHU |
| 540 | 17340 | MANJULATA |
| 540 | 17371 | YAGNYASENI |
| 540 | 17440 | HIMANSHU |
| 539 | 17787 | ASHUTOSH |
| 538 | 18239 | SWAYAM |
| 538 | 18649 | SUBHAJIT |
| 537 | 19169 | ARMAN |
| 536 | 19782 | ABHINAB |
| 535 | 20330 | PAYAL |
| 535 | 20528 | OM TIWARI |
| 534 | 20866 | NITISH |
| 533 | 21842 | SANJEEV |
| 533 | 22030 | SASWAT |
| 532 | 22305 | PRIYANKA |
| 532 | 22372 | ANSUMAN |
| 532 | 22434 | SHREYASEE |
| 531 | 23225 | ANUSKA |
| 531 | 23395 | BISWAJIT |
| 531 | 23437 | ADYASHA |
| 530 | 23731 | OMM PRATIK |
| 530 | 23942 | SOUBHAGYA |
| 529 | 24586 | JAGRUTI |
| 528 | 25583 | SUBHASMITA |
| 527 | 26034 | BARSHA |
| 527 | 26145 | HARMONY |
| 527 | 26309 | ASIM |
| 527 | 26463 | DIBYAJYOTI |
| 526 | 26487 | AYUSHMAN |
| 526 | 26657 | SUBHAM |
| 526 | 26821 | BISHNU |
| 526 | 27085 | SOBHALIN |
| 525 | 27601 | AADITYA |
| 525 | 27640 | SASMITA |
| 525 | 27702 | SPANDITA |
| 524 | 28179 | ANSHUMAN |
| 524 | 28186 | ANANYA |
| 524 | 28428 | RUPASHREE |
| 524 | 28476 | NIHARIKA |
| 524 | 28507 | RATNABALI |
| 524 | 28543 | SWAGAT |
| 523 | 29176 | SATWIK |
| 523 | 29466 | SUBHAM |
| 523 | 29533 | ANEESH |
| 523 | 29750 | DEBAJYOTI |
| 522 | 29933 | ABHILIPSA |
| 522 | 30004 | RAJNANDINI |
| 521 | 30737 | ANWESHA |
| 521 | 30887 | MONALISHA |
| 521 | 31269 | SOMYA |
| 520 | 31642 | REONA |
| 520 | 31854 | SOURAV |
| 520 | 31930 | DEBASMIT |
| 519 | 32449 | ARPITA |
| 519 | 32958 | SURYA |
| 519 | 32781 | SOUMYA |
| 518 | 33495 | MOUSUMI |
| 518 | 33832 | SWATI |
| 518 | 33990 | OMM |
| 517 | 34119 | SWAHA |
| 517 | 34135 | SWAYAM |
| 517 | 34273 | SWAPNAMOY |
| 517 | 34604 | RITESH |
| 516 | 35284 | BARSHA |
| 516 | 35290 | SUDEEP |
| 516 | 35340 | RUDRANARAYAN |
| 516 | 35448 | DIBYAJYOTI |
| 516 | 35475 | SAGARIKA |
| 516 | 35674 | ARPITA |
| 516 | 35890 | SUMAN |
| 515 | 36000 | SAMIKSHYA |
| 515 | 36539 | SAYAM |

JAJPUR : TANDARA, SANKHACHILA, JAJPUR, 755015, CONTACT US : +91 78538 48170 | BALASORE : GANESWARPUR, JANUGANJ, INFRONT OF TENTULIA THAKURANI, BALASORE , 756019, CONTACT +91 91247 95476

# ଆଜି ନବୀନଙ୍କ ଅସ୍ତ୍ରୋପଚାର
# ଶୁଭ ମନାସି ରାଜ୍ୟବାସୀ ଜାଳିଲେ ଅଖଣ୍ଡ ଦୀପ

■ ଉପବାସ ସହ ମନ୍ଦିରରେ ମା'ମାନଙ୍କ ପୂଜାର୍ଚ୍ଚନା ■ ବିଭିନ୍ନ ମନ୍ଦିର ନିକଟରେ ଗଣ ଦୀପଦାନ


ପୁରୀ


ରାମମନ୍ଦିର, ଭୁବନେଶ୍ୱର


କଟକ


ଯାଜପୁର


ନୂଆଦିଲ୍ଲୀ

ଭୁବନେଶ୍ୱର,୨୧।୬(ସମିସ): ସାଢ଼େ ୪ କୋଟି ଓଡ଼ିଶାବାସୀ ମୋର୍ ପରିବାର। ଏ କଥା ଥରେ ନୁହେଁ, ବାରମ୍ବାର କହିଛନ୍ତି ବିରୋଧୀଦଳ ନେତା ନବୀନ ପଟ୍ଟନାୟକ। ୨୪ ବର୍ଷ ଧରି ନିଜ ପରିବାରର ଲୋକମାନଙ୍କ ପାଇଁ ବିନା ବାକ୍ୟବ୍ୟୟରେ ସମର୍ପିତ ଭାବରେକାମ କରି ଆସିଛନ୍ତି । ପ୍ରତିଦାନରେ ଓଡ଼ିଶାବାସୀ ମଧ ତାଙ୍କ ଉପରେ ଅଜାଡ଼ି ଦେଇଛନ୍ତି ଆଶୀର୍ବାଦ । କ୍ଷମତାରେ ନ ଥିଲେ ମଧ ରାଜ୍ୟର କୋଟିକୋଟି ପରିବାର ତାଙ୍କୁ ନିଜର ମୁଖିଆ ମଣୁଛନ୍ତି ।ଆଉ ଏବେ ଚିକିତ୍ସା ପାଇଁ ମୁମ୍ବାଇ ଯାଇଥିବା ନବୀନଙ୍କ ପାଇଁ ସାରା ରାଜ୍ୟବାସୀ ଅଜାଡ଼ି ଦେଇଛନ୍ତି ଅସୁମାରୀ ଶ୍ରଦ୍ଧା, ଅୟୁତ ଅୟୁତ ଆଶିଷ । ସାରା ରାଜ୍ୟରେ ଜନସାଧାରଣ ତାଙ୍କର ସୁସ୍ୱାସ୍ଥ୍ୟ ଓ ଶୀଘ୍ର ଆରୋଗ୍ୟ କାମନା କରି ଦୀପ ଜାଳିଛନ୍ତି। ଉପବାସ ରହି ମା' ମାନେ ମନ୍ଦିରମାନଙ୍କରେ ପୂଜାର୍ଚ୍ଚନା କରିଛନ୍ତି। ଆଜି ସଂଧ୍ୟାରେ ବିଭିନ୍ନ ମନ୍ଦିର ନିକଟରେ ସାଧାରଣ ଲୋକଙ୍କ ସହ ଦଳୀୟ କର୍ମୀ ଓ ନେତାମାନେ ମଧ ଗଣ ଦୀପଦାନ କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି।

ସୂଚନା ଅନୁସାରେ ମୁମ୍ବାଇର କୋକିଲାବେନ୍ ଧୀରୁଭାଇ ଅମ୍ବାନି ହସ୍ପିଟାଲରେ ନବୀନ ଆଜି ଅସ୍ତ୍ରୋପଚାର ପାଇଁ ଭର୍ତ୍ତି ହୋଇସାରିଛନ୍ତି। ତାଙ୍କର ବ୍ୟକ୍ତିଗତ ସ୍ୱାସ୍ଥ୍ୟ ପରାମର୍ଶଦାତା ତଥା ପ୍ରଖ୍ୟାତ ଚିକିତ୍ସକ ଡ଼ାକ୍ତର ରମାକାନ୍ତ ପଣ୍ଡାଙ୍କ ତତ୍ୱାବଧାନରେ ଏକ ଡ଼ାକ୍ତର ଦଳ ତାଙ୍କର ସ୍ୱାସ୍ଥ୍ୟ ପର୍ଯ୍ୟବେକ୍ଷଣ କରୁଛନ୍ତି । ରବିବାର ସକାଳ ୬ଟାରେ ତାଙ୍କର ଅସ୍ତ୍ରୋପଚାର ହେବ। ନିଜ ଅସୁସ୍ଥତା ଓ ଚିକିତ୍ସା ନିମନ୍ତେ ମୁମ୍ବାଇ ଯିବା ସୂଚନା ନବୀନ 'ଏକ୍ସ'ରେ ଦେବା ପରେ ତାଙ୍କୁ ଭଲ ପାଉଥିବା ପ୍ରତ୍ୟେକ ଓଡ଼ିଆ ଏବେ ବିବ୍ରତ। ଗତକାଲି ଚିକିତ୍ସା ପାଇଁ ନବୀନ ମୁମ୍ବାଇ ଯିବାବେଳେ ତାଙ୍କ ବାସଭବନଠାରୁ ବିମାନବନ୍ଦର ପର୍ଯ୍ୟନ୍ତ ଯେପରି ଲୋକାରଣ୍ୟ ହୋଇଥିଲା ଓ ମହିଳାମାନେ ଲୁହଗଡ଼ାଇ ନବୀନଙ୍କ ଆରୋଗ୍ୟ କାମନା କରୁଥିଲେ ତାହା ଅନେକଙ୍କୁ ଭାବପ୍ରବଣ କରି ଦେଇଥିଲା। ଆଉ ଆଜି ରାଜ୍ୟର କୋଣ ଅନୁକୋଣରେ ପୂଜାର୍ଚ୍ଚନା ଓ ଦୀପଦାନ କରି ତାଙ୍କର ମଙ୍ଗଳ ମନାସୀଛନ୍ତି ରାଜ୍ୟବାସୀ । ଦିଲ୍ଲୀସ୍ଥିତ ଜଗନ୍ନାଥମନ୍ଦିରରେ ଓଡ଼ିଆ ସମାଜର ବହୁ ବ୍ୟକ୍ତିବିଶେଷ ଏକାଠି ହୋଇ ନବୀନଙ୍କ ଉତ୍ତମ ଚିକିତ୍ସା ପାଇଁ ଅଖଣ୍ଡ ଦୀପ ଜଳାଇଛନ୍ତି। ରାଜ୍ୟସଭା ସାଂସଦ ସୁଲତା ଦେଓ ଓ ପୂର୍ବତନ ରାଜ୍ୟସଭା ସାଂସଦ ଅମର ପଟ୍ଟନାୟକ ମଧ ଏହି ଅବସରରେ ଉପସ୍ଥିତ ଥଲେ।

ବିଜେଡି ବିଧାୟକ କଳିକେଶ ସିଂହଦେଓଙ୍କ ସହ ଶତାଧିକ ଲୋକ ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ସମଲେଶ୍ୱରୀ ମନ୍ଦିରରେ ନବୀନଙ୍କ ପାଇଁ ଅଖଣ୍ଡଦୀପ ଜଳାଇଛନ୍ତି। ବାଲେଶ୍ୱର ଜିଲ୍ଲା ବାବା ବକ୍ରେଶ୍ୱର ଶୈବ ପୀଠରେ ପୂର୍ବତନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀଙ୍କ ନେତୃତ୍ୱରେ ଆଜି ଶହଶହ ଲୋକ ନବୀନଙ୍କ ଆଶୁ ଆରୋଗ୍ୟ କାମନା କରି ୧୦୮ ଦୀପ ଦାନ କରିଛନ୍ତି। ମହିଳାମାନେ ଉପବାସ ରହି ନବୀନଙ୍କ ତ୍ୱରିତ ଆରୋଗ୍ୟ କାମନା କରିଛନ୍ତି। ସେ ଶୀଘ୍ର ସୁସ୍ଥ ହୋଇ ପୁଣି ଓଡ଼ିଶାକୁ ଆସି ଲୋକଙ୍କ ସେବା ଜାରି ରଖନ୍ତୁ ବୋଲି ପ୍ରାର୍ଥନା କରିଛନ୍ତି। ଉଦଳାରେ ପୂର୍ବତନ ଉଦଳା ବିଧାୟକ ଶ୍ରୀନାଥ ସୋରେନଙ୍କ ସମେତ ଉପଖଣ୍ଡର ବହୁ ଲୋକ ଉଦଳା ହନୁମାନ ମନ୍ଦିରରେ ପହଞ୍ଚି ନବୀନଙ୍କ ଆଶୁ ଆରୋଗ୍ୟ କାମନା କରି ୧୦୮ ଦୀପ ପ୍ରଜ୍ୱଳନ କରି ପୂଜାର୍ଚ୍ଚନା କରିଛନ୍ତି। ସେହିପରି ନବୀନଙ୍କ ଆଶୁ ଆରୋଗ୍ୟ କାମନା କରି ନୀଳଗିରିରେ ମଧ ମା' ଭୂଧାରଚଣ୍ଡୀଙ୍କ ନିକଟରେ ଦୀପଦାନ କରାଯାଇଛି। ଯାଜପୁରରେ ଭବପ୍ରସାଦ ଦାସଙ୍କ ନେତୃତ୍ୱରେ ବିରଜା ମନ୍ଦିର ଓ ଅନ୍ୟାନ୍ୟ ସ୍ଥାନରେ ନବୀନଙ୍କ ସୁସ୍ୱାସ୍ଥ୍ୟ ଓ ସଫଳ ଅସ୍ତ୍ରୋପଚାର କାମନା କରି ବହୁ ଲୋକ ପୂଜାର୍ଚ୍ଚନା କରିଛନ୍ତି । ପୁରୀରେ ମଧ ଜଗନ୍ନାଥ ମନ୍ଦିର ସମ୍ମୁଖରେ ଦୀପଦାନ କରି ଲୋକମାନେ ନବୀନଙ୍କ ସୁସ୍ୱାସ୍ଥ୍ୟ କାମନା କରିଛନ୍ତି । ସେହିପରି ଦେବଗଡ଼, ଢେଙ୍କାନାଳ, କଳାହାଣ୍ଡି, ବଲାଙ୍ଗିର, କଟକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ଗଞ୍ଜାମ, କୋରାପୁଟ ଜିଲ୍ଲାର ବିଭିନ୍ନ ସ୍ଥାନରେ ଲୋକମାନେ ଦୀପଦାନ ସହ ପୂଜାର୍ଚ୍ଚନା କରିଛନ୍ତି ।

ସନ୍ଧ୍ୟାରେ ବର୍ଷା ସତ୍ତ୍ୱେ ଶହ ଶହ ଲୋକ ରାମନ୍ଦିର ନିକଟରେ ଏକତ୍ର ହୋଇ ସନ୍ଧ୍ୟା ଆଳତୀ ସମୟରେ ନବୀନ ଉନ୍ନତ ସ୍ୱାସ୍ଥ୍ୟ ପାଇଁ ପ୍ରାର୍ଥନା କରିଛନ୍ତି। ଏଥିରେ ବିଜେଡି ବରିଷ୍ଠ ଉପସଭାପତି ଦେବୀପ୍ରସାଦ ମିଶ୍ର, ବିଧାୟକ ବ୍ୟୋମକେଶ ରାୟଙ୍କ ସହିତ ସୁଶାନ୍ତ ରାଉତ, ଅନନ୍ତ ନାରାୟଣ ଜେନା ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତ ରାୟଙ୍କ ସମେତ ବହୁ ନେତା ଓ ନେତ୍ରୀ ସାମିଲ ହୋଇଛନ୍ତି।

## ସାଂଘାତିକ... କଟକରେ ଛଦ୍ମବେଶୀ ଆଫଗାନୀ

■ ପରିଚୟ ବଦଳାଇ ଓଡ଼ିଶାରେ ରହି ଆସୁଛି
■ ଗିରଫ କଲା ଏୟାରପୋର୍ଟ ଥାନା ପୁଲିସ୍
■ ପ୍ୟାନ, ଆଧାର, ପାସ୍‌ପୋର୍ଟ ନକଲି

ଭୁବନେଶ୍ୱର, ୨୧।୬(ସମିସ): ୨୦୧୮ ମସିହାରୁ ବେଆଇନ ଭାବେ ଭାରତରେ ଛଦ୍ମ ବେଶରେ ରହିଆସୁଥିବା ଜଣେ ଧୂର୍ତ୍ତଙ୍କୁ ଏୟାରପୋର୍ଟ ଥାନା ପୁଲିସ୍ ଗିରଫ କରିଛି। ସେ ହେଲା, ଆଫଗାନିସ୍ତାନ କାବୁଲର ମହମ୍ମଦ ୟୁସୁଫ୍। ନକଲି ପାସ୍‌ପୋର୍ଟରେ ଦୁବାଇରୁ ଭୁବନେଶ୍ୱର ଫେରିବା ବେଳେ ଭୁବନେଶ୍ୱର ବିମାନବନ୍ଦରରେ ସେ ଧରାପଡ଼ିଛି। ତା' ନିକଟରୁ ପୁଲିସ୍ ଗୋଟିଏ ନକଲି ପାସ୍‌ପୋର୍ଟ ଏବଂ କିଛି ଜାଲ୍ କାଗଜପତ୍ର ଜବତ କରିଛି। ସେ କଟକର ମୋତି ଖାନଙ୍କ ପୁଅ ୟାହା ଖାନଙ୍କ ନାମରେ ଏକ ନକଲି ଭାରତୀୟ ପାସପୋର୍ଟ (ନମ୍ବର ୟୁ୧୩୮୦୨୫୧) କରିଥିଲା। ସେ ପରିଚୟ ବଦଳାଇ ଦୀର୍ଘ ଦିନ ହେଲା କଟକରେ ରହି ଆସୁଛି। ବିଜୁ ପଟ୍ଟନାୟକ ବିମାନବନ୍ଦରରର ଇମିଗ୍ରେସନ୍ ଡିଏସ୍‌ପି ସମାପିକା ପଟ୍ଟନାୟକଙ୍କ ଲିଖିତ ରିପୋର୍ଟ ଆଧାରରେ ପୁଲିସ୍ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି। ୟୁସୁଫ୍ କେବଳ ଜାଲ୍ ପାସ୍‌ପୋର୍ଟ ନୁହେଁ, ଏଠାରେ ରହି ସେ ଆଧାର କାର୍ଡ, ପ୍ୟାନ୍ କାର୍ଡ, ଭୋଟର୍ କାର୍ଡ ଓ ଡ୍ରାଇଭିଂ ଲାଇସେନ୍ସ ମଧ ଛଦ୍ମ ନାମରେ କରାଇନେଇଛି। ତେବେ ସେ କେଉଁ ଉଦ୍ଦେଶ୍ୟରେ ଓଡ଼ିଶାରେ ରହିଆସୁଛି; ସେନେଇ ପୁଲିସ୍ ତନାଘନା ଚଳାଇଛି।

ସୂଚନାଯୋଗ୍ୟ, ଗତକାଲି ୟୁସୁଫ୍ ଦୁବାଇ (ୟୁଏଇ)ରୁ ବିମାନ ନମ୍ବର (୬ଇ-୧୪୮୮)ରେ ଭୁବନେଶ୍ୱରର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିଥିଲା। ଏଠାରେ ସେ କଟକର ମୋତି ଖାନଙ୍କ ପୁଅ ୟାହା ଖାନଙ୍କ ନାମରେ ଏକ ନକଲି ଭାରତୀୟ ପାସପୋର୍ଟ (ନମ୍ବର ୟୁ୧୩୮୦୨୫୧) ଉପସ୍ଥାପନ କରିଥିଲା। ଇମିଗ୍ରେସନ୍ କ୍ଲିୟରାନ୍ସ ସମୟରେ ତା' ଉପରେ ଅଧିକାରୀଙ୍କ ସନ୍ଦେହ ହୋଇଥିଲା। ଇମିଗ୍ରେସନ୍ ଡିଏସ୍‌ପି ସମାପିକା ଏବଂ ଅନ୍ୟ କର୍ମଚାରୀମାନେ ବିସ୍ତୃତ ଯାଞ୍ଚ କରିବା ପରେ ଉକ୍ତ ପାସ୍‌ପୋର୍ଟ ନକଲି ବୋଲି ଜଣାପଡ଼ିଥିଲା।

ଅଭିଯୁକ୍ତ ବିରୋଧରେ କୋଲକାତା ବିମାନବନ୍ଦରରୁ ଏକ ଡିସ୍କ୍ରିଟ୍ ଏଲ୍ଓସି ଜାରି କରାଯାଇଥିଲା। ପରବର୍ତ୍ତୀ ଯାଞ୍ଚରୁ ଜଣାଯାଇଥିଲା ଯେ ବ୍ୟକ୍ତିଜଣକ ପ୍ରକୃତ ନାମ ମହମ୍ମଦ ୟୁସୁଫ୍। ସେ ଜଣେ ଆଫଗାନ ନାଗରିକ। ମୂଳ ପାସପୋର୍ଟ ନଂ -୦୨୪୫୭୬୫୫ ଧରି ୨୦୧୮ ରେ ବେଆଇନ ଭାବରେ ଭାରତରେ ପ୍ରବେଶ କରିଥିଲା। ଏକ ନକଲି ଭାରତୀୟ ପରିଚୟ ଗ୍ରହଣ କରିଥିଲା। ସେ ଜାଲ ଦସ୍ତାବିଜ୍ ବ୍ୟବହାର କରି ଆଧାର, ପ୍ୟାନ୍, ଭୋଟର ପରିଚୟପତ୍ର, ଡ୍ରାଇଭିଂ ଲାଇସେନ୍ସ ଏବଂ ପାସ୍‌ପୋର୍ଟ ଭଳି ଭାରତୀୟ ପରିଚୟପତ୍ର ଜାଲିଆତି କରି ସଂଗ୍ରହ କରିଥିଲା। ନିଜର ପ୍ରକୃତ ପରିଚୟ ଲୁଚାଇ ଓଡ଼ିଶାର କଟକରେ ରହୁଥିଲା। ସେ ରାଜ୍ୟ ବାହାରକୁ ଯାତ୍ରା କରିବା ପାଇଁ ମଧ ଜାଲ ପାସ୍‌ପୋର୍ଟର ବ୍ୟବହାର କରୁଥିଲା। ୟୁସୁଫଙ୍କୁ ପଚରାଉଚରା କରାଯିବା ପରେ ସେ



ସତ ମାନିଥିଲା। ଭାରତରେ ରହିବା ଏବଂ ବ୍ୟବସାୟ କରିବା ପାଇଁ ଜାଲ ପରିଚୟପତ୍ର ବ୍ୟବହାର କରିଥିବା ସ୍ୱୀକାର କରିଥିଲା। ତା' ବୟାନ ଆଧାରରେ ପୁଲିସ ତା' ଘରେ ଚଢ଼ଉ କରି ଏକାଧିକ ନକଲି କାଗଜପତ୍ର ଜବତ କରିଛି। ତା' ନିକଟରୁ ବିଭିନ୍ନ ଭାରତୀୟ ଏବଂ ବିଦେଶୀ ମୁଦ୍ରା, ଜାଲ୍ ପରିଚୟପତ୍ର (ଆଧାର ନମ୍ବର ୨୩୪୭ ୧୬୪୯ ୪୩୭୮, ଭୋଟର ଆଇଡି, ଗୋଟିଏ ମୋବାଇଲ୍ ଫୋନ୍, ଦୁଇଟି ସୁନା କାନଫୁଲ ଏବଂ ନଗଦ ୩୦,୦୦୦ ଟଙ୍କା ଜବତ କରାଯାଇଥିଲା। ଏହା ବ୍ୟତୀତ, ତଲାସି ସମୟରେ ୟାହା ଖାନଙ୍କ ନାମରେ ଥିବା ବ୍ୟାଙ୍କ ଡକ୍ୟୁମେଣ୍ଟ ଏବଂ ନଗଦ ୫୦ହଜାର ଟଙ୍କା ମଧ ପୁଲିସ୍ ଜବତ କରିଛି।

## ଡାଇରିଆ ସ୍ଥିତି ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

ରାସ୍ତାକଡ଼ ଖାଦ୍ୟ ପଦାର୍ଥର କଡ଼ାକଡ଼ି ଯାଞ୍ଚ ନିର୍ଦ୍ଦେଶ

ଭୁବନେଶ୍ୱର,୨୧।୬(ସମିସ): ରାଜ୍ୟର ୬ଟି ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଦେଖାଦେଇଥିବା ଡାଇରିଆ ପରିସ୍ଥିତି ଓ ଏହାର ନିୟନ୍ତ୍ରଣ ପାଇଁ ଗ୍ରହଣ କରାଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଲୋକସେବା ଭବନଠାରେ ସମୀକ୍ଷା କରିଛନ୍ତି। ଯେଉଁଠାରେ ରୋଗର ଆଶଙ୍କା ଅଛି କିନ୍ତୁ କେସ ନାହିଁ, ସେଠାରେ ଆଗୁଆ ପ୍ରତିରୋଧକ ବ୍ୟବସ୍ଥା ଗ୍ରହଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେବା ସହିତ ଦଶହରା ପର୍ଯ୍ୟନ୍ତ ସମସ୍ତ ପ୍ରଭାବିତ ଏବଂ ସମ୍ଭାବ୍ୟ ପ୍ରଭାବିତ ଅଞ୍ଚଳରେ ପ୍ରସ୍ତୁତ ରହିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ସେହିପରି ରାସ୍ତା କଡ଼ରେ ବିକ୍ରି ହେଉଥିବା ଖାଦ୍ୟଗୁଡ଼ିକର କଡ଼ାକଡ଼ି ଯାଞ୍ଚ ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି।



ସ୍ୱାସ୍ଥ୍ୟବିଭାଗପକ୍ଷରୁମୁଖ୍ୟମନ୍ତ୍ରୀଙ୍କୁ ଦିଆଯାଇଥିବା ସୂଚନା ଅନୁସାରେ ବର୍ତ୍ତମାନ ସୁଦ୍ଧା ରାଜ୍ୟର ସମସ୍ତ ପ୍ରଭାବିତ ଜିଲ୍ଲାଗୁଡ଼ିକରେ ସମୁଦାୟ ୩୮୯୨ ଜଣ ରୋଗଗ୍ରସ୍ତ ହୋଇଥିବା ବେଳେ ୩୫୪୩ ଜଣ ସୁସ୍ଥ ହୋଇସାରିଛନ୍ତି। ୨୫୪ ଜଣ ଏବେ ବି ଚିକିତ୍ସାଧୀନ ଅଛନ୍ତି। ମିଶନଶକ୍ତି ବିଭାଗ ପକ୍ଷରୁ ଡାଇରିଆ ନିବାରଣ ପାଇଁ ମହିଳା ଏସଏଚଜି ସଦସ୍ୟଙ୍କ ମାଧ୍ୟମରେ ସଚେତନତା ଅଭିଯାନ ବି ଜାରି ରହିଛି। ଆଶା ଦିଦି, ଅଙ୍ଗନବାଡି କର୍ମୀ, ମହିଳା ଏସଏଚଜି ସଦସ୍ୟାମାନେ ସମସ୍ତ ପରିବାରଙ୍କ ନିକଟରେ ସଚେତନତା ବାର୍ତ୍ତା ପହଞ୍ଚାଇବା ପାଇଁ ଅଭିଯାନରେ ସକ୍ରିୟ ଭାବରେ ସଂଶ୍ଳିଷ୍ଟ ଅଛନ୍ତି। ବୈଠକରେ ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ, ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ସ୍ୱାସ୍ଥ୍ୟ ବିଭାଗ ପ୍ରମୁଖ ଶାସନ ସଚିବ ଅଶ୍ୱଥି ଏସଙ୍କ ସମେତ ବିଭିନ୍ନ ପ୍ରମୁଖ ଶାସନ ସଚିବ ଉପସ୍ଥିତ ଥିଲେ।

## ଚଳନ୍ତା ବାଇକ୍‌ରେ ବ୍ୟବସାୟୀଙ୍କୁ ଗୁଳିମାଡ଼



ଭଦ୍ରକ,୨୧।୬(ସମିସ): ଭଦ୍ରକ ସହର ଚରମ୍ପା ଛକ ନିକଟରେ ଜଣେ ବ୍ୟବସାୟୀଙ୍କୁ ଗୁଳିମାଡ଼ ହୋଇଛି। ଗୁଳିମାଡ଼ର ଶିକାର ହୋଇଛନ୍ତି ଭଦ୍ରକ ଗ୍ରାମାଞ୍ଚଳ ଥାନା ବେଳାମଳା ଗ୍ରାମର ବିଦ୍ୟାଧର ପାତ୍ର। ଚରମ୍ପାସ୍ଥିତ ନିଜ ଦୋକାନ ବନ୍ଦ କରି ଘରକୁ ଯାଉଥିବା ସମୟରେ କେତେକ ଦୁର୍ବୃତ୍ତ ଆସି ଗୁଳି ଫୁଟାଇଥିଲେ। ଲୁଟ୍ ଉଦ୍ଦେଶ୍ୟରେ ବିଦ୍ୟାଧରଙ୍କୁ ଗୁଳିମାଡ଼ କରାଯାଇଥିବା ସନ୍ଦେହ କରାଯାଉଛି। ଗୁଳି ଶବ୍ଦ ଶୁଣି ସ୍ଥାନୀୟ ଲୋକେ ଦୌଡ଼ି ଆସିବାରୁ ଦୁର୍ବୃତ୍ତମାନେ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁଯାୟୀ, ଦୁର୍ବୃତ୍ତମାନେ ଦୁଇରାଉଣ୍ଡ ଗୁଳି ଫୁଟାଇଥିଲେ। ଫଳରେ ବାଇକ୍‌ରେ ଯାଉଥିବା ବିଦ୍ୟାଧର ରାସ୍ତାରେ ଟଳି ପଡ଼ିଥିଲେ। ତାଙ୍କୁ ଉଦ୍ଧାର କରି ଭଦ୍ରକ ମେଡିକାଲରେ ଭର୍ତ୍ତି କରାଯାଇଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ଦିନକୁ ୧୫ ଦୁଷ୍କର୍ମ ସରକାରଙ୍କ ଉପଲବ୍ଧି

**ଡବଲ ଇଞ୍ଜିନ, ଡବଲ ଧୋକା**

ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପରେ ବିଜେପିକୁ ଘେରିଲା ବିଜେଡି

ଭୁବନେଶ୍ୱର,୨୧।୬(ସମିସ): ଶୁକ୍ରବାର ରାଜ୍ୟ ସରକାରଙ୍କ ବର୍ଷପୂର୍ତ୍ତି ସମାରୋହରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିବା ଓଡ଼ିଶାର ଭିଜନ ଡକ୍ୟୁମେଣ୍ଟକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି ବିଜେଡି । ଅନ୍ୟ ରାଜ୍ୟଗୁଡ଼ିକର ବିକାଶ ଲକ୍ଷ୍ୟ ୧୫% ରଖାଯାଇଥିବାବେଳେ ଭିଜନ ଡ଼କୁମେଣ୍ଟରେ ଓଡ଼ିଶାର ବିକାଶ ହାର ୯ ପ୍ରତିଶତ ରଖାଯିବାକୁ ନେଇ ଡ଼ବଲ ଇଞ୍ଜିନ୍ ସରକାରରେ ବିକାଶ ନୁହେଁ, ଧୋକ୍କା ଡ଼ବଲ ମିଳିଛି ବୋଲି ବିଜେଡ଼ି କଟାକ୍ଷ କରିଛି ।

ଶନିବାର ଶଙ୍ଖ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ରାଜନୈତିକ ବ୍ୟାପାର କମିଟି ସଦସ୍ୟ ସଞ୍ଜୟକୁମାର ଦାସବର୍ମା କହିଛନ୍ତି ଯେ ଶ୍ରୀମନ୍ଦିର ତଥା ତୀର୍ଥକ୍ଷେତ୍ର ପୁରୀର ବିକାଶ ପାଇଁ ନବୀନ ସରକାରଙ୍କ ଦ୍ୱାରା ବ୍ୟାପକ କାର୍ଯ୍ୟକ୍ରମ କରାଯାଇଥିଲା ବେଳେ ଗତ ଏକ ବର୍ଷରେ ବିକାଶ କାର୍ଯ୍ୟ ବନ୍ଦ ହୋଇ ଯାଇଛି। ଗତ ନିର୍ବାଚନ ସମୟରେ ବିଜେପି ଶ୍ରୀମନ୍ଦିରର ରତ୍ନଭଣ୍ଡାର ଚାବି ଚୋରି ହୋଇଥିବା ଉଲ୍ଲେଖ କରି ପାତାଳରେ ବି ରହିଥିଲେ ମଧ ଆମେ ତାକୁ ଖୋଜି ଆଣିବୁ ବୋଲି ଦମ୍ଭୋକ୍ତି କରିଥିଲେ; କିନ୍ତୁ ସରକାରକୁ ଆସିବା ପରେ ସେମାନେ ସ୍ୱର ବଦଳାଇ ଦେଇଛନ୍ତି। ଉଚ୍ଚ ନ୍ୟାୟାଳୟରେ ସରକାର ଚାବି କଥା ସାର୍ବଜନୀନ କଥା ସାର୍ବଜନୀନ କରାଯାଇ ପାରିବ ନାହିଁ ବୋଲି କହିଛନ୍ତି। ସେହିପରି ରତ୍ନଭଣ୍ଡାରର ଗଣତି ମଣତି ହେବ ବୋଲି ପ୍ରତିଶ୍ରୁତି ମିଛ ପ୍ରମାଣିତ ହୋଇଛି। ଶ୍ରୀମନ୍ଦିର ପରିଚାଳନା କମିଟିର ଅବଧି ଶେଷ ହେବାର ୯ ମାସ ବିତି ଯାଇଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ ନୂତନ କମିଟି ଗଠନ ହୋଇପାରି ନାହିଁ। ୨୦୨୪-୨୫ ଆର୍ଥିକ ବର୍ଷରେ ଓଡିଶାକୁ ପୂର୍ବ ବର୍ଷ ତୁଳନାରେ ୧୮.୧୯ ପ୍ରତିଶତ ଅନୁଦାନ କମିବା ବିଜେପିର ଡବଲ ଇଞ୍ଜିନ ଡବଲ ବିକାଶ ସ୍ଲୋଗାନ ମହାମିଛ ବୋଲି ପ୍ରମାଣିତ ହୋଇଛି। ଗତ ବଜେଟରେ ଦେଶର ୧୨ଟି ସହରକୁ ଶିଳ୍ପ ସହର ଭାବେ ଗଢି ତୋଳିବା ପାଇଁ କେନ୍ଦ୍ର ସରକାର ଘୋଷଣା କରିଥିଲେ ହେଁ ଏଥିରେ ଓଡ଼ିଶାରୁ କୌଣସି ସହର ସ୍ଥାନ ପାଇନାହିଁ।

ବରିଷ୍ଠ ନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ କହିଛନ୍ତି ଯେ ଗତ ଏକ ବର୍ଷରେ ରାଜ୍ୟର ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇ ପଡିଛି। ରାଜ୍ୟରେ ପ୍ରତିଦିନ ୧୫ଟି ମହିଳା ଦୁଷ୍କର୍ମର ଶିକାର ହେଉଛନ୍ତି। ରାଜ୍ୟରେ ଦୁଷ୍କର୍ମ ପ୍ରାୟ ୮ ପ୍ରତିଶତ ବୃଦ୍ଧି ପାଇଥିବା



■ ବର୍ଷକରେ କେନ୍ଦ୍ରୀୟ ଅନୁଦାନ ୧୮.୧୯ % ହ୍ରାସ
■ ଶ୍ରୀମନ୍ଦିର ସଂକ୍ରାନ୍ତ ପ୍ରତିଶ୍ରୁତି ପ୍ରତାରଣାରେ ପରିଣତ

ସରକାର ସ୍ୱୀକାର କରିଛନ୍ତି। ଦେଶର ଅପରାଧ ପ୍ରବଣ ରାଜ୍ୟର ତାଲିକାରେ ଓଡ଼ିଶା ଅଷ୍ଟମ ସ୍ଥାନ ହାସଲ କରିଛି । ସୁଭଦ୍ରା ଯୋଜନାରେ ବିଜେପି ପକ୍ଷରୁ ରାଜ୍ୟର ପ୍ରତ୍ୟେକ ମହିଳାଙ୍କୁ ଦୁଇ ବର୍ଷରେ ୫୦ ହଜାର ଟଙ୍କା ଦିଆଯିବ ବୋଲି କୁହା ଯାଇଥିଲା। ମାତ୍ର ଏବେ ବର୍ଷକୁ ପାଞ୍ଚ ପାଞ୍ଚ ହଜାର ଦୁଇ କିସ୍ତିରେ ଦେଇ ୧୭ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି କରିଥିବା ମିଛ ପ୍ରଚାର କରାଯାଉଛି। ନବୀନ ସରକାରଙ୍କ ସମୟରେ, ରାଜ୍ୟର ଆଦିବାସୀ ମାନଙ୍କ ବିକାଶ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଆରମ୍ଭ କରିଥିବା ବେଳେ ଏହାକୁ ବର୍ତ୍ତମାନର ସରକାର ବନ୍ଦ କରି ଦେଇଛନ୍ତି।

ବରିଷ୍ଠ ନେତା ଭୃଗୁ ବକ୍ସିପାତ୍ର କହିଛନ୍ତି ଯେ ପ୍ରଧାନମନ୍ତ୍ରୀଙ୍କୁ ଗତକାଲି ରାଜ୍ୟ ସରକାର ବିଭ୍ରାନ୍ତ କରିଛନ୍ତି। ଓଡ଼ିଶାର ବାସ୍ତବ ଚିତ୍ର ପ୍ରଧାନମନ୍ତ୍ରୀଙ୍କ ସମ୍ମୁଖରେ ଉପସ୍ଥାପନ କରାଯାଇ ନାହିଁ। ପ୍ରଧାନମନ୍ତ୍ରୀ ଯେଉଁ ଓଡ଼ିଶା ବିକାଶର ମୁଖଶାଳା ହେବ ବୋଲି କହୁଛନ୍ତି, ସେହି ରାଜ୍ୟ ଚାଳିଶ ବର୍ଷର ବ୍ୟବଧାନ ପରେ ଆଜି ମହାମାରୀ କଲେରାରେ ଆକ୍ରାନ୍ତ। ଅଧା ଓଡ଼ିଶାବାସୀ ଆଜି କଲେରା ଓ ଡ଼ାଇରିଆ ରୋଗରେ କଲବଲ ହେଉଛନ୍ତି। ଏପଟେ ରାଜ୍ୟ ସରକାର ଉତ୍ସବରେ ମାତିଛନ୍ତି। ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟମନ୍ତ୍ରୀ ଡ଼ାଇରିଆ ଡ୍ୟାନ୍ସ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି, ଯାହା କଲେରା ଓ ଡ଼ାଇରିଆ ରୋଗରେ ପୀଡିତ ରୋଗୀ ମାନଙ୍କ ପାଇଁ କଟା ଘାଆରେ ଚୂନ ସଦୃଶ୍ୟ ହୋଇଛି ବୋଲି ସେ ମତବ୍ୟକ୍ତ କହିଛନ୍ତି ।



ପନ୍ତଙ୍କ
ରେକର୍ଡ ଶତକ
▶ପୃଷ୍ଠା ୧୨ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-354 ◆BHUBANESWAR ◆SUNDAY ◆22 JUNE 2025 ◆PAGE-12 ◆₹ 6.00

◆ବର୍ଷ-୪୨ ◆ସଂଖ୍ୟା-୩୫୪ ◆ଭୁବନେଶ୍ୱର ◆ରବିବାର ◆୨୨ ଜୁନ୍ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦ (ସିନ୍ଦୂରା ସହ)


### ନିଜ ନାଗରିକଙ୍କ ପାଇଁ ଆମେରିକାର ମାର୍ଗଦର୍ଶିକା

# ଓଡ଼ିଶା ଅସୁରକ୍ଷିତ

### ଓଡ଼ିଶା, ବିହାର, ଝାଡ଼ଖଣ୍ଡ, ଛତିଶଗଡ଼, ପଶ୍ଚିମବଙ୍ଗ, ମେଘାଳୟ ନ ଯିବାକୁ ପରାମର୍ଶ

### ଭାରତରେ ଦ୍ରୁତଗତିରେ ବୃଦ୍ଧି ପାଉଥିବା ଅପରାଧ ମଧ୍ୟରେ ବଳାତ୍କାର ସଂଖ୍ୟା ସର୍ବାଧିକ

■ **ଭୁବନେଶ୍ୱର, ୨୧।୬ (ସମିସ):** ଭାରତରେ ବୃଦ୍ଧି ପାଉଥିବା ଦୁଷ୍କର୍ମ, ଅପରାଧ ଓ ଆତଙ୍କବାଦ କାର୍ଯ୍ୟକଳାପକୁ ନେଇ ଚିନ୍ତା ପ୍ରକଟ କରିଛି ଯୁକ୍ତରାଷ୍ଟ୍ର ଆମେରିକା। ଭାରତ ଗସ୍ତରେ ଆସୁଥିବା ନିଜ ଦେଶର ପର୍ଯ୍ୟଟକ ଓ ଭାରତରେ ରହୁଥିବା ଆମେରିକୀୟଙ୍କ ସୁରକ୍ଷା ନିମନ୍ତେ ଟ୍ରମ୍ପ ପ୍ରଶାସନ ଚିନ୍ତାପ୍ରକଟ କରିବା ସହ ମାର୍ଗଦର୍ଶିକା ଜାରି କରିଛି। ବିଡ଼ମ୍ବନା ହେଉଛି ଯେ ଭାରତର ଯେଉଁ ୬ ରାଜ୍ୟକୁ ଆମେରିକା ଅସୁରକ୍ଷିତ ମନେ କରୁଛି, ସେହି ରାଜ୍ୟଗୁଡ଼ିକ ମଧ୍ୟରେ ସ୍ଥାନ ପାଇଛି ଓଡ଼ିଶା। ଆମେରିକାର ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଓଡ଼ିଶା, ବିହାର, ଛତିଶଗଡ଼, ମେଘାଳୟ, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଗସ୍ତ ନିମନ୍ତେ ନିଜ ନାଗରିକଙ୍କ ପାଇଁ ଦ୍ୱିତୀୟ ବର୍ଗ (ଲେଭଲ-୨) ସତର୍କସୂଚନା ଜାରି କରିଛି। ଓଡ଼ିଶାରେ ଆଇନଶୃଙ୍ଖଳା ଅବସ୍ଥାର ସାଂଘାତିକ ଅବନତିକୁ ଏହା ସୂଚାଉଛି ଓ ରାଜ୍ୟ ପାଇଁ ଲଜ୍ଜାଜନକ ପରିସ୍ଥିତି ସୃଷ୍ଟି କରିଛି। ସମ୍ଭବତଃ ପ୍ରଥମଥର ପାଇଁ ଶାନ୍ତିପ୍ରିୟ ରାଜ୍ୟ ଓଡ଼ିଶା ବିଶ୍ୱସ୍ତରରେ ଅଶାନ୍ତ ଓ ଅସୁରକ୍ଷିତ ରାଜ୍ୟ ରୂପେ କୁଖ୍ୟାତି ଅର୍ଜନ କରିଛି। ଆମେରିକାର ବୈଦେଶିକ ମନ୍ତ୍ରଣାଳୟର ଏପରି ସତର୍କ ସୂଚନା ପରେ ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି କ'ଣ ତାହା ସ୍ୱତଃ ପ୍ରମାଣିତ ହୋଇଛି ।

ଭାରତରେ ବଢ଼ୁଥିବା ଅପରାଧ, ଦୁଷ୍କର୍ମ ଓ ଆତଙ୍କବାଦକୁ ଦୃଷ୍ଟିରେ ରଖି ଆମେରିକା ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ମାର୍ଗଦର୍ଶିକା ଜାରି କରାଯାଇଛି। ଏଥିରେ ଭାରତର ପର୍ଯ୍ୟଟନସ୍ଥଳଗୁଡ଼ିକରେ ପର୍ଯ୍ୟଟକଙ୍କ ପ୍ରତି ବଢ଼ୁଥିବା ଅସଦାଚରଣ ଏବଂ ଅପରାଧକୁ ସର୍ବାଧିକ ସ୍ପର୍ଶକାତର ବୋଲି କୁହାଯାଇଛି। ଭାରତରେ ଆତଙ୍କବାଦ ଓ ଦୁଷ୍କର୍ମ ସର୍ବାଧିକ ବୃଦ୍ଧି ପାଇଛି । ତେଣୁ ଓଡ଼ିଶା, ବିହାର, ଝାରଖଣ୍ଡ, ପଶ୍ଚିମବଙ୍ଗ, ମେଘାଳୟ ଓ ଛତିଶଗଡ଼ ଏକାକୀ ନ ଯିବାପାଇଁ ମହିଳାମାନଙ୍କୁ ପରାମର୍ଶ ଦିଆଯାଇଛି। ଏହା ସହ ପୂର୍ବ ମହାରାଷ୍ଟ୍ର, ଉତ୍ତର ତେଲଙ୍ଗାନା, ▶ପୃଷ୍ଠା-୭

## ୨୪ରୁ ପୁଣି ବଢ଼ିବ ବର୍ଷା

■ **ଭୁବନେଶ୍ୱର, ୨୧।୬ (ସମିସ):** ରାଜ୍ୟର ବିଭିନ୍ନ ଜିଲ୍ଲାରେ ବର୍ଷାର ପ୍ରଭାବ ହ୍ରାସ ପାଇଛି । ମାତ୍ର ରବିବାରଠାରୁ ମୌସୁମୀ ନିମ୍ନ ଚାପ ପ୍ରଭାବରେ ରାଜ୍ୟରେ ବର୍ଷାର ପ୍ରଭାବ ସାମାନ୍ୟ ବୃଦ୍ଧି ପାଇବ । ତେବେ ଉତ୍ତର ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ସମ୍ଭାବନା ଥିବାରୁ ୨୪ତାରିଖରୁ ରାଜ୍ୟରେ ବର୍ଷାର ପ୍ରଭାବ ବୃଦ୍ଧି ପାଇବ ଏବଂ ଅଧିକାଂଶ ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ ବୋଲି ପାଣିପାଗ ବିଭାଗ ଆକଳନ କରିଛି। ଏହି ଘୂର୍ଣ୍ଣିବଳୟ ପ୍ରଭାବରେ ଏକ ▶ପୃଷ୍ଠା-୭


SIKSHA 'O' ANUSANDHAN

SAAT-2025

Empowering students for a brighter future

MANAGEMENT PROGRAMMES OFFERED
- BBA
- MBA
- Integrated MBA
- MBA (Hospital Administration)
- MBA (Artificial Intelligence and Data Science)

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2024
- 14th Best in University Category
- 62nd Best in Management Category

INTERNATIONAL RANKINGS 2025
- Ranked in QS World Rankings 2025
- Ranked in Times World Rankings 2025

To apply for admission through SAAT, Please visit: www.soa.ac.in


### ଓଡ଼ିଶାରେ ନିବେଶ ନିମନ୍ତେ କମ୍ପାନୀଙ୍କୁ ମିଳୁନାହାନ୍ତି ପ୍ରମୋଟର

# ରାଜ୍ୟ ହରାଉଛି ନିବେଶକଙ୍କ ବିଶ୍ୱାସ

### ▶ ଆର୍ସେଲର ମିତ୍ତଲ, ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପ ରାସ୍ତାରେ ୱାରୀ

### ▶ ନିଷ୍ପତ୍ତିର ଦିନକ ପରେ କମ୍ପାନୀର ସ୍ପଷ୍ଟୀକରଣ ବଢ଼ାଇଲା ଦ୍ୱନ୍ଦ୍ୱ

■ **ଭୁବନେଶ୍ୱର, ୨୧।୬ (ସମିସ):** ସରକାର ଓଡ଼ିଶାରେ ବିପୁଳ ନିବେଶର ସ୍ୱପ୍ନ ଦେଖାଉଛନ୍ତି। ୨୦୩୬ ସୁଦ୍ଧା ରାଜ୍ୟ ଶିଳ୍ପସମୃଦ୍ଧ ହେବ ବୋଲି କହୁଛନ୍ତି। ମାତ୍ର ବିଡ଼ମ୍ବନା ହେଉଛି ଯେ ରାଜ୍ୟରେ ଶିଳ୍ପ ସ୍ଥାପନ ନିମନ୍ତେ ପ୍ରତିଶ୍ରୁତି ଦେଇଥିବା ଅନେକ କମ୍ପାନୀ ଓ ନିବେଶକଙ୍କୁ ପ୍ରମୋଟର ମିଳୁନାହାନ୍ତି। ରାଜ୍ୟର ସାମ୍ପ୍ରତିକ ସ୍ଥିତି, ରାଜନୈତିକ ଅସ୍ଥିରତା, ଆଇନଶୃଙ୍ଖଳା ପରିସ୍ଥିତି ଓଡ଼ିଶାରେ ନିବେଶ ନିମନ୍ତେ ନିବେଶକଙ୍କୁ ଅନାଗ୍ରହୀ କରିଛି। ନିବେଶକମାନେ ଓଡ଼ିଶା ଉପରୁ ଆସ୍ଥା ହରାଇବାରେ ଲାଗିଛନ୍ତି। ଗତ ସରକାର ସମୟରେ ଶିଳ୍ପ ସ୍ଥାପନ ନିମନ୍ତେ ବୁଝାମଣା କରିଥିବା ଅନେକ ସଂସ୍ଥା ଏଯାଏ ଜମି ଅଧିଗ୍ରହଣ କ୍ଷେତ୍ରରେ ଯାବତୀୟ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସ୍ଥାନୀୟ ଅଞ୍ଚଳରେ ଶାସକ ଦଳର ନେତାମାନଙ୍କ ରାଜନୈତିକ ହସ୍ତକ୍ଷେପ ଓ ଆଇନଶୃଙ୍ଖଳା ସ୍ଥିତି ସେମାନଙ୍କୁ ଓଡ଼ିଶାରେ ଶିଳ୍ପ ସ୍ଥାପନ ନିମନ୍ତେ ବୀତସ୍ପୃହ କରିଛି। ପରିଣାମ ସ୍ୱରୂପ କଟକ ଜିଲ୍ଲାର ନରାଜରେ ପ୍ରସ୍ତାବିତ ଜେଏସ୍‌ଡବ୍ଲ୍ୟୁ ଇଭି କାରଖାନା, କେନ୍ଦ୍ରାପଡ଼ାରେ ଆର୍ସେଲର ମିତ୍ତଲ-ନିପ୍ପନ ଷ୍ଟିଲ କାରଖାନା ବିଳମ୍ବିତ ହୋଇ ଚାଲିଛି। ଏହି ଦୁଇ ପ୍ରକଳ୍ପର ଭବିଷ୍ୟତ ଏବେ ବି ଅନିଶ୍ଚିତ। ▶ପୃଷ୍ଠା-୭


Join EXCELSIOR to RISE HIGHER

TOP 20-A1 Rankers 2025




Result Analysis AHSE-2025

| PERCENTAGE | MARKS | STRENGTH |
|---|---|---|
| 90% & ABOVE | 540 & ABOVE | 73 |
| 85% & ABOVE | 510 & ABOVE | 133 |
| 500 & ABOVE | | 148 |
| 80% & ABOVE | 480 & ABOVE | 199 |
| 75% & ABOVE | 450 & ABOVE | 239 |
| 70% & ABOVE | 420 & ABOVE | 273 |
| 60% & ABOVE | 360 & ABOVE | 314 |

| | | |
|---|---|---|
| TOTAL STUDENTS APPEARED | 314 | % |
| TOTAL STUDENTS PASSED | 314 | 100% |
| TOTAL 1st DIVISION | 314 | 100% |
| HIGHEST INDIVIDUAL SCORE IN AHSE 2025 | | 570 |
| NO. OF STUDENTS WHO EXCEEDED THEIR 10th% | | 221 |
| NO. OF STUDENTS WHO MAINTAINED THEIR 10th% | | 76 |

26 STUDENTS WITH 90% IN 10TH HAD JOINED WITH US.
73 STUDENTS HAVE SECURED 90% IN A.H.S.E. EXAM.

IMPROVEMENT ANALYSIS

| 10TH DATA | PERCENTAGE | 12TH RESULT DATA |
|---|---|---|
| 26 STUDENTS | ABOVE 90% | 73 STUDENTS |
| 53 STUDENTS | ABOVE 85% | 60 STUDENTS |
| 84 STUDENTS | ABOVE 80% | 66 STUDENTS |
| 103 STUDENTS | ABOVE 75% | 40 STUDENTS |
| 33 STUDENTS | ABOVE 70% | 34 STUDENTS |
| 15 STUDENTS | ABOVE 60% | 41 STUDENTS |

OUR BEST ACADEMIC ACHIEVEMENT IN A.H.S.E. 2025 - PRANAKRUSHNA MAHANTA, WHO HAD SECURED 72% IN MATRIC SECURED 92% IN A.H.S.E. EXAM.

ଉତିଷ୍ଠତ ଜାଗ୍ରତ

Excelsior Science Residential Higher Secondary School (CHSE)
Permanently Recognized by Govt. of Odisha
Chhotraypur, Jajpur Road, Jajpur

For Admission please Contact:

| | |
|---|---|
| CHSE - | 9437189122, 9437064112, 8457022795, 9437071103, 7978075324, 8328948954. |
| CBSE - | 7008136699, 8249205993, 8596846553. |

**ବିଭିନ୍ନ ସ୍ଥାନରେ ଯୋଗ ଦିବସ**

# ‘ଶାରୀରିକ ଦକ୍ଷତା ଓ ସୁସ୍ଥ ମାନସିକତା ପାଇଁ ଯୋଗ ଅନିବାର୍ଯ୍ୟ’

ଅସ୍ତରଙ୍ଗ,୨୧।୬(ସମିସ)

ସାରା ବିଶ୍ୱରେ ୧୧ତମ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଛି। ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣ ପରେ ଅସ୍ତରଙ୍ଗ ବ୍ଲକ୍ ନରେନ୍ଦ୍ର ଷ୍ଟାଡିୟମ୍‌ରେ ଏହି ଯୋଗ ଶିବିର ଉଦ୍‌ଘାଟନ ହୋଇଥିଲା। “ଏକ ପୃଥିବୀ ଏକ ସ୍ୱାସ୍ଥ୍ୟ’ର ନାରାରେ ଷ୍ଟାଡିୟମ୍‌ରେ ଏକତ୍ରିତ ହୋଇଥିଲେ ୫୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ, ଅଭିଭାବକ, ଶିକ୍ଷକଶିକ୍ଷୟିତ୍ରୀ ଓ ଅସ୍ତରଙ୍ଗ ବ୍ଲକ୍ କର୍ମଚାରୀ, ସୁନ୍ଦର ସ୍ୱାସ୍ଥ୍ୟ ପାଇଁ ଯୋଗର ନିତାନ୍ତ ଆବଶ୍ୟକ, ସୁନ୍ଦର ପରିବେଶ ଗଠନ ସହ ଶାରୀରିକ ଦକ୍ଷତା, ସୁସ୍ଥ ମାନସିକତା ଗଠନ କରିବାକୁ ହେଲେ ଯୋଗ ପ୍ରାଣାୟାମ ଆବଶ୍ୟକ ଅନିବାର୍ଯ୍ୟ ବୋଲି ଉପସ୍ଥିତ ଅତିଥି ଓ ଯୋଗ ଗୁରୁମାନେ ଉଦ୍‌ବୋଧନ ଦେଇଛନ୍ତି। ଅସ୍ତରଙ୍ଗ ମଣ୍ଡଳ ଉନ୍ନୟନ ଅଧିକାରୀ ସସ୍ମିତା ବେହେରାଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନ୍ୟ ଅତିଥିଙ୍କ ମଧ୍ୟରେ ଜଗତସିଂହପୁର ସାଂସଦଙ୍କ ଅସ୍ତରଙ୍ଗ ପ୍ରତିନିଧି ଦିବାକର ଛାଟୋଇ, ଅସ୍ତରଙ୍ଗ ସରପଞ୍ଚ ରାମଚନ୍ଦ୍ର କାଣ୍ଡି, ପଣ୍ଡିତ କାଳନ୍ଦୀ ଛାଟୋଇ ଓ ଅନ୍ୟ ଯୋଗଗୁରୁମାନେ ଉପସ୍ଥିତ ରହି ଆସିଥିବା ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କୁ ସୁସ୍ଥ ସମାଜ ଗଠନ ପାଇଁ ଯୋଗର ଆବଶ୍ୟକତା ଉପରେ ବୁଝାଇଥିଲେ।




## ବଲାଙ୍ଗୀ

ବଲାଙ୍ଗୀ ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନ୍ତର୍ଜାତୀୟ ୧୧ତମ ଯୋଗ ଦିବସ ଅବସରରେ ଯୋଗାଭ୍ୟାସ ସଚେତନତା ତଥା ଯୋଗ ପ୍ରଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରଶନ୍ନ ଦାଶ, ସରୋଜ ସାହୁ, ପ୍ରଭାକର ନାୟକ, ରଞ୍ଜନ ପ୍ରଧାନ, ସନ୍ତୋଷ କୁମାର ପତି, ସୁକାନ୍ତ ବରାଳ, ଦିଜବର ସ୍ୱାଇଁ ପ୍ରମୁଖ ଯୋଗ ପ୍ରାଣାୟାମ କରାଇଥିଲେ। ବଲାଙ୍ଗୀ ମହାବିଦ୍ୟାଳୟରେ ଅଧ୍ୟକ୍ଷ ପ୍ରଭାତ କୁମାର ସାହୁ, ପ୍ରଦୋଷ କୁମାର ପତି, ବ୍ରଜବନ୍ଧୁ ପ୍ରଧାନ, ସମସ୍ତ କର୍ମଚାରୀ ଓ ଛାତ୍ରଛାତ୍ରୀ ଯୋଗ ଦିବସ ପାଳିଥିଲେ। ସେହିଭଳି ସରସ୍ୱତୀ ଶିଶୁମନ୍ଦିର ବାଲିଘାଇ, ପଞ୍ଚାୟତ ଉଚ୍ଚ ଭାଣପୁର, ଧନୁଆଁ ଉଚ୍ଚ କୋଟକୁସାଙ୍ଗ, ସରକାରୀ ଉନ୍ନିତ ଉଚ୍ଚ କମାକନ୍ତିଆ, ବଲାଙ୍ଗୀଠାରେ ମାନଗୋବିନ୍ଦ ସେଠୀ ଓ ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ବିଭିନ୍ନ ଯୋଗମୁଦ୍ରା ପ୍ରଶିକ୍ଷଣରେ ଅଂଶଗ୍ରହଣ କରିଥିଲେ। ସେହିପରି ବଲାଙ୍ଗୀ ମଣ୍ଡଳ ଅନ୍ତର୍ଗତ ଶାଇଁସ ଶାସନ ପଞ୍ଚାୟତ, ନୂଆସନ୍ଥ ପଞ୍ଚାୟତରେ ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି।



## ଚାରିଛକ

ଚାରିଛକସ୍ଥିତ ଏକାନ୍ତ ଆଶ୍ରମ ପରିସରରେ ଚାରିଛକ ପ୍ରେସ୍ କ୍ଲବ୍ ତରଫରୁ ଯୋଗ ଦିବସ ପାଳିତ ହୋଇଯାଇଛି। ଯୋଗ ଗୁରୁ ବେଣୁଧର ନାୟକଙ୍କ ଦ୍ୱାରା ଯୋଗ ଶିକ୍ଷା ଦିଆଯାଇଥିଲା। ଏଥିରେ ପ୍ରେସ୍ କ୍ଲବ୍‌ର ଉପଦେଷ୍ଟା ପ୍ରଫେସର ଗୋପୀନାଥ କର, ଡ. ସନ୍ତୋଷ କୁମାର ମିତ୍ର, ପ୍ରାକ୍ତନ ଆଇଆର୍‌ଏସ୍ ଚନ୍ଦ୍ରକାନ୍ତ ଦଳାଇ, କାହ୍ନୁ ଚରଣ ବେହେରା, ସନାତନ ପାତ୍ର, ପଣ୍ଡିତ ମୂରଲୀଧର ଭାରତୀ, ସଭାପତି ପ୍ରଫୁଲ୍ଲ କୁମାର କର, କାର୍ଯ୍ୟକାରୀ ସଭାପତି ଶିଶିର କୁମାର ସ୍ୱାଇଁ, ସାଧାରଣ ସମ୍ପାଦକ ଡ. କେଦାରନାଥ ସାହୁ, ପ୍ରଫୁଲ୍ଲ କୁମାର ସାହୁ, ସନ୍ତୋଷ କୁମାର ଦାସ, ବସନ୍ତ କୁମାର ମଲ୍ଲ, ସୁବାସ ଚନ୍ଦ୍ର ସାହୁ, ଜୟକୃଷ୍ଣ ସାହୁ ପ୍ରମୁଖ ଯୋଗ ଶିବିରରେ ଉପସ୍ଥିତ ରହି ପ୍ରଶିକ୍ଷଣ ନେଇଥିଲେ। ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରରେ ଯୋଗଗୁରୁ ଶରତ ବେହେରା ଯୋଗଶିକ୍ଷା ଦେଇଥିବାବେଳେ ସାଇଲୋ ପଞ୍ଚାୟତ ସ୍କୁଲର ଯୋଗଶିକ୍ଷକ ଶିବଶଙ୍କର ଦାସ ଛାତ୍ରଛାତ୍ରୀମାନଙ୍କୁ ଯୋଗଶିକ୍ଷା ଦେଇଥିଲେ। ସେହିପରି ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ସଦସ୍ୟ, କବିରାଜ କୁଳମଣୀ ସାହୁ ମେମୋରିଆଲ ଟ୍ରଷ୍ଟ, ବରିଷ୍ଠ ନାଗରିକ ମଞ୍ଚ, ପ୍ରାଚୀ ସାହିତ୍ୟ ସଂସଦ, ଭଗବାନ ସାହୁ ଚାରିଟେବୁଲ ଟ୍ରଷ୍ଟ ଓ ଦିବାକର ସ୍ମୃତି ସଂସଦ ଓ ପାଠାଗାରର ସଦସ୍ୟମାନେ ଯୋଗଶିକ୍ଷା କରିଥିଲେ।



## ସାକ୍ଷୀଗୋପାଳ



ସତ୍ୟବାଦୀ ବ୍ଲକ୍ ପ୍ରଶାସନ ଓ ଭାରତ ସ୍ୱାଭିମାନ ପତଞ୍ଜଳି ଯୋଗ ସମିତି ପକ୍ଷରୁ ବ୍ଲକ୍‌ସ୍ତରୀୟ ଅନ୍ତର୍ଜାତୀୟ ଯୋଗ ଦିବସ ସତ୍ୟବାଦୀ ଉଚ୍ଚବିଦ୍ୟାଳୟରେ ପାଳିତ ହୋଇଯାଇଛି। ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ମୁଖ୍ୟ ଅତିଥି ଭାବରେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବରେ ସତ୍ୟବାଦୀ ତହସିଲ୍‌ଦାର ସନ୍ତୋଷ କୁମାର ପାଣିଗ୍ରାହୀ, ବିଡିଓ ଦେବାଶିଷ ନାୟକ ଓ ଜିଲ୍ଲା ପରିଷଦ ସଭ୍ୟା ବିଷ୍ଣୁପ୍ରିୟା ବରାଳ ଯୋଗଦେଇ ନିଜେ ଯୋଗାସନ କରିଥିଲେ। ସମିତିର ସଭାପତି ପ୍ରହଲ୍ଲାଦ ଘଟୁଆରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ସମ୍ପାଦକ ବିଷ୍ଣୁ ପ୍ରସାଦ ମିଶ୍ର ବିବରଣୀ ପାଠ କରିଥିଲେ। ମୁଖ୍ୟ ସଂଯୋଜକ ଯୋଗଗୁରୁ ସୁବାସ ଚନ୍ଦ୍ର ମିଶ୍ର ସମସ୍ତଙ୍କୁ ଯୋଗାଭ୍ୟାସ କରାଇଥିଲେ। ଭାରତ ବିକାଶ ପରିଷଦ ସଭାପତି ସତ୍ୟବାଦୀ ଦାଶ ଯୋଗର ଉପକାରିତା ସମ୍ପର୍କରେ ଆଲୋଚନା କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ର, ସାକ୍ଷୀଗୋପାଳସ୍ଥିତ କାର୍ଯ୍ୟାଳୟ ପରିସରରେ ଯୋଗ ଦିବସ ମଧ୍ୟ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ନିକଟସ୍ଥ ଗ୍ରାମ ଯଥା ବୀର କେଶରିପୁର, ଜୟପୁର, ଓ ବୀରଗୋବିନ୍ଦପୁର, ୨୦ ଜଣ କୃଷକ ଓ କୃଷିଜୀବୀ ମହିଳା ଭାଗ ନେଇଥିଲେ। ସେହିପରି ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଯୋଗ ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ପୁଷ୍ପମିତ୍ରା ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ +୨ ଜାତୀୟ ସେବା ଯୋଜନାର ଉପଦେଷ୍ଟା ପ୍ରକାଶ କୁମାର ସାହୁ ଏବଂ +୩ ଜାତୀୟ ସେବା ଯୋଜନାର ଉପଦେଷ୍ଟା ଦିଲ୍ଲୀପ କୁମାର ବେହେରା ପରିଚାଳନା କରିଥିଲାବେଳେ ଯୋଗଗୁରୁ ଭଗବାନ୍ ପାଲ ପ୍ରଶିକ୍ଷଣ ପ୍ରଦାନରେ ସହଯୋଗ କରଥିଲେ। ଶେଷରେ କଲେଜ ପରିସରରେ ଏକ ବୃକ୍ଷରୋପଣ ଏବଂ ସଫେଇ କାର୍ଯ୍ୟ ଆୟୋଜିତ ହୋଇଥିଲା।

## ପିପିଲି

ପିପିଲି ଜବାହର ବିଦ୍ୟାପୀଠ ପରିସରରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ପିପିଲି ଏନ୍‌ଏସି ଓ କନକ ଦୁର୍ଗା ଯୋଗ ସମିତିର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ଅନ୍ୟତମ ଅତିଥି ଭାବେ ପିପିଲି ଏନ୍‌ଏସି ଅଧ୍ୟକ୍ଷ ସେକ୍ ବାବୁ, ଉପାଧ୍ୟକ୍ଷା ଭାଗ୍ୟବତୀ ମହାରଣା, ଅବସରପ୍ରାପ୍ତ ସେନା ଅଧିକାରୀ ଲକ୍ଷ୍ମୀଧର ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ। ଯୋଗ ଗୁରୁ ଦୀପକ ସ୍ୱାଇଁ ଉପସ୍ଥିତ ରହି ସମସ୍ତଙ୍କୁ ଯୋଗ ଅଭ୍ୟାସ କରାଇ ଯୋଗର ବିଭିନ୍ନ ଉପକାରିତା ସମ୍ପର୍କରେ ଆଲୋକପାତ କରିଥିଲେ। ପିପିଲି ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରିଣୀ କାଦମ୍ବିନୀ ଜେନାଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମରେ ଏନ୍‌ଏସିର ସମସ୍ତ କାଉନ୍‌ସିଲର ଓ ସମସ୍ତ କର୍ମଚାରୀ ସାମିଲ ହୋଇଥିଲେ। ସେହିପରି ଦାଣ୍ଡମୁକୁନ୍ଦପୁରସ୍ଥିତ ଗୋପବନ୍ଧୁ ମେମୋରିଆଲ ହାଇସ୍କୁଲରେ ମଧ୍ୟ ପ୍ରଧାନଶିକ୍ଷୟିତ୍ରୀ ପ୍ରତିଭା ଷଡ଼ଙ୍ଗୀଙ୍କ ନେତୃତ୍ୱରେ ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି। କ୍ରୀଡ଼ା ଶିକ୍ଷୟିତ୍ରୀ ରୋଜିନା ପଣ୍ଡା ପରିଚାଳନା କରିଥିଲେ।





## ନିମାପଡ଼ା

ଆନ୍ତର୍ଜାତିକ ଯୋଗ ଦିବସ ଅବସରରେ ନିମାପଡ଼ା ଯୋଗ ମହୋତ୍ସବ କମିଟି ତରଫରୁ ସ୍ଥାନୀୟ ବାରବାଟି ପଡ଼ିଆରେ ଯୋଗାଭ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ତହସିଲ୍‌ଦାର ଡ. ମନୋଜ କୁମାର ପ୍ରଧାନ, ମଣ୍ଡଳ ଉନ୍ନୟନ ଅଧିକାରୀ ଡ. ଅଭିଜିତ୍ ଷଡ଼ଙ୍ଗୀ, ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ କୁମାର ଦାସ, ଏନ୍‌ଏସି ଉପାଧ୍ୟକ୍ଷ ସନ୍ତୋଷ କୁମାର ଦାସ, ବ୍ଲକ୍ ଶିକ୍ଷାଧିକାରୀମାନେ ଯୋଗଦେଇ ଯୋଗାଭ୍ୟାସ ଆରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳରେ ଯୋଗର ପ୍ରଚାରପ୍ରସାର ପାଇଁ ଅଗ୍ରଣୀ ଭୂମିକା ନିଭାଇଥିବା ୪ଟି ସଂଗଠନକୁ ସମ୍ମାନିତ କରାଯାଇଥିଲା।



## ବ୍ରହ୍ମଗିରି

ବ୍ରହ୍ମଗିରି ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଏନ୍‌ସିସି ଅଫିସର ଚିତ୍ତରଞ୍ଜନ ଜେନାଙ୍କ ତତ୍ତ୍ୱାବଧାନରେ ସକାଳୁ ଛାତ୍ରଛାତ୍ରୀଙ୍କ ଦ୍ୱାରା ଯୋଗ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦିବାକର ଦଳାଇ କହିଥିଲେ ସରକାରଙ୍କ ତରଫରୁ ଯଦି ଅନ୍ୟ ସମୟରେ ଯୋଗାଭ୍ୟାସ ହୁଅନ୍ତା, ତେବେ ଏହା ଉପକାରରେ ଆସିପାରନ୍ତା ବୋଲି ମତ ଦେଇଛନ୍ତି।



## ନୟାହାଟ

ଶନିବାର ନୟାହାଟ ଫାଣ୍ଡି ଅନ୍ତର୍ଗତ ଧୂମାଳ ପଞ୍ଚାୟତ କାର୍ଯ୍ୟାଳୟରେ ବିଶ୍ୱ ଯୋଗ ଦିବସ ପାଳିତ ହୋଇଯାଇଛି। ଶରୀରକୁ ସୁସ୍ଥ ରଖିବା ପାଇଁ ଯୋଗର ଆବଶ୍ୟକତା ଥିବାବେଳେ ଧୂମାଳ ପଞ୍ଚାୟତର ସମ୍ପାଦକ ପ୍ରଶାନ୍ତ କୁମାର ନାୟକ କାର୍ଯ୍ୟାଳୟ ପରିସରରେ ଯୋଗ ଶିଖାଇଥିଲେ। ଏଥିରେ ସମାଜସେବୀ ଅଭିମନ୍ୟୁ ସିଂହ, ଦିଲ୍ଲୀପ ରାୟ, ଦେବେନ୍ଦ୍ର ମହାନ୍ତି, ମୁଲୁ ରାୟ, ମିଟୁ ସେନାପତି, ସଚିନ୍ ରାଉତ ପ୍ରମୁଖ ଯୋଗଦେଇଥିଲେ।

**ନବୀନଙ୍କ ଆଶୁ ଆରୋଗ୍ୟ କାମନା**

# ଅଲାରନାଥଙ୍କ ପୀଠରେ ୧୦୮ ଦୀପଦାନ ଓ ପୂଜାର୍ଚ୍ଚନା




ବ୍ରହ୍ମଗିରି,୨୧।୬(ସମିସ): ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକ ଚିକିତ୍ସା ପାଇଁ ମୁମ୍ବାଇ ଗସ୍ତ କରିଛନ୍ତି। ରବିବାର କୋକିଳାବେନ୍ ଧୀରୁଭାଇ ଅମ୍ବାନୀ ହସ୍ପିଟାଲଠାରେ ତାଙ୍କର ଚିକିତ୍ସା କରାଯିବ। ସମସ୍ତଙ୍କର ପ୍ରିୟ ନବୀନ ପଟ୍ଟନାୟକଙ୍କ ଆଶୁ ଆରୋଗ୍ୟ କାମନା କରି ଶନିବାର ବ୍ରହ୍ମଗିରି ଶ୍ରୀଅଲାରନାଥଙ୍କ ମନ୍ଦିରଠାରେ ସାଧାରଣ ଜନତାଙ୍କ ତରଫରୁ ୧୦୮ ସମୂହ ଦୀପଦାନ ଓ ପୂଜାର୍ଚ୍ଚନା କରାଯାଇଛି। ବ୍ରହ୍ମଗିରି ଜନସାଧାରଣଙ୍କ ତରଫରୁ ପ୍ରଭୁ ଶ୍ରୀଅଲାରନାଥଙ୍କ ନିକଟରେ ଶ୍ରୀ ପଟ୍ଟନାୟକ ଖୁବ୍‌ଶୀଘ୍ର ସୁସ୍ଥ ହୋଇ ଓଡ଼ିଶା ଫେରନ୍ତୁ ଏବଂ ଓଡ଼ିଶାବାସୀଙ୍କ ସେବା ଜାରି ରଖନ୍ତୁ ବୋଲି ସମସ୍ତେ ପ୍ରାର୍ଥନା କରି ଦୀପଦାନ କରିଛନ୍ତି। ପ୍ରଭୁ ଶ୍ରୀଶ୍ରୀଅଲାରନାଥଙ୍କ ପୀଠରେ ସାଧାରଣ ଜନତା ଓ ମାଆମାନେ ହୁଳହୁଳି ପକାଇ ପୂଜାର୍ଚ୍ଚନା କରିଛନ୍ତି। ଏହି ଦୀପଦାନ କାର୍ଯ୍ୟକ୍ରମରେ ବ୍ରହ୍ମଗିରି ବ୍ଲକ୍ ଅଧ୍ୟକ୍ଷା ରତ୍ନବାଳା ବେହେରା, ଉପାଧ୍ୟକ୍ଷା ମାଳିନୀ ଦଳାଇ, ବ୍ରହ୍ମଗିରି ସରପଞ୍ଚ ରାଧାରାଣୀ ବିଶ୍ୱାଳ, ମାନସୀ ହରିଚନ୍ଦନ, ପ୍ରତିମା ଜେନା, ସସ୍ମିତା ସାହୁ, ଶକୁନ୍ତଳା ମିଶ୍ର, ବିଜୁ ଜନତା ଦଳ ସଭାପତି ବିଦ୍ୟାଧର ସ୍ୱାଇଁ, କୃଷ୍ଣଚନ୍ଦ୍ର ରାୟ, ଯୁଧିଷ୍ଠିର ନାୟକ, ଭଗବାନ ନାୟକ, ଆଇନଜୀବୀ ଭାସ୍କର ଜେନା, ଜୟନ୍ତ କୁମାର ମହାନ୍ତି, ବିଜୟ ଦଳାଇ, ସରପଞ୍ଚ ଅମୂଲ୍ୟ କୁମାର ଜେନା, ନିରଞ୍ଜନ ସେଠୀ, ଭୁବନପୁର ସମିତିସଭ୍ୟ ତ୍ରିନାଥ ପଲେଇ, ବୃନ୍ଦାବନ ପ୍ରଧାନଙ୍କ ସମେତ ବହୁ ମହିଳା ଓ ସାଧାରଣ ଜନତା ଉପସ୍ଥିତ ଥିଲେ।

# ପୋଖରୀରୁ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

ବାଲୁଗାଁ,୨୧।୬(ସମିସ): ବାଲୁଗାଁ ଏନ୍‌ଏସି ଅନ୍ତର୍ଗତ ସାମନ୍ତରାପୁର ସାହିସ୍ଥିତ ପୋଖରୀରୁ ଜଣେ ବୃଦ୍ଧଙ୍କ ମୃତଦେହ ଭାସୁଥିବା ଅବସ୍ଥାରେ ଉଦ୍ଧାର କରାଯାଇଛି। ମୃତକ ଜଣକ ହେଲେ ଗଞ୍ଜାମ ଜିଲ୍ଲାର ରମେଶ ଦଳେଇ (୭୫)। ସୂଚନା ଅନୁଯାୟୀ, ସାମନ୍ତରାପୁର ସାହି ପୋଖରୀରେ ଜଣେ ବୃଦ୍ଧଙ୍କ ମୃତଦେହ ଭାସୁଥିବାର ସ୍ଥାନୀୟ ଲୋକେ ଦେଖି ବାଲୁଗାଁ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ଅଗ୍ନିଶମ ବାହିନୀର କର୍ମଚାରୀମାନେ ପହଞ୍ଚି ବୃଦ୍ଧଙ୍କୁ ଉଦ୍ଧାର କରି ବାଲୁଗାଁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ବାଲୁଗାଁ ପୁଲିସ ସେଠାରେ ପହଞ୍ଚି ଶବକୁ ଜବତ କରି କ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ନିମନ୍ତେ ପଠାଇ ତଦନ୍ତ ଜାରି ରଖିଛି।

# ଲେଖକ ନିରଞ୍ଜନ ରଥ ଓ ସାମ୍ବାଦିକ ବିକ୍ରମଙ୍କ ବିୟୋଗରେ ଶୋକ



ଚାରିଛକ,୨୧।୬(ସମିସ): ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ସମ୍ପାଦକ, ସମାଜସେବୀ, ଲେଖକ, ସମାଜର ମୁଦ୍ରାକର, ପ୍ରକାଶକ, ସମ୍ପାଦକ, ସତ୍ୟବାଦୀର ସମ୍ପାଦକ, ଗୋପବନ୍ଧୁ ଦରିଦ୍ର ନାରାୟଣ ସେବା ସମିତିର ଅଧ୍ୟକ୍ଷ ନିରଞ୍ଜନ ରଥ ଓ ପୁରୀ ‘ପ୍ରମେୟ’ର ଯୁବ ସାମ୍ବାଦିକ ବିକ୍ରମ କେଶରୀ ଆଚାର୍ଯ୍ୟଙ୍କ ବିୟୋଗରେ ଚାରିଛକ ପ୍ରେସ୍ କ୍ଲବ୍ ପକ୍ଷରୁ ଶୋକ ପ୍ରକାଶ କରାଯାଇଛି। ଉକ୍ତ ଶୋକସଭାରେ କ୍ଲବ୍‌ର ସଭାପତି ପ୍ରଫୁଲ୍ଲ କୁମାର କର, କାର୍ଯ୍ୟକାରୀ ସଭାପତି ଶିଶିର କୁମାର ସ୍ୱାଇଁ, ସମ୍ପାଦକ ଡ. କେଦାରନାଥ ସାହୁ, ଉପଦେଷ୍ଟା ପ୍ରଫେସର ଗୋପୀନାଥ କର, ଡ. ସନ୍ତୋଷ କୁମାର ମିତ୍ର, ସନାତନ ପାତ୍ର, କାହ୍ନୁ ଚରଣ ବେହେରା, ପଣ୍ଡିତ ମୂରଲୀଧର ଭାରତୀଙ୍କ ସମେତ ସମସ୍ତ ସଦସ୍ୟ ଯୋଗଦେଇଥିଲେ।

# ଅଗ୍ନିବିପନ୍ନଙ୍କୁ ସହାୟତା



ସାକ୍ଷୀଗୋପାଳ,୨୧।୬(ସମିସ): ସତ୍ୟବାଦୀ ବ୍ଲକ୍ ଅନ୍ତର୍ଗତ ମଧୁବନ ପଞ୍ଚାୟତର ସିଂହାକୁଦା ଗ୍ରାମରେ ଏକ ଅଗ୍ନିକାଣ୍ଡ ଘଟିଥିଲା। ଏଥିରେ ପ୍ରଫୁଲ୍ଲ କୁମାର ମହାନ୍ତିଙ୍କର ୨ ବଖରା, ନିବାସ ଚନ୍ଦ୍ର ମହାନ୍ତିଙ୍କର ୧ବଖରା, ସୁକାନ୍ତି ମହାନ୍ତିଙ୍କର ୧ ବଖରା, ପ୍ରମୋଦ ସୁବୁଦ୍ଧିଙ୍କର ୧ବଖରା, ପୂର୍ଣ୍ଣଚନ୍ଦ୍ର ସୁବୁଦ୍ଧିଙ୍କର ୧ ବଖରା, ନରେନ୍ଦ୍ର ସୁବୁଦ୍ଧିଙ୍କର ୧ ବଖରା, ସୁରେନ୍ଦ୍ର ସୁବୁଦ୍ଧିଙ୍କର ୧ ବଖରା ଘର ଓ ରଘୁନାଥ ସୁବୁଦ୍ଧିଙ୍କର ୧ ବଖରା ସମେତ ଧାନ, ଚାଉଳ ଓ ଆସବାବପତ୍ର ପୋଡ଼ି ଭସ୍ମୀଭୂତ ହୋଇଯାଇଛି। ସତ୍ୟବାଦୀର ପୂର୍ବତନ ବିଧାୟକ ତଥା ପୁରୀ ଜିଲ୍ଲା ବିଜୁ ଜନତା ଦଳ ସଭାପତି ଉମାକାନ୍ତ ସାମନ୍ତରାୟ ଓ ସତ୍ୟବାଦୀ ବ୍ଲକ୍ ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା ପ୍ରମୁଖ ଶନିବାର ଅଗ୍ନିବିପନ୍ନ ପରିବାର ସଦସ୍ୟଙ୍କୁ ସାକ୍ଷାତ୍ କରି ସମବେଦନା ଜ୍ଞାପନ କରିଥିଲେ। ବିପନ୍ନ ପରିବାରଙ୍କୁ ତାରପୋଲିନ, ରୋଷେଇ ନିମନ୍ତେ ଆବଶ୍ୟକ ବାସନକୁସନ, ବାଲ୍‌ଟି, ମଗ, ଶାଢ଼ି, ଲୁଙ୍ଗି, ଗାମୁଛା ସହିତ ଆର୍ଥିକ ସହାୟତା ପ୍ରଦାନ କରିଥିଲେ।

**‘ଐତିହ୍ୟରେ ଅନବସର ଓ ଶ୍ରୀଅଲାରନାଥ’ ଶୀର୍ଷକ ଆଲୋଚନାଚକ୍ର**

# ‘ବ୍ରହ୍ମଗିରି ହେଉଛି ଦ୍ୱିତୀୟ ଶ୍ରୀକ୍ଷେତ୍ର’




ବ୍ରହ୍ମଗିରି,୨୧।୬(ସମିସ)

ଦେବସ୍ନାନ ପୂର୍ଣ୍ଣମୀରେ ଠାକୁର ଚତୁର୍ଦ୍ଧା ବିଗ୍ରହ ସ୍ନାନ କଲାପରେ ଅସୁସ୍ଥ ହୋଇ ଅଣସର ଘରେ ବିଜେ କରିଛନ୍ତି। ପୁରୀରେ ଶ୍ରୀମନ୍ଦିର ରତ୍ନ ସିଂହାସନରେ ଦର୍ଶନ ନ ଦେଇ ବ୍ରହ୍ମଗିରି ଅଲାରନାଥଙ୍କ ରୂପରେ ଦର୍ଶନ ଦେଉଛନ୍ତି। ପୁରୁଷୋତ୍ତମ ପରମେଶ୍ୱର ବ୍ରହ୍ମଗିରିରେ ବିରାଜମାନ କରିଥିବାରୁ ଏବେ ଭକ୍ତଙ୍କ ସୁଅ ଛୁଟୁଛି। ଶ୍ରୀକ୍ଷେତ୍ର ବଦଳରେ ବ୍ରହ୍ମଗିରିରେ ଠାକୁରଙ୍କୁ ଦର୍ଶନ କରି ସମଫଳ ପାଉଛନ୍ତି। ଐତିହ୍ୟ କଥା ଅନୁଯାୟୀ, ସନ୍ଥ ଅଲାବନ୍ଦାଚାର୍ଯ୍ୟ, ଶ୍ରୀଚୈତନ୍ୟ, ଶ୍ରୀଗଣପତି ଭଟ୍ଟ ପ୍ରମୁଖ ଅନବସରରେ ଶ୍ରୀକ୍ଷେତ୍ରରେ ଠାକୁରଙ୍କ ଦର୍ଶନ ନ ପାଇ ଠାକୁରଙ୍କ ଆଦେଶାନୁଯାୟୀ ବ୍ରହ୍ମଗିରି ଆସି ଅଲାରନାଥଙ୍କ ଦର୍ଶନ କରି ଶ୍ରୀକ୍ଷେତ୍ରରେ ଚତର୍ଦ୍ଧାବିଗ୍ରହଙ୍କ ଦର୍ଶନର ସମଫଳ ପାଇଥିଲେ। ଶ୍ରୀଅଲାରନାଥଙ୍କ ଖିରି ପ୍ରସାଦ ଶ୍ରୀମନ୍ଦିର ପୁରୀର ମହାପ୍ରସାଦ ସହିତ ସମାନ ବୋଲି ଅଲାରନାଥଙ୍କ ମଣ୍ଡପରେ ‘ଐତିହ୍ୟରେ ଅନବସର ଓ ଶ୍ରୀଅଲାରନାଥ’ ଶୀର୍ଷକ ଆଲୋଚନାଚକ୍ରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଐତିହ୍ୟ ପରିଷଦର ସଭାପତି କାଶୀନାଥ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ଆଲୋଚନାରେ ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର, ଶ୍ରୀକ୍ଷେତ୍ର ଐତିହ୍ୟ ପରିଷଦର ସମ୍ପାଦକ ଦେବୀ ପ୍ରସନ୍ନ ନନ୍ଦ, ବିଶିଷ୍ଟ ସାହିତ୍ୟିକ ଲେଖକ ଲକ୍ଷ୍ମୀକାନ୍ତ ଖୁଣ୍ଟିଆ, ଐତିହ୍ୟ ଗବେଷକ ନୀଳମଣି ସୁଆର, ପୁସ୍ତକ ପ୍ରକାଶକ ପ୍ରଭାଂଶୁ ସାମନ୍ତରାୟ, କୋଣାର୍କ ଐତିହ୍ୟ ପରିଷଦର ସଭାପତି ସଞ୍ଜୟ କୁମାର ବରାଳ, ଅଲାରନାଥଙ୍କ ସେବକ ମହନ୍ତ ଜନାର୍ଦ୍ଦନ ପୂଜାପଣ୍ଡା, ପ୍ରଶାନ୍ତ କୁମାର ତ୍ରିପାଠୀ, ପର୍ଶୁରାମ ପାତ୍ର ପ୍ରମୁଖ ଶ୍ରୀଅଲାରନାଥଙ୍କ ଐତିହ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ସୁରେନ୍ଦ୍ର କୁମାର ମିଶ୍ରଙ୍କ ରଚିତ ପୁସ୍ତକ “ବିତର୍କ ବିଳୟ’କୁ ଅତିଥିମାନେ ଲୋକାର୍ପଣ କରିଥିଲେ। ଐତିହ୍ୟ ପରିଷଦର ସମ୍ପାଦକ ପ୍ରିୟ ପ୍ରସାଦ ମିଶ୍ର ସମ୍ପାଦକୀୟ ବିବରଣୀ ସହିତ ସଭା ପରିଚାଳନା କରିଥିଲେ।

# ଶ୍ରୀକ୍ଷେତ୍ର ସିଟି

୨୧/୬/୨୦୨୫ (ଶନିବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୧,୬୬,୦୪୩/- ସୁନା: ୦୦.୦୦୦ ଗ୍ରାମ୍ ରୁପା: ୦୦.୦୦୦ ଗ୍ରାମ୍





● ବ୍ଲୁ ଫ୍ଲାଗ୍ ବିଚ୍‌ରେ ଯୋଗ ଦିବସ

## ‘ଯୋଗ ଜୀବନକୁ ସୁସ୍ଥ ଓ ନିରୋଗ ରଖିଥାଏ’

ପୁରୀ,୨୧।୬(ସମିସ): ଜୀବନଚର୍ଯ୍ୟାର ପ୍ରତ୍ୟେକ ଦିନରେ ଯୋଗକୁ ସାମିଲ କରିବାକୁ ଆହ୍ୱାନ ଦେଇଛନ୍ତି ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ। ଶନିବାର ପୂର୍ବାହ୍ଣରେ ବ୍ଲୁ ଫ୍ଲାଗ୍ ବିଚ୍‌ଠାରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଥିଲା। ଚଳିତବର୍ଷ ଯୋଗ ଦିବସର ଥିମ୍ ରହିଛି “ଏକ ପୃଥିବୀ ଏକ ସ୍ୱାସ୍ଥ୍ୟ ପାଇଁ ଯୋଗ’। ଏଥିରେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଭୋଇ ଯୋଗ ଜୀବନକୁ ସୁସ୍ଥ ଓ ନିରୋଗ ରଖିବା ସହ କାର୍ଯ୍ୟଦକ୍ଷତାକୁ ବୃଦ୍ଧି କରିଥାଏ ବୋଲି କହିଥିଲେ। ଆଜିର ସମୟରେ ପ୍ରାୟ ଅଧିକାଂଶ ବ୍ୟକ୍ତି ବିଭିନ୍ନ ରୋଗର ଶିକାର ହେଉଛନ୍ତି। କିନ୍ତୁ ପ୍ରତ୍ୟହ ଯଦି ଯୋଗ କରିବା ନିଶ୍ଚିତ ରୋଗରୁ ମୁକ୍ତି ମିଳିବ। ଶରୀର ପାଇଁ ଖାଦ୍ୟର ଆବଶ୍ୟକତା ଭଳି ଯୋଗ ମଧ୍ୟ ଏକ ଆବଶ୍ୟକତା। ତେଣୁ ପ୍ରତ୍ୟେକ ପ୍ରତିଦିନ ଯୋଗାଭ୍ୟାସ କରିବାକୁ ସେ କହିବା ସହ ଉପସ୍ଥିତ ସମସ୍ତଙ୍କୁ ଶପଥପାଠ କରାଇଥିଲେ। ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଅବକାରୀ ଅଧୀକ୍ଷକ ଜଗଦୀଶ ସାମଲ, ସହକାରୀ ଜିଲ୍ଲାପାଳ ତନ୍ମୟ କୁମାର ଦାସ, କୃଷ୍ଣ ଚନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗଦେଇ ଯୋଗର ଉପକାରିତା ଓ ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ଯୋଗ ଗୁରୁ ରମା ବଲ୍ଲଭ ମହାପାତ୍ର, ଡ. ଆଲୋକ ସ୍ୱାଇଁ ଓ ତାଙ୍କର ସହଯୋଗୀମାନେ ଯୋଗ ଶିକ୍ଷା ପ୍ରଦାନ କରିଥିଲେ। ଏହି ଯୋଗ କାର୍ଯ୍ୟକ୍ରମରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଓ ଅବକାରୀ ବିଭାଗର କର୍ମଚାରୀମାନେ ଯୋଗଦେଇଥିଲେ। ଅବକାରୀ ବିଭାଗ ପକ୍ଷରୁ ନିଶାମୁକ୍ତ ଜୀବନ ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥିଲା। କାର୍ଯ୍ୟକ୍ରମକୁ କ୍ରୀଡ଼ା ବିଭାଗ କର୍ମଚାରୀ ସୌମ୍ୟ ପୂଜାରୀ, ଅବିନାଶ ମହାପାତ୍ର ସୂଚନା ଓ ଲୋକ ସମ୍ପର୍କ କର୍ମଚାରୀ ସୁବ୍ରତ କୁମାର ସାହୁ, ତ୍ରିନାଥ ପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

## ‘ମାଟିର କଥା କହୁ ଚଳଚ୍ଚିତ୍ର’

● ପ୍ରଭାତ କୁମାର, ବଦ୍ରି ମିଶ୍ର, ଶ୍ୟାମାପ୍ରସାଦ ଓ ଶୀତଲ ସମ୍ମାନିତ
● ଶ୍ରୀସଦାଶିବ ପରିସରରେ ‘ଆଜିର ରେବତୀ’ ପ୍ରଦର୍ଶିତ

ପୁରୀ,୨୧।୬(ସମିସ)

ଓଡ଼ିଶାର ଜନଜୀବନକୁ ନେଇ ନିର୍ମାଣ ହେଉ ‘ଆଜିର ରେବତୀ’ ଭଳି ମୌଳିକ ଓଡ଼ିଆ ଚଳଚ୍ଚିତ୍ର। ଆମ ଚଳଚ୍ଚିତ୍ର ଆମ ମାଟିର କଥା କହୁ। ଆମ ସଂସ୍କୃତିର ଗାଥା ଗାଉ ବୋଲି ଫିଲ୍ମୱଲା, ମାଷ୍ଟର ମାଇଣ୍ଡ ମିଡିଆ ସଲ୍ୟୁସନ ଓ ଏଆର୍‌ସି ଇଭେଣ୍ଟ ଏବଂ ଏକ୍‌ଜିବିସନ ପକ୍ଷରୁ ଆୟୋଜିତ ସେଦିନର ସିନେମା ଓ ଆଜିର ସିନେମା ଶୀର୍ଷକ ଆଲୋଚନା ଚକ୍ରରେ ମତପ୍ରକାଶ ପାଇଛି। ଶ୍ୟାମାପ୍ରସାଦ ମିଶ୍ର, ମଧୁସୂଦନ ମିଶ୍ର ଓ ବିଭୁପ୍ରସାଦ ମିଶ୍ରଙ୍କ ମିଳିତ ପରିଚାଳନା ଓ ଅଧ୍ୟାପକ ଡ. ବିଶ୍ୱନାଥ ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ଡ. କୈଳାଶ ଚନ୍ଦ୍ର ଟିକାୟତରାୟ, ପଦ୍ମନାଭ ପଣ୍ଡା, ରାଜକିଶୋର ପାତ୍ର ପ୍ରମୁଖ ଅତୀତ ସିନେମାର ସଙ୍ଗୀତ, କଥାବସ୍ତୁ ଓ ସଂଳାପର ଭୂୟସୀ ପ୍ରଶଂସା କରିଥିଲେ। ଅଣ ଓଡ଼ିଆ ସଙ୍ଗୀତ, ଡବିଂ ଚଳଚ୍ଚିତ୍ର ବିଶେଷକରି ନିଶା ଓ ହିଂସାଯୁକ୍ତ ଚଳଚ୍ଚିତ୍ରର ପ୍ରଭାବରେ ଚଳଚ୍ଚିତ୍ର ପ୍ରତି ଦର୍ଶକ ବିମୁଖ ହେଉଥିବାର ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଏହି ଅବସରରେ ରେବତୀର କାହାଣୀକାର ବଦ୍ରି ମିଶ୍ର, ସଂଳାପକାର ଶ୍ୟାମାପ୍ରସାଦ ମିଶ୍ର, ମୁଖ୍ୟ ନାୟିକା ଶୀତଲ୍, ଅଭିନେତ୍ରୀ ପୁଷ୍ପା ପଣ୍ଡା, ପ୍ରଯୋଜକ ରମେଶ ବାରିକ୍, ପ୍ରଯୋଜକ ଜିତେନ୍ଦ୍ର କୁମାର ସାହୁ, ଅଭିନେତା ରବି ମିଶ୍ର, ଶମ୍ଭୁ ଖୁଣ୍ଟିଆ, ଗୌରୀରଞ୍ଜନ ବାରିକ, ଶିବସୁନ୍ଦର ମିଶ୍ର, ବିଶ୍ୱନାଥ ମିଶ୍ର, ପ୍ରଫେସର ଶମ୍ଭୁନାଥ ମହାଳିକଙ୍କୁ ସମ୍ମାନିତ କରିଥିଲେ ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ, ପୁରୀ ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ପୁରୀ ହୋଟେଲ ଆସୋସିଏସନର ସମ୍ପାଦକ ରାଜକିଶୋର ପାତ୍ର, ଶ୍ରୀଜଗନ୍ନାଥ ମନ୍ଦିରର ବରିଷ୍ଠ ସେବାୟତ ମଧୁସୂଦନ ସିଂହାରୀ, ଜଗନ୍ନାଥ ପୂଜାପଣ୍ଡା ସାମନ୍ତ, ମାଧବ ଚନ୍ଦ୍ର ପୂଜାପଣ୍ଡା ସାମନ୍ତ, କସ୍ତୁରୀ ସୁଆର।

ଏହି ପରିପ୍ରେକ୍ଷୀରେ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ସଦାଶିବ ପରିସରର ନିର୍ଦ୍ଦେଶକ



ପ୍ରଫେସର ପ୍ରଭାତ କୁମାର ମହାପାତ୍ରଙ୍କୁ ସ୍ୱତନ୍ତ୍ର ସମ୍ମାନ ପ୍ରଦାନ କରାଯାଇଥିଲା। ପରେ ପରେ ‘ଆଜିର ରେବତୀ’ ପ୍ରଦର୍ଶନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ ଶ୍ୟାମପ୍ରକାଶ ସେନାପତି, ଦେବାଶିଷ ଦାସ, ଜ୍ୟୋତିପ୍ରକାଶ ମହାପାତ୍ର, ଶିବରାମ ପ୍ରଧାନ, ସୌମ୍ୟରଞ୍ଜନ ପାତ୍ର, ଅଜୟ ପ୍ରଧାନ ଓ ଦେବରାଜ ଦାସ।

**ନବୀନଙ୍କ ଆଶୁ ଆରୋଗ୍ୟ କାମନା**

## ସିଂହଦ୍ୱାରରେ ସମୂହ ଦୀପଦାନ ଓ ପୂଜାର୍ଚ୍ଚନା

ପୁରୀ, ୨୧।୬ (ସମିସ): ସର୍ଭାଇକାଲ ଆର୍ଥ୍ରାଇଟିସ୍ ଚିକିତ୍ସା ପାଇଁ ମୁମ୍ବାଇ ଯାଇଛନ୍ତି ବିଜୁ ଜନତା ଦଳର ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ରବିବାର ମୁମ୍ବାଇର କୋକିଳାବେନ ଧୀରୁ ଭାଇ ଅମ୍ବାନୀ ହସ୍ପିଟାଲରେ ତାଙ୍କର ଅସ୍ତ୍ରୋପଚାର ହେବ। ତେବେ ନବୀନଙ୍କ ପାଇଁ ଚାରିଆଡ଼ୁ ଛୁଟିଛି ଆଶୁ ଆରୋଗ୍ୟ କାମନା। ଶନିବାର ବିଜେଡି ପକ୍ଷରୁ ମହାପ୍ରଭୁଙ୍କ ନିକଟରେ ସମୂହ ଦୀପଦାନ ସହ ପୂଜାର୍ଚ୍ଚନା କରାଯାଇଛି। ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆଙ୍କ ନେତୃତ୍ୱରେ ସିଂହଦ୍ୱାରରେ ଅନୁଷ୍ଠିତ ଏହି ଦୀପଦାନ କାର୍ଯ୍ୟକ୍ରମରେ ବିଜେଡି କର୍ମୀଙ୍କ ସହିତ ପୁରୀବାସୀ ଯୋଗଦେଇଥିଲେ। ଦଳମତ ନିର୍ବିଶେଷରେ ନବୀନଙ୍କୁ ଲୋକେ ଭଲ ପାଆନ୍ତି। ନବୀନ ସୁସ୍ଥ ହୋଇ ଶୀଘ୍ର ଫେରିଆସନ୍ତୁ ବୋଲି ସମସ୍ତେ କାମନା କରିଛନ୍ତି। ଏବେ ମହାପ୍ରଭୁ ଅଣସର ଘରେ ଅଛନ୍ତି। ଶନିବାରଠାରୁ ଜଗନ୍ନାଥ ମହାପ୍ରଭୁ ସୁସ୍ଥ ହୋଇ ଉଠିବା ପର୍ଯ୍ୟନ୍ତ ତାଙ୍କୁ ଫୁଲ, ଚନ୍ଦନ, କର୍ପୂର, ତେଲ ଆଦି ନବୀନ ପଟ୍ଟନାୟକଙ୍କ ପାଇଁ ଲାଗି ହେବ। ରଥଯାତ୍ରା ପାଇଁ ପୁରୀର ସେବାୟତମାନେ ନବୀନ ପଟ୍ଟନାୟକଙ୍କୁ ନିମନ୍ତ୍ରଣ କରିଆସିଛନ୍ତି। ସେ ଖୁବ୍‌ଶୀଘ୍ର ସୁସ୍ଥ ହୋଇ ପୁଣି ରାଜ୍ୟର ମୁଖ୍ୟମନ୍ତ୍ରୀ ହେବେ ବୋଲି କହିଛନ୍ତି ଦଇତାପତି ନିଯୋଗର ସମ୍ପାଦକ ରାମକୃଷ୍ଣ ଦାସ ମହାପାତ୍ର। ଏହି ଦୀପଦାନ



କାର୍ଯ୍ୟକ୍ରମରେ ଗୌରହରି ପ୍ରଧାନ, ରବିଶଙ୍କର ପ୍ରତିହାରୀ, ସାଇନା ଖୁଣ୍ଟିଆ, କୃଷ୍ଣଚନ୍ଦ୍ର ପଣ୍ଡା, ଭଗବାନ ପଡ଼ିହାରୀ, ଶଙ୍ଖମିତ୍ର ସିଂହାରୀ, ସୁରେଶ ଚନ୍ଦ୍ର ବାରିକ, ବାବୁଲି ଜେନା, ବାପି ପାଟସାହାଣୀ, ସୁରେଶ ରାଓଙ୍କ ସମେତ ବହୁ ବରିଷ୍ଠ ନେତା, ଯୁବ ଓ ମହିଳା ଉପସ୍ଥିତ ଥିଲେ।

● ଶ୍ରୀମନ୍ଦିରରେ ଖଳି ଲାଗି ଏକାଦଶୀ

## ଦାରୁଦିଅଁଙ୍କୁ ଲାଗି ହେଲା ପୁଷ୍ପ, ତୁଳସୀ

**ଆଜି ରାଜପ୍ରସାଦ ବିଜେ**

ପୁରୀ,୨୧।୬(ସମିସ): ମାନବୀୟ ଲୀଳା କରୁଛନ୍ତି ମହାପ୍ରଭୁ। ଦାରୁବିଗ୍ରହଙ୍କ ନୀତିକାନ୍ତି ଓ ଜୀବନଚର୍ଯ୍ୟା ସାଧାରଣ ମଣିଷଙ୍କ ଭଳି। ସ୍ନାନ ପୂର୍ଣ୍ଣିମାରେ ଅତ୍ୟଧିକ ସ୍ନାନ କରି ଜ୍ୱରରେ ପଡ଼ିଥିବା ଠାକୁର ଏବେ ଅଣସର ଘରେ। ଶୀଘ୍ର ଆରୋଗ୍ୟ ପାଇଁ ଚାଲିଛି ଆୟୁର୍ବେଦିକ ଉପଚାର। ଗୁପ୍ତସେବା କରୁଛନ୍ତି ଦଇତାପତି ସେବକ। ବଡ଼ଓଡ଼ିଆ ମଠରୁ ଆସିଥିବା ଫୁଲୁରୀ ତେଲ, ଶୁଦ୍ଧସୁଆର ସେବକ ଦେଇଥିବା ଓଷୁଅ ଲାଗି ହେବା ପରେ ଶୁକ୍ରବାର ଶ୍ରୀବିଗ୍ରହ ଚକାବିଜେ କରିଛନ୍ତି। ଶନିବାର ଖଳିଲାଗି ଏକାଦଶୀରେ ଅଣସର ଗୃହରେ ବିରାଜିତ ଦାରୁଦିଅଁଙ୍କୁ ଖଳିଲାଗି ସହ ତୁଳସୀ, ସୁବାସିତ ରଙ୍ଗୀନ ପୁଷ୍ପ ମଧ୍ୟ ଲାଗି କରାଯାଇଛି। ମହାପ୍ରଭୁ ଦଶମୂଳ ମେହୌଷଧୀ ସେବନ କରି ସୁସ୍ଥ ହୋଇଛନ୍ତି ବିଶ୍ୱନିୟନ୍ତା। ରବିବାର ଦ୍ୱାଦଶୀରେ ରାଜପ୍ରସାଦ ବିଜେ ନୀତି ରହିଛି।

ଶ୍ରୀମନ୍ଦିର ପଟିଦିଅଁଙ୍କ ନିକଟରେ ମଧ୍ୟାହ୍ନ ଧୂପ ଏବଂ ଦକ୍ଷିଣୀ ଘର ଭୋଗ ବଢ଼ିବା ପରେ ଜୟବିଜୟ ଦ୍ୱାର ବନ୍ଦ ହୋଇ ବେହେରଣ ଦ୍ୱାର ଖୋଲିଥିଲା। ଏହାପରେ ଅଣସର ଗୃହରେ ଥିବା ଚତୁର୍ଦ୍ଧାବିଗ୍ରହଙ୍କ ଅଣସର ନୀତି ଆରମ୍ଭ ହୋଇଥିଲା। ଶୁଦ୍ଧସୁଆରଙ୍କ ଘରୁ ଆସିଥିବା ଖଳି ଠାକୁରଙ୍କୁ ଲାଗି କରାଯିବା ସହିତ ରକ୍ତବସ୍ତ୍ର ଲାଗି କରାଯାଇଥିଲା। ପରେ ଚକଟା ଭୋଗ ଏବଂ ପଣାଭୋଗ ହୋଇ ବେହେରଣ ଦ୍ୱାର ବନ୍ଦ ହୋଇଥିଲା। ଜୟବିଜୟ ଦ୍ୱରା ଖୋଲି ପଟିଦିଅଁଙ୍କ ନୀତି ଆରମ୍ଭ ହୋଇଥିଲା। ପଟିଦିଅଁଙ୍କ ସନ୍ଧ୍ୟା ଆଳତି ଏବଂ ସନ୍ଧ୍ୟାଧୂପ ବଢ଼ିବା ପରେ ବେହେରଣ ଦ୍ୱାରା ଖୋଲିଥିଲା। ପଟିଦିଅଁଙ୍କ ସର୍ବାଙ୍ଗ ଆରମ୍ଭ ହେବା ସହ ଅଣସର ଗୃହରେ ଘଣ୍ଟ, କାହାଳୀ ବାଜି ଚତୁର୍ଦ୍ଧାବିଗ୍ରହଙ୍କ ସର୍ବାଙ୍ଗ ହୋଇଥିଲା। ସର୍ବାଙ୍ଗ ବଢ଼ିବା ପରେ ଗୀତିଗୋବିନ୍ଦ ଖଣ୍ଡୁଆ, ରଙ୍ଗୀନ ସୁଗନ୍ଧିତ ପୁଷ୍ପ, ଗୁଣା, ଝୁମ୍ପା, କରପଲ୍ଲବ, ହୃଦୟପଦକ ଏବଂ ତୁଳସୀ ଲାଗି କରାଯାଇଥିଲା। ସ୍ନାନପୂର୍ଣ୍ଣିମା ପରେ ମହାପ୍ରଭୁ ପ୍ରଥମ ତୁଳସୀ ଧାରଣ କରିଥିଲେ। ଏହାପରେ ବୈଦ୍ୟ ସେବକଙ୍କ ଘରୁ ଆସିଥିବା ଦଶମୂଳକୁ ପତିମହାପାତ୍ର ସେବକ ସଂସ୍କାର କରିବା ପରେ ଦଇତାପତିମାନେ ଦାରୁବିଗ୍ରହଙ୍କୁ ଲାଗି କରାଇଥିଲେ।



ରଥ ଉପରକୁ ଉଠିଲା ଦୁଆର ବେଢ଼ା

● ଆଜି ରଥଯାତ୍ରାର ସ୍ୱତନ୍ତ୍ର ସମୀକ୍ଷା ବୈଠକ

## ପ୍ରସ୍ତୁତି ସମୀକ୍ଷା କରିବେ ମୁଖ୍ୟମନ୍ତ୍ରୀ

ପୁରୀ,୨୧।୬(ସମିସ): ରବିବାର ଅନୁଷ୍ଠିତ ହେବ ରଥଯାତ୍ରାର ସ୍ୱତନ୍ତ୍ର ସମୀକ୍ଷା ବୈଠକ। ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ରଥଯାତ୍ରା ପ୍ରସ୍ତୁତିର ସମୀକ୍ଷା କରିବେ। ଟାଉନ ହଲ୍ ପରିସରରେ ପୂର୍ବାହ୍ଣ ୧୧ଟାରେ ହେବାକୁ ଥିବା ବୈଠକରେ ମନ୍ତ୍ରୀ, ଅଧିକାରୀ, ସେବାୟତ, ବୁଦ୍ଧିଜୀବୀ ପ୍ରମୁଖ ଯୋଗଦେବେ। ଆସନ୍ତା ୨୭ ତାରିଖ ରଥଯାତ୍ରା ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି ଚାଲିଛି। ଏଥର କିଛି ରାଜ୍ୟର ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ ଏବଂ କେନ୍ଦ୍ରମନ୍ତ୍ରୀ ମଧ୍ୟ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସେହିପରି ଏଥର ଅଧିକ ଶ୍ରଦ୍ଧାଳୁ ସମାଗମ ହେବା ସମ୍ଭାବନା ଅଛି। ତେଣୁ ସୁରକ୍ଷା ଏବଂ ଶୃଙ୍ଖଳିତ ଦର୍ଶନ ପାଇଁ ପ୍ରଶାସନ ପକ୍ଷରୁ କ’ଣ ସବୁ ପ୍ରସ୍ତୁତି କରାଯାଇଛି ତାହାର ସମୀକ୍ଷା କରିବେ ମୁଖ୍ୟମନ୍ତ୍ରୀ। ପୂର୍ବରୁ ଅନୁଷ୍ଠିତ ଦୁଇଟି ସମନ୍ୱୟ ବୈଠକରେ ବିଭିନ୍ନ ବିଭାଗର ଅଧିକାରୀ ଠିକଣା ସମୟକୁ ସବୁ ପ୍ରସ୍ତୁତ ହୋଇଯିବ ବୋଲି କହିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା ବୈଠକରେ ଅଧିକାରୀମାନେ କି ପ୍ରକାର ପ୍ରସ୍ତୁତି କରିଛନ୍ତି ସେ ସମ୍ପର୍କରେ ସବିଶେଷ ସୂଚନା ଦେବେ। କାହାର କ’ଣ କାମ ବାକି ରହିଯାଇଛି ଏବଂ ଅଧିକ କ’ଣ କଲେ ରଥଯାତ୍ରା ଶୃଙ୍ଖଳିତ ହୋଇପାରିବ ଏବଂ ଭକ୍ତମାନେ ଭଲ ଭାବେ ଦର୍ଶନ କରିବେ ତାହା ଉପରେ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯିବ।

## ଜନଶିକ୍ଷଣ ସଂସ୍ଥାନର ଯୋଗ ଦିବସ ପାଳିତ

ପୁରୀ,୨୧।୬(ସମିସ): ଜନ ଶିକ୍ଷଣସଂସ୍ଥାନ ପୁରୀ ଏବଂ ପତଞ୍ଜଳି ଯୋଗପୀଠ ମିଳିତ ଆନୁକୁଲ୍ୟରେ ହଲିଡେ ରିସୋର୍ଟଠାରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ମହେଶ ବାବୁଙ୍କ ଦ୍ୱାରା ପରିଚାଳିତ ଏହି କାର୍ଯ୍ୟକ୍ରମରେ ଜନଶିକ୍ଷଣ ସଂସ୍ଥାନ ଓ ଅନ୍ୟାନ୍ୟ ଅନୁଷ୍ଠାନର ୨୫୦ରୁ ଊର୍ଦ୍ଧ୍ୱ ପ୍ରଶିକ୍ଷାର୍ଥୀ ଭାଗ ନେଇଥିଲେ। ଏଥିରେ ପ୍ରଶିକ୍ଷାର୍ଥୀମାନେ ପ୍ରାୟ ୨ ଘଣ୍ଟା ଧରି ବିଭିନ୍ନ ପ୍ରକାର ଯୋଗାଭ୍ୟାସ କରିଥିଲେ। ସମାଜରେ ଯୋଗର ଆବଶ୍ୟକତାକୁ ବୁଝି ନିଜେ ଯୋଗ କରି ଓ ଅନ୍ୟମାନଙ୍କୁ ଯୋଗର ମହତ୍ତ୍ୱ ବୁଝାଇବା ସହିତ ସଂକଳ୍ପ ନେଇଥିଲେ। ଏଥିରେ ବିଭିନ୍ନ ପ୍ରାନ୍ତରୁ ପତଞ୍ଜଳି ଯୋଗ ଶିବିରର କର୍ମକର୍ତ୍ତା ଭାଗ ନେଇ କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ପରିଚାଳନା କରି ଦୈନନ୍ଦିନ ଜୀବନରେ ଯୋଗର ଆବଶ୍ୟକତା ବଖାଣିଥିଲେ। ଅନୁଷ୍ଠାନ ତରଫରୁ ଜନଶିକ୍ଷଣ ସଂସ୍ଥାନର କର୍ମଚାରୀ ଶଶୀଭୂଷଣ ଦତ୍ତ, ନିକି ପ୍ରଧାନ, ବାଦଲ ପରିଡ଼ା, ଜୀବନଜିତା ଦାସ, ପ୍ରସାଦ ଦ୍ୱିବେଦୀ ଯୋଗଦେଇଥିଲେ।




## ସିପିଏସ୍‌ରେ ଯୋଗ ଦିବସ ପାଳିତ

ପୁରୀ,୨୧।୬(ସମିସ): ବାଲିଗୁଆଳିସ୍ଥିତ କଲେଜ ଅଫ୍ ଫାର୍ମାସ୍ୟୁଟିକାଲ ସାଇନ୍ସେସ୍ (ସିପିଏସ) ମହାବିଦ୍ୟାଳୟଠାରେ ଶନିବାର ୧୧ତମ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। କଲେଜର ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକଶିକ୍ଷୟିତ୍ରୀ ଏବଂ କର୍ମଚାରୀମାନଙ୍କୁ ପ୍ରାକ୍ତନ ପ୍ରଫେସର ତଥା ସୁନାମଧନ୍ୟା ଯୋଗ ଶିକ୍ଷୟିତ୍ରୀ ସୁଶ୍ରୀ ସ୍ନେହା ନନ୍ଦଙ୍କ ଦ୍ୱାରା ବିଭିନ୍ନ ପ୍ରକାର ଯୋଗ ପ୍ରଶିକ୍ଷଣ କରାଯାଇଥିଲା। ପରେ ଅନୁଷ୍ଠାନର ଅଧକ୍ଷ ଡ. ଅମୀୟକାନ୍ତ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ପ୍ରଫେସର ତଥା ଶିକ୍ଷୟିତ୍ରୀ ସୁଶ୍ରୀ ସ୍ନେହା ନନ୍ଦ, ସମ୍ମାନିତ ଅତିଥି ଭାବେ ଅନୁଷ୍ଠାନର ଚେୟାରପର୍ସନ ଅନିମା ଦାସ, ନିର୍ଦ୍ଦେଶକ ଡ. ଗଣେଶ ଦାସ, ଉପାଧକ୍ଷ ସଞ୍ଜୟ କୁମାର ନାୟକ ଯୋଗଦେଇ ଯୋଗର ଉପାଦେୟତା ଏବଂ ଯୋଗ ଦ୍ୱାରା କିପରି ସ୍ୱାସ୍ଥ୍ୟରେ ଉନ୍ନତି ହୁଏ ବକ୍ତବ୍ୟ ପ୍ରଦାନ କରିଥିଲେ। ଏଥିସହିତ ଏ ବର୍ଷର ବିଷୟବସ୍ତୁ ‘ଯୋଗ ଫର୍ ୱାନ ଆର୍ଥ, ୱାନ୍ ହେଲ୍‌ଥ’ ଉପରେ ଅତିଥିମାନେ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ସଭା କାର୍ଯ୍ୟକୁ ଅନୁଷ୍ଠାନର ଅଧ୍ୟାପକ ଚିନ୍ମୟ କେଶରୀ ସାହୁ, ଅଧ୍ୟାପିକା ସୁନିତା ମିଶ୍ର, ସଞ୍ଜୟିତା ମଣ୍ଡଳ, ସୁନିସ୍ମିତା ସାହୁ, ଦୀପ୍ତିପ୍ରଜ୍ଞା ଦାସ, ଅସିତ୍ କୁମାର ଷଡ଼ଙ୍ଗୀ, ଅନୁପ ପାତ୍ର ଏବଂ ଅଫିସ୍ ପରିଚାଳକ ସରୋଜ ବିହାରୀ ମିଶ୍ର ପ୍ରମୁଖ ପରିଚାଳନା କରିଥିବାବେଳେ ଅଧ୍ୟାପକ ବସନ୍ତ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।



ଶ୍ରୀମନ୍ଦିରକୁ ଆସିଲା ନିଆଳି ମାଧବରୁ ଭାର

## ମା’ ଦକ୍ଷିଣକାଳୀଙ୍କୁ ସମର୍ପିତ ହେଲା ପୁଲିସର ବ୍ୟବସ୍ଥାବଳୀ

ପୁରୀ/ସାକ୍ଷୀଗୋପାଳ,୨୧।୬(ସମିସ): ଆସନ୍ତା ୨୭ ତାରିଖରେ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା। ଏଥିପାଇଁ ପୁରୀକୁ ଦେଶ ବିଦେଶରୁ ଲକ୍ଷ ଲକ୍ଷ ସଂଖ୍ୟାରେ ଭକ୍ତ ଆସିବେ। ତେଣୁ ଘୋଷଯାତ୍ରା ଯେପରି ଶୃଙ୍ଖଳିତ ଭାବେ ସମ୍ପନ୍ନ ହେବ ତାହାକୁ ଗୁରୁତ୍ୱ ଦେଇଛି ପ୍ରଶାସନ। ପୁଲିସ ପକ୍ଷରୁ ମଧ୍ୟ ରଥଯାତ୍ରାର ବ୍ୟବସ୍ଥାବଳୀ ପ୍ରସ୍ତୁତ କରାଯାଇଛି। ଏସ୍‌ପି ବିନୀତ୍ ଅଗ୍ରୱାଲଙ୍କ



ନେତୃତ୍ୱରେ ପର୍ବପର୍ବାଣି କକ୍ଷର ସମସ୍ତ ସଦସ୍ୟଙ୍କ ଉପସ୍ଥିତିରେ ଏହି ପୁସ୍ତକ ବୀରଗୋବିନ୍ଦପୁରସ୍ଥିତ ମା’ ଦକ୍ଷିଣକାଳୀଙ୍କ ନିକଟରେ ପୂଜାର୍ଚ୍ଚନା ସହ ସମର୍ପଣ କରାଯାଇଛି। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଏସ୍‌ପି ଦେବ ପ୍ରତାପ, ଡିସି ଜିତେନ୍ଦ୍ର କୁମାର ଦେହୁରୀ, ସୌମ୍ୟରଞ୍ଜନ ଦାଶ, ଇନ୍ସପେକ୍ଟର ଗାୟତ୍ରୀ ମିଶ୍ର, ଆର୍‌ଆଇ ଚିତ୍ତରଞ୍ଜନ ମହାନ୍ତି, ସତ୍ୟବାଦୀ ଥାନାଧିକାରୀ ବିଜୟ କେତନ ବେହେରା, ଯଯାତି ଦାଶ, ଦୁଷ୍ମନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।


# ସୃଜନିକା

ସକାଳ
THE SAKALA
www.sakalaepaper.com

## ପୁସ୍ତକ ଓ ପତ୍ରିକା ପରିଚୟ

### ବାପାଙ୍କ ସହ ଶେଷ ଜହ୍ନରାତି

ବିପ୍ଳବ





ପଶ୍ଚିମା ପବ୍ଲିକେଶନ୍ସ
୧୮୮୨, ନୟାପଲ୍ଲୀ
ଭୁବନେଶ୍ୱର
ପ୍ରଥମ ସଂସ୍କରଣ: ୨୦୨୪
ମୂଲ୍ୟ: ୧୩୯ ଟଙ୍କା

ପ୍ରତିଟି ସନ୍ତାନଙ୍କ ପାଇଁ ବାପା ଜଣେ ମାର୍ଗଦର୍ଶକ, ଶୁଭଚିନ୍ତକ, ପ୍ରେରଣାଦାତା । ବାପାଙ୍କ ଉପସ୍ଥିତିରେ ଜହ୍ନରାତି ବି ଅଧିକ ଆକର୍ଷଣୀୟ ଲାଗିଥାଏ । ପୁଣି ସେ ନ ଥିଲେ ସବୁଠି ଖେଳି ଯାଏ ନିରବତା, କରୁଣର ସ୍ୱର । ଗାଳ୍ପିକ ବିପ୍ଳବଙ୍କ 'ବାପାଙ୍କ ସହ ଶେଷ ଜହ୍ନରାତି' ପୁସ୍ତକର ଗପଗୁଡ଼ିକ ଏହାର ଏକ ଏକ ଜ୍ୱଳନ୍ତ ଉଦାହରଣ । ଏହି ପୁସ୍ତକର ଅଧିକାଂଶ ଗପରେ ବାପାଙ୍କ ସହିତ ନିବିଡ଼ ସଂପର୍କର ଚିତ୍ର ପ୍ରତିଫଳିତ ହୋଇଛି । ବୁଢ଼ା ବୟସରେ ରୋଗୀଣା ବାପାଙ୍କୁ କୌଣସି ଔଷଧ ସୁସ୍ଥ କରି ପାରେନା, ବରଂ ଟିକିଏ ଭଲ ପାଇବା, ଦି' ପଦ କଥା, ଟିକେ ହସଖୁସି, ଆଉ କିଛି ସମୟର ଆବଶ୍ୟକତା ଥାଏ । ଏହା ପ୍ରମାଣିତ ହୋଇଛି 'ବାପା' ଗପରେ । ପୁଅର ଟିକିଏ ଆତ୍ମୀୟପୂର୍ଣ୍ଣ କଥାବାର୍ତ୍ତା କିଭଳି ଜଣେ ଅସୁସ୍ଥ ବୁଢ଼ା ବାପାକୁ ବିଛଣାରୁ ଉଠାଇ ଦେଉଛି, ତାହା ଅତି ମାର୍ମିକ ଭାବେ ବର୍ଣ୍ଣନା କରାଯାଇଛି ଏହି ଗପରେ । ଏହି ପୁସ୍ତକରେ ସଂକଳିତ 'ବାପା ନଥିବା ପୃଥିବୀ', 'ଶେଷ ମାଣବସା', 'ବିଜୟ ଉତ୍ସବ', 'ବାପାଙ୍କ ସହ ଶେଷ ଜହ୍ନରାତି', 'ଘାସଫୁଲ', 'ଅମଣିଷ', 'ପିତା ଓ ପୁତ୍ର', 'ବାପା', 'ମୁଖା', 'ଧୋବେଇ କୋରଟିଆ', 'ଭାଇଭାଗ' ଆଦି ଗପଗୁଡ଼ିକ ମନଛୁଆଁ ହୋଇଛି । କାହାଣୀରେ ନୂତନତ୍ୱ, ସରଳ ଭାଷା, କଥନୀୟ ଶୈଳୀ ଗପଗୁଡ଼ିକକୁ ଅଧିକ ଆକର୍ଷଣୀୟ କରିଛି । ଏହି ପୁସ୍ତକର ଗପଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ ।

### ରେବତୀ

ସଂପାଦିକା : ସୁବାସିନୀ ଜେନା





ଓଟି ରୋଡ୍
ବାଲେଶ୍ୱର - ୭୫୬୦୦୧
ମୂଲ୍ୟ: ୭୦ ଟଙ୍କା

ଶ୍ରୀମତୀ ସୁବାସିନୀ ଜେନାଙ୍କ ସଂପାଦିତ 'ରେବତୀ'ର ୨୦୨୫ ଜୁନ୍ ସଂଖ୍ୟାର ସାହିତ୍ୟଠାରୁ ରୋଷେଇଶାଳ ପର୍ଯ୍ୟନ୍ତ ପ୍ରତିଟି ବିଭାଗ ଆକର୍ଷଣୀୟ ଓ ହୃଦୟସ୍ପର୍ଶୀ ହୋଇଛି । ଚଳିତ ସଂଖ୍ୟାରେ ଡକ୍ଟର ରାଧାରଞ୍ଜନ ପଟ୍ଟନାୟକଙ୍କ 'ମୁକ୍ତିକାମୀ ସାହିତ୍ୟର ମୁଖବନ୍ଧ'ରେ ଫକୀରମୋହନଙ୍କ କଥା ସାହିତ୍ୟ ସଂପର୍କରେ ଏକ ତଥ୍ୟଭିତ୍ତିକ ଉଚ୍ଚକୋଟୀର ଆଲୋଚନା ପ୍ରକାଶ ପାଇଛି । ସେହିପରି ସ୍ୱାଗତିକା ସେଠୀଙ୍କ 'ତନ୍ତର ତନୁମନ'ରେ ଓଡ଼ିଶା ବାନ୍ଧକଳାର ସୂକ୍ଷ୍ମ କାରୁକାର୍ଯ୍ୟ ଉପରେ ମାର୍ମିକ ଉପସ୍ଥାପନା କରାଯାଇଛି । ସେଭଳି ସୁରଚିତା ବେହେରାଙ୍କ 'ଚିନାମାଟିର ଚମକ'ରେ ଉତ୍ତର ପ୍ରଦେଶର ଖୁର୍ଜା ସହରରେ ଚିନାମାଟିର ସାମଗ୍ରୀ ପ୍ରସ୍ତୁତି, ବ୍ୟବସାୟ ଆଦି ସଂପର୍କରେ ମନଛୁଆଁ ବର୍ଣ୍ଣନା କରାଯାଇଛି । ସେହିପରି ସବିତା ବାରିକଙ୍କ 'କରୋନା କବିତା କାରୁଣ୍ୟର ଗାଥା', ଐତିହାସିକ ସତ୍ୟବାଦୀ ବଳିଆସିଂହଙ୍କ 'ମଣିନାଗଙ୍କ ମହିମା', ଲଳିତ ମୋହନ ମିଶ୍ରଙ୍କ 'ମହେନ୍ଦ୍ରଗିରିର ମୋହ', ପାରମିତା ଷଡ଼ଙ୍ଗୀଙ୍କ 'ମଥାନର ମାୟା' ଆଦି ପ୍ରବନ୍ଧ ଓ ଫିଚରଗୁଡ଼ିକ ମନଛୁଆଁ ହୋଇଛି । କବିତା ବିଭାଗରେ ବାସୁଦେବ ସୁନାନୀ, ରତ୍ନାକର ରାଉତ, ମୋହିତ ଚକ୍ରବର୍ତ୍ତୀ, ପ୍ରଭାତ ନଳିନୀ ମହାପାତ୍ର, ଡକ୍ଟର ସିନ୍ଧୁ ସେନ୍, ଲିପିକା ଦାସ ପ୍ରମୁଖଙ୍କ କବିତାରେ ଜୀବନ, ଦର୍ଶନ ଓ ସାମାଜିକ ବାସ୍ତବତାର ଚିତ୍ର ପ୍ରତିଫଳିତ ହୋଇଛି । ସେହିପରି ବିଜୟ ନାୟକ, ବିରଜା ରାଉତରାୟ, ସିଗ୍ଧା ନାୟକଙ୍କ ଗପଗୁଡ଼ିକ ମାର୍ମିକ ହୋଇଛି । 'ରେବତୀ'ର ନିୟମିତ ବିଭାଗଗୁଡ଼ିକ ମଧ୍ୟ ଆକର୍ଷଣୀୟ ଓ ସୁଖପାଠ୍ୟ ହୋଇଛି । 'ରେବତୀ'ର ଜୁନ୍ ସଂଖ୍ୟାଟି ପାଠକୀୟ ଆଦର ଲାଭ କରିବ ବୋଲି ଆଶା କରାଯାଏ ।

### ପଲ୍ଲୀପୁଷ୍ପ

ସଂପାଦକ : ସତ୍ୟବ୍ରତ ସାହୁ




ଶ୍ରୀ ଶ୍ରୀକ୍ଷେତ୍ର ସାହିତ୍ୟ ଓ ସାଂସ୍କୃତିକ ପରିଷଦ
ପଲ୍ଲାସାହି, ଯାଜପୁର- ୭୫୫୦୩୬
ମୂଲ୍ୟ: ୧୦୦ ଟଙ୍କା

ଶ୍ରୀ ଶ୍ରୀକ୍ଷେତ୍ର ସାହିତ୍ୟ ଓ ସାଂସ୍କୃତିକ ପରିଷଦ ପକ୍ଷରୁ ପ୍ରକାଶିତ ତୃତୀୟ ବାର୍ଷିକ ମୁଖପତ୍ର ୨୦୨୫ 'ପଲ୍ଲୀପୁଷ୍ପ' ଆମର ହସ୍ତଗତ ହୋଇଛି । ଓଡ଼ିଶାର ଅନେକ ବରିଷ୍ଠ ଓ ଯୁବ ଲେଖକଙ୍କ କବିତା, ଗପ, ପ୍ରବନ୍ଧ ଆଲୋଚନା, ଅନୁବାଦ, ଏକାଙ୍କିକା ଆଦିରେ ଏହି ପତ୍ରିକାଟି ସମୃଦ୍ଧଶାଳୀ ହୋଇଛି । କବିତା ବିଭାଗରେ ଡକ୍ଟର ନୃସିଂହ ଚରଣ ଷଡ଼ଙ୍ଗୀ, ଡକ୍ଟର ଶ୍ରୀହରି ଧଳ, ଡକ୍ଟର ସତ୍ୟ ନାୟକ, ଡକ୍ଟର ସୁମନ କଲ୍ୟାଣ ବେହେରା, ଡ. କଳ୍ପନା ମଞ୍ଜରୀ ବେଉରିଆ, ହେମନ୍ତ ନାୟକ, ବନ୍ଦନା ସାହୁ ପ୍ରମୁଖଙ୍କ କବିତାରେ ମାନବୀୟ ଭାବାବେଗ, ସାଂପ୍ରତିକ ସମାଜର ବାସ୍ତବ ଚିତ୍ର ପ୍ରତିଫଳିତ ହୋଇଛି । ସେହିପରି ଅଧ୍ୟାପକ ଅଶୋକ କୁମାର ନାୟକଙ୍କ 'ଫକୀରମୋହନ ସାହିତ୍ୟରେ ବ୍ୟଞ୍ଜନା', ଡକ୍ଟର କବିତା ମହାନ୍ତିଙ୍କ 'ଭାରତର ଆଲୋକ ସ୍ୱାମୀ ବିବେକାନନ୍ଦ', ମଧୁସୂଦନ ମହାପାତ୍ରଙ୍କ 'ଯାଜପୁରର ଯୁଗାନ୍ତକାରୀ ନାରୀକବି 'ରେବା ରାଏ', ଡକ୍ଟର ରଶ୍ମିତା ତ୍ରିପାଠୀଙ୍କ 'ଜାତୀୟତାର ବାର୍ତ୍ତାବହ ଗୋପବନ୍ଧୁ ଦାସ' ଆଦି ପ୍ରବନ୍ଧ ଓ ସମାଲୋଚନାଗୁଡ଼ିକ ଉଚ୍ଚକୋଟୀର ଓ ଗବେଷଣାଧର୍ମୀ ହୋଇଛି । ସେଭଳି ରାମଚନ୍ଦ୍ର ଦାଶଙ୍କ 'ଭୋକର ପୃଥିବୀ', ସ୍ନେହଲତା ଧୀରଙ୍କ 'ପାହାନ୍ତି ସ୍ୱପ୍ନ', ଭାଗିରଥୀ ପାଣିଗ୍ରାହୀଙ୍କ 'ପୁଅ ପାଇଥିଲି ଦିଅଁକୁ ପୂଜି' ଆଦି ଗପଗୁଡ଼ିକ ମନଛୁଆଁ ହୋଇଛି । ସେହିପରି ଗୀତି କବିତା, ଶିଶୁ କବିତା, ଏକାଙ୍କିକା, ଅନୁବାଦ ଆଦି ମଧ୍ୟ ହୃଦୟସ୍ପର୍ଶୀ ହୋଇଛି । 'ପଲ୍ଲୀପୁଷ୍ପ' ପାଠକମାନଙ୍କ ଦ୍ୱାରା ଆଦୃତି ଲାଭ କରିବ ବୋଲି ଆଶା କରାଯାଏ ।

## ପ୍ରାର୍ଥନା



ଛନ୍ଦା ମିଶ୍ର



ନୂଆବର୍ଷର ପ୍ରଥମ ଦିନରେ ଏପରି ଘଟଣାଟିଏ ଦେଖିବ ବୋଲି ବିଲ୍‌କୁଲ ବି ଭାବି ନଥିଲା ଅବନୀ । ସେ ଭାବିଥିଲା, ଆଉ ଯାହା ହେଉ କି ନହେଉ ଏଥର ନୂଆବର୍ଷରୁ ସେ ନିଜ ଶରୀରର ଠିକ୍ ଭାବେ ଯତ୍ନ ନେବ, ନହେଲେ ଯେମିତି ତା'ର ସାଙ୍ଗ ଦୁଇ ଜଣଙ୍କୁ ଡାଇବେଟିସ୍ ହେଲାଣି ନା... । ହେଲେ ଭୋର୍‌ରେ ମର୍ଣ୍ଣିଂ ୱାକ୍ ସମୟରେ ଏ ଅଭାବନୀୟ ଦୃଶ୍ୟଟି, ହୃଦୟକୁ ତା'ର କୋରି ପକାଇଲା । ମନ ତା'ର ବିକଳ ହୋଇ ଉଠିଲା । ଏଡେ ସୁନ୍ଦର କଅଁଳିଆ ଶିଶୁଟିକୁ କିଏ ଏତେ ନିଷ୍ଠୁର ଯେ, ଏମିତି କପଡ଼ା ଗୁଡ଼େଇ ରାସ୍ତା କଡ଼ ଆମ୍ବ ଗଛ ତଳେ ଛାଡ଼ି ଦେଇ ଯାଇଛି !

କଳା ମଚମଚ ଗୋଛାଏ ବାଳ ମୁଣ୍ଡରେ, ଗୋରା ତକତକ ଚେହେରା, ନିଦରେ ଶୋଇ ବି ଶିଶୁଟି ଗୋଲାପି ଓଠରେ ମୁରୁକି ମୁରୁକି ହସି ଦେଉଥିଲା । ଅବନୀ ଦେଖିବା ପୂର୍ବରୁ ଆଉ ଚାରି ପାଞ୍ଚ ଜଣ ସେଠାରେ ପହଞ୍ଚି ଯାଇଥିଲେ । ଗଛ ଉପରେ ଥାଇ ଆଠ ଦଶଟି ମାଙ୍କଡ଼ ବି ଚାହିଁ ରହିଥିଲେ ତଳକୁ । ଭାଗ୍ୟକୁ ବୁଲା କୁକୁରଙ୍କ ଆଖିରେ ପଡ଼ିନି, ନହେଲେ... । ଓଃ ଆଉ ଆଗକୁ ଭାବି ପାରୁନଥିଲା ଅବନୀ । ଲୋକେ ବି ସେଇ କଥା କହୁଥିଲେ, "କୁକୁର ଝୁଣି ଖାଇ ଯାଇଥାନ୍ତେ ଛୁଆଟିକୁ, କେମିତି ହେଇଥିବ ସେ ମାଆଟି କେଜାଣି, ନିଜ ଗର୍ଭରୁ ଜନ୍ମ ଦେଇ କେହି କ'ଣ ଏମିତି ଫୋପାଡ଼ି ଦେଇ ପାରେ !"

ଧୀରେ ଧୀରେ ଭିଡ଼ ବଢୁଥିଲା । କିଏ କହୁଥିଲା, "କାହାର ପାପର ଫଳ ହେଇଥିବ... ଆଉ କିଏ କହୁଥିଲା, ବୋଧେ ପୁଅ ଭାବିଥିଲା, ଝିଅ ଜନ୍ମ ହେଲା, ତେଣୁ... ।" ତେବେ ସମସ୍ତେ କଳିକାଳକୁ ଦୋଷ ଦେଉଥିଲେ, ସତେ ଯେମିତି ଆଗରୁ କେବେ ଏମିତି ହୋଇ ନଥିଲା, ଏଇ ପ୍ରଥମ କରି ଏପରି ଘଟଣା ଘଟିଛି! କେହି କିନ୍ତୁ ଛୁଆଟିକୁ ଛୁଉଁ ନଥିଲେ । କି ଜାତି ନେଇ କି ଜାତି ହେଇଥିବ, କହି । ଅବନୀ ଭାବୁଥିଲା, ଯଦି ସମ୍ଭବ ହେଇଥାନ୍ତା, ତେବେ ସେ ନିଶ୍ଚୟ ଛୁଆଟିକୁ କୋଳେଇ ନେଇଥାନ୍ତା । କିନ୍ତୁ ସେ ତ ନିଜେ ଅବିବାହିତ, ବେକାର...ନିଜ ରକ୍ଷଣ ଯେଉଁଠି ଅସମ୍ଭବ... । ଜଣେ ସ୍ଥାନୀୟ ପୋଲିସ୍‌କୁ ଫୋନ୍ କରିଥିଲେ ।

"ପୋଲିସ୍ ଆସି କ'ଣ କରିବ କରୁ, କାହିଁ କାଦୁଅକୁ ଯିବା ଗୋଡ଼ ଧୋଇବା ।" ମନ୍ତବ୍ୟ ଦେଇଥିଲେ, ସବ୍‌ଜାନତା ପରି ଅଣ୍ଟାରେ ହାତ ଦେଇ ଛିଡ଼ା ହୋଇଥିବା ବୃଦ୍ଧ ଜଣେ ।

ଏଇ ସମୟରେ ଘଟିଗଲା ଆଉ ଗୋଟିଏ ଅଘଟଣ । ମା' ମାଙ୍କଡ଼ଟିଏ ଗଛ ଉପରୁ ନିଜ ଛୁଆ ସହିତ ପାଖ ଗଛକୁ ଡେଇଁଲା ବେଳକୁ ତାକୁ ଜାବୁଡ଼ି ଧରିଥିବା ଛୁଆଟି ଖସି ପଡ଼ିଥିଲା ତଳକୁ । ଆଉ ଠିକ୍ ଏଇ ସମୟରେ ଦ୍ରୁତ ଗତିରେ ଆସୁଥିବା ବାଇକ୍‌ଟିଏ ତାକୁ ଧକ୍କା ଦେଇ ଚାଲିଗଲା । ଛୁଆଟି ସେଇଠି କୁଁ କୁଁ ହୋଇ ପ୍ରାଣ ତ୍ୟାଗୀ ଦେଲା ପରି ମନେ ହେଲା । ଲୋକମାନେ ଆହାଃ ଚୁ ଚୁ କରୁଥିଲେ ବି ମାଙ୍କଡ଼ ପଲ ଗଛ ଉପରେ ଥିବାରୁ ଛୁଆଟି ପାଖକୁ ଆସିବାକୁ କେହି ସାହସ କଲେ ନାହିଁ । କିନ୍ତୁ ଦୁଇଟି ବୁଲା କୁକୁର ନୂଆ ବର୍ଷରେ ଭଲ ଆହାରଟିଏ ମିଳିଲା ଭାବି ତାକୁ ଟାଣି ନେବାକୁ ଧାଇଁ ଆସିଲେ ।

ହେଲେ ମାଆ, ଯେତେ ଯା' ହେଲେ ମାଆ ନା...

ଦୁର୍ବଳିଆ ମାଆ ମାଙ୍କଡ଼ଟି ଖିଁ ଖିଁ କରି ଖିଙ୍କାରି ହୋଇ ଦୌଡ଼ି ଆସିଲା, ଆଉ ବୁଲା କୁକୁରମାନେ ନେବା ପୂର୍ବରୁ ମଲା ଛୁଆଟିକୁ ନିଜ ଛାତିରେ ଜାକି ଚଢ଼ିଗଲା ଗଛ ଉପରକୁ । ଛୁଆଟିର ମୁହଁକୁ ବିକଳ ହୋଇ ଆଉଁସି ପକାଇଲା । ବାରମ୍ବାର ତା' ମୁହଁକୁ ଏପଟ ସେପଟ କରି ଦେଖୁଥିଲା । ସେଠାରୁ ଆଖି ଫେରେଇ ଆଣିଲା ଅବନୀ । ପେଟ ଭିତରଟା ତା'ର ଘାଣ୍ଟି ହେଇଗଲା ।

ଏବେ ସମସ୍ତଙ୍କ ଧ୍ୟାନ ପୁଣି ଫେରି ଆସିଲା ମଣିଷ ଶିଶୁ ନିକଟକୁ । ପୋଲିସ୍ ଆସି ସାରିଥିଲା । କ'ଣ କ'ଣ ଲେଖାପଢ଼ା କରି ଦୁଇ ଚାରି ଜଣଙ୍କ ଦସ୍ତଖତ ନେଇ ଛୁଆଟିକୁ ନେଇ ପୋଲିସ୍ ଗାଡ଼ି ଚାଲିଗଲା । ପୋଲିସ୍ ନେଲା ବେଳେ ଜଣାପଡ଼ିଲା, ଶିଶୁଟି ପୁଅ ବୋଲି । ତାହେଲେ ନିଶ୍ଚେ ଅବୈଧ ହେଇଥିବ ବୋଲି ସବ୍‌ଜାନତା ଜଣକ ନିଜ ମତ ଦେଇ, "ଦେଖୁଛ ମୁଁ କେତେ କଥା ଜାଣିଛି!" ଏଇ ଭଙ୍ଗୀରେ ସମସ୍ତଙ୍କ ଉପରେ ନିଜର ଆଖି ବୁଲେଇ ଆଣିଲେ । ଭିଡ଼ ଭାଙ୍ଗିଲା ।

ଉଦାସ ମନ ନେଇ, ଆଉ ଆଜି ଚାଲିବାକୁ ଯିବନି ଭାବି, ଅବନୀ ଫେରିଲା ତା' ମେସ୍‌କୁ । ନୂଆବର୍ଷରେ ଚାଲିବା ନହେଲା ନାହିଁ, ଆଜି ଟିକେ ମନ୍ଦିର ଯାଇ ଦିଅଁ ଦର୍ଶନ କରିବ ଭାବି ଗାଧୋଇ ସାରି ମନ୍ଦିରରେ ପହଞ୍ଚିଲା । ଭାବିଥିଲା, ତା'ର ଚାକିରି ଓ ଆର୍ଥିକ ଅନାଟନ ବିଷୟରେ କହି ଠାକୁରଙ୍କୁ କିଛି ମାଗୁଣି କରିବ । ହେଲେ ଠାକୁରଙ୍କ ଆଖିରେ ତା' ଆଖି ମିଶିଗଲା ଯେମିତି, ଆଖିରେ ତା'ର ଲୁହ ଭରି ଗଲା । ଆଖି ଆଗରେ ନାଚି ଉଠିଲା ମଲା ଛୁଆକୁ ଧରି ବିକଳ ହେଉଥିବା ମା' ମାଙ୍କଡ଼ର ମୁହଁଟି, ମନେ ପଡ଼ିଗଲା, କପଡ଼ାରେ ଗୁଡ଼େଇ ହୋଇ ଶୋଇଥିବା ନିଷ୍ପାପ ମଣିଷ ଶିଶୁଟି । ଥାକ ଥାକ କରି ରଖିଥିବା ନିଜର ସବୁ ଅଳି ଅର୍ଦ୍ଦଳିକୁ ପାଶୋରି ଦେଇ ତା' ହୃଦୟ ବ୍ୟାକୁଳ ହୋଇ କହି ଉଠିଲା, ଠାକୁରେ, ପୁନର୍ବାର ଯଦି ଜନ୍ମ ଦେବ, ତେବେ ମତେ ମଣିଷପଣିଆ ଥିବା ମାଙ୍କଡ଼ଟିଏ ପଛେ କରିବ, ହୃଦୟହୀନ ମଣିଷଟିଏ ନୁହେଁ... ।

ମୋ: ୯୪୩୭୪୫୩୬୧୦

## ପୂର୍ବପୁରୁଷ

ଭଗବାନ ଜୟସିଂହ



ସେମାନେ ଆଉ ନାହାଁନ୍ତି । ଏକ ଏକ
ହୋଇ ଚାଲିଗଲେଣି କେଉଁକାଳୁ ।
ସେମାନଙ୍କ
ଫେରିବା ରାସ୍ତାର ଆଲୁଅ ଲିଭିଗଲାଣି
ଯିବା ପରେ ପରେ ।

ସେମାନଙ୍କୁ ଭୁଲିଯିବାର ମୁରୁଜ
ଲିପି ହେଇଗଲାଣି ଆକାଶ ସାରା
ସେମାନଙ୍କ ପୂରାପୂରି ଶୁଖି ଯାଇଥିବା କ୍ଷତରେ
କ୍ଷୟ ହୋଇଗଲାଣି ରାତି
ଚନ୍ଦ୍ରର ପାଦ ଛନ୍ଦି ହୋଇଗଲାଣି
ଛନ୍ଦହୀନ ପବନ ଫାଶରେ ।

ଯେଉଁମାନେ ଗଲେଣି ମାନେ
ଗଲେଣି, ଭୟରେ ହେଉକି ଭ୍ରାନ୍ତିରେ
ସେମାନଙ୍କର ଆଉ ଫେରିବାର ନାହିଁ
ଆଉ ଲେଉଟିବାର ନାହିଁ ନଦୀଙ୍କର
ସମୁଦ୍ର ଆଁ-ରୁ ।

ସେମାନେ ଏବେ କେଉଁଠି କେଜାଣି
ହସହୀନ ପୃଥିବୀର
ଏପାଖେ ନା ସେପାଖେ
ନା ନୀରବି ଯାଇଥିବା ବୀଭତ୍ସ ଝଡ଼ରେ
ଯଦିଓ ସେମାନଙ୍କ ଚାଲିଯିବାର ଚିତ୍ର
ଲିଭି ଯାଇଛି ଅସ୍ତାଚଳରୁ ।

ଆଜି ସେମାନେ ନାହାନ୍ତି
ତଥାପି ସେମାନଙ୍କୁ ନିଘା କରି ପାଣି
ଫାଟିଗଲାଣି ରକ୍ତ
ରକ୍ତର ପ୍ରତିଟି କୋଷରେ ଜମାଟ
ବାନ୍ଧି ଗଲାଣି ମେଘ
ଏବେ କିନ୍ତୁ ସୂର୍ଯ୍ୟ ଉଇଁବାର ନାହିଁ ।

ଆଜି ଏତେ ବର୍ଷ ପରେ
ଆଉ ଖୋଜନା ସେମାନଙ୍କୁ
ସେମାନେ କେବେଠୁଁ ମିଳେଇ ଗଲେଣି ପବନରେ
ଫିକା ଅନ୍ଦାଜରେ ଫିକା ଦିଶିଲାଣି ଫଟୋଫ୍ରେମ
ଆଜି, ଏତେ ବେଶୀ ଆଲୁଅରେ
ମତେ ଆଉ ଡାକନା ଥରକୁ ଥର

ମୋର ଏବେ ଯିବାର ନାହିଁ ।

ସେଣ୍ଟ୍ରାଲ ସ୍କୁଲ ରୋଡ୍
ତାଳବଣିଆ
ପୁରୀ, ୭୫୨୦୦୨
ମୋ: ୯୫୫୬୭୨୩୩୦୦

## ଉତ୍ସବ

ଗଜାନନ ମିଶ୍ର



କୋଉଥିପାଇଁ?
କୋଉଥିପାଇଁ ଉତ୍ସବ?

ମାଆଠୁ ଦୂରରେ,
ମାଆଙ୍କ ଭାଷାକୁ ଅନାଦର,
ମାତୃଭୂମି ଖଣ୍ଡିତ, କ୍ଷତାକ୍ତ,
ଲୁଣ୍ଠିତ, ଅବହେଳିତ
ଆଉ ଆମେ ପରଧନରେ
ମନାଉଛେ ଖୁସି ଆଉ
ଆନନ୍ଦ, ମଦନମସ୍ତ!

କିଏ ଏ ରାଜ୍ୟର ମାଲିକ?
କିଆଁ ପାଟି ବନ୍ଦ ଏମାନଙ୍କର?
ଭୃତ୍ୟର ଭୟାନକ ଷଡ଼ଯନ୍ତ୍ର!
ଚାଲିଛି ହରିଲୁଟ ପ୍ରତିମୁହୂର୍ତ୍ତ ।

ମାଟିକୁ ମାଟିରେ ମାପି
ଆକାଶରେ ଖଞ୍ଜିବା
ଆମର ଭାଗ୍ୟ ।
ଆକାଶରେ ଆକାଶରେ
ପବନ ହେବା ଲେଖା ।


ଓଜନିଆ ଆଉ ହାଲୁକା
ପବନ ଆଉ ପାଣି
ବସିଲାବେଳେ ନିଆଁ ସହ
ମିତ୍ର ଦେଖି ପରଖି ସମୟକୁ
ଚିହ୍ନି ହୁଏ କିଏ କାହାର!

ତପୋବନ, ଟିଟିଲାଗଡ଼-୭୬୭୦୩୩



## ଓଡ଼ିଶାରେ ନାଥ ସାହିତ୍ୟର ପରମ୍ପରା

ଡକ୍ଟର ସତ୍ୟଜିତ ଦାସ



ଅନେକ ଧର୍ମାବଲମ୍ବୀ ଓଡ଼ିଶାରେ ସୃଷ୍ଟି ହୋଇ ସର୍ବଧର୍ମର ସମନ୍ୱୟର ବାର୍ତ୍ତା ଦେଇଛନ୍ତି । ଓଡ଼ିଶାରେ ନାଥଧର୍ମ ଅତିପ୍ରାଚୀନ । ଅନୁସନ୍ଧାନରୁ ଜଣାଯାଏ, ଦ୍ୱାଦଶ ଶତାବ୍ଦୀରୁ ନାଥଧର୍ମର ବିକାଶ ଘଟିଛି । ୮୪ ସିଦ୍ଧାଚାର୍ଯ୍ୟଙ୍କର ବିବରଣୀ ଅତି ପ୍ରାଚୀନ ଓଡ଼ିଆ ଗ୍ରନ୍ଥଗୁଡ଼ିକରେ ନାଥ ଧର୍ମର ଉଲ୍ଲେଖ ରହିଛି । ନାଥ ଶବ୍ଦର ବ୍ୟୁତ୍ପତ୍ତିଗତ ଅର୍ଥ 'ନ'-କାର ଦ୍ୱାରା ପରମ ତତ୍ତ୍ୱଙ୍କର ଅନାଦି ରୂପ ଓ 'ଥ'-କାର ଦ୍ୱାରା ତ୍ରିଭୁବନର ସ୍ଥିତିର ସୂଚନା ଦେଇଥାଏ । ସେହିପରି ଅନ୍ୟ ଏକ ଅର୍ଥ 'ନା' ଅର୍ଥ ନାଥବ୍ରହ୍ମ (ଯିଏ ମୋକ୍ଷଦାୟକ) 'ଥ' ଅର୍ଥ ଯିଏ ଅଜ୍ଞାନକୁ ଦୂର କରେ । ନାଥ ଧର୍ମ ସାଧାରଣତଃ ଏକ ଯୋଗଭିତ୍ତିକ ଧର୍ମ । ଏହାର ପ୍ରବର୍ତ୍ତକ ଓ ମୁଖ୍ୟ ପ୍ରଚାରକଗଣ 'ନାଥ' ଉପାଧି ବା ସଂଜ୍ଞା ଗ୍ରହଣ କରିଥାନ୍ତି । ନାଥ ଶବ୍ଦ ହେଉଛି ଗୋରେଖପନ୍ଥୀ ଯୋଗୀମାନଙ୍କର ଏକ ଉପାଧି ଏବଂ ଓଡ଼ିଶାରେ ନାଥ ଶବ୍ଦଟି ସାଧାରଣତଃ ଯୋଗୀ ବା ଯୋଗୀ ଜାତିକୁ ବୁଝାଇଥାଏ ।

ନାଥ ଧର୍ମର ପ୍ରାଚୀନତା ସମ୍ପର୍କରେ ଅନେକ ମତ ଦେଖିବାକୁ ମିଳିଥାଏ । ବୈଦିକ ସମୟରୁ ଏହି ଧର୍ମ ପ୍ରଚଳିତ ଥିଲା ଏବଂ କାଳକ୍ରମେ ବୌଦ୍ଧ, ଜୈନ ଓ ହିନ୍ଦୁ ଧର୍ମର ସଂସ୍ପର୍ଶରେ ଆସି ଏହାର ନୀତି ନିୟମ ସାଧନ ପ୍ରଣାଳୀରେ ଅନେକ ପରିବର୍ତ୍ତନ ଦେଖାଯାଇଛି । ମେଘାସ୍ଥିନିସ୍‌ଙ୍କ ଭ୍ରମଣ ବୃତ୍ତାନ୍ତରେ ନାଥ ସମ୍ପ୍ରଦାୟ ବିଷୟରେ ଉଲ୍ଲେଖ ରହିଛି । ବୈଦିକ ଯୁଗରେ ନାଥମାନେ 'ବ୍ରାତ୍ୟ' ନାମରେ ଅଭିହିତ ହେଉଥିଲେ ପରବର୍ତ୍ତୀ ସମୟରେ ନାଥ ଓ ଯୋଗୀ ପ୍ରଭୃତି ନାମରେ ପରିଚିତ ହେଲେ । ଏହି ଧର୍ମ, ବ୍ରାତ୍ୟଭୂମି ଅଙ୍ଗ, ବଙ୍ଗ, କଳିଙ୍ଗ, ମଗଧ ଆଦି ସ୍ଥାନରେ ଲୋକପ୍ରିୟ ହୋଇଥିଲା । ଅଥର୍ବ ବେଦର ବ୍ରାତ୍ୟ କାଣ୍ଡରେ ନାଥ ଯୋଗୀ ପ୍ରସଙ୍ଗ ବର୍ଣ୍ଣିତ ରହିଛି । 'ମନୁସ୍ମୃତି'ରେ ବ୍ରାହ୍ମଣ ବଟୁର ଷୋଳବର୍ଷ ମଧ୍ୟରେ ଉପନୟନ ସଂସ୍କାର ନ ହେଲେ ବ୍ରାତ୍ୟ ନାମରେ ଅଭିହିତ ହୋଇଥାନ୍ତି । ବୈଦିକ ଯୁଗରେ ଏଇ ବ୍ରାତ୍ୟ ଶୈବମାନେ ପୁରାଣରେ ନାଥ ଓ ଉପନିଷଦରେ ଯୋଗୀ ନାମରେ ପରିଚିତ ହେଲେ । 'ବ୍ରହ୍ମ ବୈବର୍ତ୍ତ ପୁରାଣ'ରେ ମହାଦେବଙ୍କ କ୍ରୋଧାଗ୍ନିରୁ ଏକାଦଶ ରୁଦ୍ର ଓ ତାଙ୍କ ପତ୍ନୀମାନଙ୍କର ଜନ୍ମ ହୋଇଥିଲା । ସେମାନଙ୍କଠାରୁ ଶିବ ପାର୍ଷଦଙ୍କ ଜନ୍ମ । 'ସ୍କନ୍ଦ ପୁରାଣ', 'ବ୍ରହ୍ମାଣ୍ଡ ପୁରାଣ', 'ଶିବ ପୁରାଣ', 'ନାରଦ ପରିବ୍ରାଜକ' ଉପନିଷଦରେ ଗୋରକ୍ଷନାଥ ପ୍ରଭୃତି ନାଥ ଧର୍ମ ଆଚାର୍ଯ୍ୟଙ୍କ ନାମ ଉଲ୍ଲେଖ ରହିଅଛି । ପୁରାଣ ଓ ଉପନିଷଦ ସମୟରୁ ଏମାନେ ଯୋଗୀ ଭାବେ ଖ୍ୟାତ ଥିଲେ । ନାଥପନ୍ଥୀମାନଙ୍କର ଆରାଧ୍ୟ ଦେବ ହେଉଛନ୍ତି ଆଦିନାଥ ଶିବ । ସୁତରାଂ ଶୈବ ଧର୍ମର ଏକ ଶାଖା ରୂପେ ନାଥଧର୍ମକୁ ଗ୍ରହଣ କରାଯାଇଥାଏ । 'ଗୋରେଖ ସଂହିତା' ଅନୁସାରେ ଗୋରେଖନାଥ ହେଉଛନ୍ତି ନାଥଧର୍ମର ପ୍ରବର୍ତ୍ତକ ଏବଂ ଯୋଗୀ ଜାତି ତାଙ୍କଠାରୁ ସୃଷ୍ଟି ହୋଇଛି । ଭଗବାନଙ୍କର ଏକାଦଶ ଅବତାର ମଧ୍ୟରେ ମହାଯୋଗୀ ଅବତାର ପ୍ରଧାନ । ବିନ୍ଦୁନାଥ, ମୀନନାଥ, ଗୋରେଖନାଥ, ଛାୟାନାଥ, ସତ୍ୟନାଥ ପ୍ରଭୃତି ନାଥ ମତବାଦର ବିଶିଷ୍ଟ ମହାତ୍ମାଗଣ ମହାଯୋଗୀଙ୍କଠାରୁ ଜନ୍ମ ଲାଭ କରିଥିଲେ । ସିଦ୍ଧାଚାର୍ଯ୍ୟ ମୀନନାଥ ଓ ଗୋରେଖନାଥଙ୍କ ଦ୍ୱାରା ଖ୍ରୀ ୧୦ମ-୧୧ମ ଶତାବ୍ଦୀରେ ସମଗ୍ର ଭାରତରେ ନାଥ ଧର୍ମକୁ ଲୋକପ୍ରିୟ ଧର୍ମରେ ପରିଣତ କରିଥିଲେ । କେବଳ ଭାରତ ବର୍ଷରେ ନୁହେଁ, ବେଲୁଚିସ୍ତାନ, ନେପାଳ, ତିବ୍ବତ ଆଦି ଦେଶଗୁଡ଼ିକରେ ଏହି ଧର୍ମାବଲମ୍ବୀମାନେ ବସବାସ କରୁଥିଲେ ।

ଓଡ଼ିଶାର ନାଥ ଧର୍ମ ଇତିହାସରୁ ଜଣାଯାଏ ଗଙ୍ଗ ବଂଶ ରାଜା ଗଜପତି ଭାନୁଦେବଙ୍କ ପୁତ୍ର ଶୈଳେନ୍ଦ୍ର ଦେବ ଯୋଗ ସାଧନାରେ ସିଦ୍ଧିପ୍ରାପ୍ତ ହୋଇ ଶୈଳନାଥ ନାମରେ ପରିଚିତ ହେଲେ । ସେ ରାଜନଗରରେ ଏକ ମଠ ସ୍ଥାପନ କରିବା ସହିତ ଉମାକାନ୍ତେଶ୍ୱର ଓ ମତ୍ସ୍ୟେନ୍ଦ୍ରନାଥଙ୍କ ପଦ୍ମପାଣି ମୂର୍ତ୍ତି ସ୍ଥାପନ କରିଥିଲେ । ନାଥଧର୍ମର ବାରଟି ସମ୍ପ୍ରଦାୟ ମଧ୍ୟରୁ ସତ୍ୟନାଥୀ ଶାଖାର ପୀଠ ଭୁବନେଶ୍ୱର ଓ ପୁରୀଠାରେ ରହିଛି । ଓଡ଼ିଶାରେ ଥିବା ନାଥଧର୍ମ ପୀଠଗୁଡ଼ିକ ମଧ୍ୟରେ କପିଳାସ, ଆଳି, ମାଣତିରି, ଶିମୁଳିଆ, ତିର୍ତ୍ତୋଲର ଛପଡ଼ା ଗ୍ରାମର ଗୋରେଖ ଗାଦି, ଜଗତସିଂହପୁରର ହରିନାଥ ଗାଦି, କୁଳଣଗିରି (ରତ୍ନଗିରି ନିକଟରେ), କେୟାରବାଙ୍କ, କେନ୍ଦ୍ରାପଡ଼ାର ବିର୍ସ୍ୱତୀ, ଭୁବନେଶ୍ୱରର କପାଳି ମଠ, ପଦ୍ମପୁରର କାଳ ଭୈରବ ମଠ ଆଦି ଅନ୍ୟତମ । ନାଥପନ୍ଥୀ ଯୋଗୀମାନେ ଭିକ୍ଷାବୃତ୍ତି ସହିତ ବୈଦ୍ୟବୃତ୍ତି ମଧ୍ୟ କରିଥାନ୍ତି । ସବୁ ସମ୍ପ୍ରଦାୟର ନାଥ ଯୋଗୀମାନେ ଦୀକ୍ଷାଗ୍ରହଣ କରିଥାନ୍ତି । ଯେକୌଣସି ଜାତିର ଲୋକ ଦୀକ୍ଷା ଗ୍ରହଣ କରିପାରନ୍ତି । କର୍ଣ୍ଣରେ କୁଣ୍ଡଳ, ଶିଖା ଛେଦନ, ଦେହରେ ପାଉଁଶ ବୋଳି ନାଥ ଧର୍ମ ଗ୍ରହଣ କରିଥାନ୍ତି । ଅନେକ ଯୋଗୀ ଗୃହସ୍ଥାଶ୍ରମରେ ଜୀବନ ଧାରଣ କରିଥାନ୍ତି । ଗୃହସ୍ଥମାନଙ୍କର ଉପନୟନ, ବିବାହ ଓ ଅଶୌଚାଦି କର୍ମ ସାମବେଦ ମତରେ ପାଳିତ ହୋଇଥାଏ । ଏହି ଧର୍ମର ଉପାସ୍ୟ ନାଥ ସ୍ୱରୂପ ସଗୁଣ ଓ ନିର୍ଗୁଣତାର ଊର୍ଦ୍ଧ୍ୱରେ । ଯୋଗମାର୍ଗରେ ହିଁ ନାଥସ୍ୱରୂପଙ୍କର ଉପଲବ୍ଧି କରିହୁଏ । ନାଥପନ୍ଥୀ ଶୂନ୍ୟତତ୍ତ୍ୱ ବା ଶୂନ୍ୟ ସାଧନାକୁ ଗୁରୁତ୍ୱ ଦେବା ଫଳରେ ଯୋଗର ବିଭିନ୍ନ ସ୍ୱରୂପ ମଧ୍ୟରେ ହଠଯୋଗ ସହିତ ସପ୍ତାଙ୍ଗ, ଅଷ୍ଟାଙ୍ଗ ଯୋଗର ଗୁରୁତ୍ୱ ବଢ଼ିଲା । ଫଳରେ ଏହା ନାଥ ସାହିତ୍ୟର ପ୍ରମୁଖ ଅଂଶ ପାଲଟିଗଲା । ପିଣ୍ଡ ବ୍ରହ୍ମାଣ୍ଡ ତତ୍ତ୍ୱ, ଘଟ, ପରଚେ, ନିସ୍ୱତି ଯୋଗର ସାଧନା, କାୟାକଳ୍ପ ପ୍ରଭୃତି ଯୋଗତତ୍ତ୍ୱ ଏହି ଧର୍ମର ଆଧାର ପାଲଟିଗଲା । କବି ସଦାନନ୍ଦ ବ୍ରହ୍ମା 'ଲଳିତ ଲୋଚନା' କାବ୍ୟରେ ନାଥଯୋଗୀଙ୍କର କଠିନ ସାଧନାର ଚିତ୍ର ଦେଖିବାକୁ ମିଳିଥାଏ । ଏହି କଠୋର ସାଧନା ଦ୍ୱାରା ଚିତ୍ତ ସ୍ଥିର ହୁଏ ଓ ବୈରାଗ୍ୟଭାବ ଜାତ ହୋଇ ନାଥ ଯୋଗୀ କେନ୍ଦରାରେ ଝଙ୍କାର ତୋଳି ଗାଇଥାଏ:-

"ଭଜୁ କିନା ରାମ ନାମରେ ରାଜନ ଭଜୁ କିନା ରାମ ନାମ ।
ଭଜି ନ ପାରିଲେ କୁଳ ଚନ୍ଦ୍ରମାରେ ବାନ୍ଧି ନେବ କାଳ ଯମ ॥
ସେହି କାଳ ଯମ ବଡ଼ ଦାରୁଣରେ ନ ଜାଣଇ ଦୁଃଖ ସୁଖ ।
ବାଛି ନେବ କଞ୍ଚା ରଖିବ ପାଚିଲା ଦେବଟି ଦାରୁଣ ଦୁଃଖ ॥"

ନାଥ ଧର୍ମ ସଂପର୍କିତ ଅନେକ ପ୍ରାଚୀନ ଓଡ଼ିଆ ଗ୍ରନ୍ଥ ରହିଛି । 'ଶିଶୁ ବେଦ', 'ଅମରକୋଷ ଗୀତା', 'ଗୋରେକ୍ଷ ଗୀତା', 'ସପ୍ତାଙ୍ଗ ଯୋଗ', 'ଟୀକା ଗୋବିନ୍ଦ ଚନ୍ଦ୍ର', 'ରୁଦ୍ର ସୁଧାନିଧି' ପ୍ରଭୃତି ଗ୍ରନ୍ଥ ଅନ୍ୟତମ । ସେହିପରି ଅଚ୍ୟୁତାନନ୍ଦଙ୍କ 'ଶୂନ୍ୟ ସଂହିତା', ଈଶ୍ୱର ଦାସଙ୍କ 'ଚୈତନ୍ୟ ଭାଗବତ' ଓ ଦ୍ୱାରିକା ଦାସଙ୍କ 'ପରଚେ ଗୀତା' ଗ୍ରନ୍ଥଗୁଡ଼ିକ ନାଥ ଧର୍ମ ଓ ଦର୍ଶନ ସମ୍ବଳିତ ।

ଓଡ଼ିଶାର ଧର୍ମ ଓ ସାହିତ୍ୟରେ ନାଥ ଧର୍ମ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଅଧ୍ୟାପକ ଡକ୍ଟର ଦୋଳଗୋବିନ୍ଦ ଶାସ୍ତ୍ରୀ ନାଥ ଧର୍ମ ଉପରେ ଗବେଷଣା କରିଛନ୍ତି । ଅଧ୍ୟାପକ ବ୍ରହ୍ମାନନ୍ଦ ଦାସ, ଡକ୍ଟର ବଂଶୀଧର ମହାନ୍ତି ପ୍ରମୁଖ ନାଥ ଧର୍ମ ବିଷୟରେ ଅନେକ ତଥ୍ୟ ଲୋକଲୋଚନକୁ ଆଣିଛନ୍ତି । ସମାଜ ସଂସ୍କାର ଓ ସଦାଚାର ପ୍ରତିଷ୍ଠା ଉଦ୍ଦେଶ୍ୟରେ ନାଥ ଧର୍ମ ସୃଷ୍ଟି ହୋଇଥିଲା । ଆଜି ମଧ୍ୟ ଅଲାବୁ ପାତ୍ର ଓ କେନ୍ଦରାର ସ୍ୱରରେ ଗାଁ ଦାଣ୍ଡରେ ଏହି ଧର୍ମର ଜୟଗାନ ଦେଖିବାକୁ ମିଳେ ।

ବେଗୁନିଆ ମହାବିଦ୍ୟାଳୟ
ବେଗୁନିଆ, ଖୋର୍ଦ୍ଧା
ମୋ: ୯୪୩୯୦୪୦୯୮୨

## ପରକୀୟା ପ୍ରୀତି ନେଲା ଦୁଇ ଜୀବନ

# ପ୍ରେମିକ ସହ ମିଶି ସ୍ୱାମୀଙ୍କୁ ହତ୍ୟା!

**ଜଲେଶ୍ୱର ବ୍ଲକ୍, ୨୧।୬(ସମିସ):** ପ୍ରେମିକ ସହ ମିଶି ସ୍ୱାମୀଙ୍କୁ ହତ୍ୟା କରିବା ପରେ ଆତ୍ମହତ୍ୟାର ରୂପ ଦେବାକୁ ଅପଚେଷ୍ଟା କରିବା ଭଳି ଏକ ଘଟଣା ଜଲେଶ୍ୱର ଥାନା ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି।




ବାଲେଶ୍ୱର ଜିଲ୍ଲା ଜଲେଶ୍ୱର ବ୍ଲକ୍ ଅନ୍ତର୍ଗତ ଦକ୍ଷିଣ ପ୍ରହରାଜପୁର ପଞ୍ଚାୟତର ମାଗୁଣିଆପଡ଼ା ଗ୍ରାମରେ ଏହି ଆପରାଧିକ ଘଟଣା ଘଟିଛି। ମୃତକ ହେଲେ, ଗ୍ରାମର ରମାକାନ୍ତ ଘୋଷ (୩୮)। ପୁଲିସ୍ ତାଙ୍କ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହି ଘଟଣାରେ ପୁଲିସ୍ ଅଭିଯୁକ୍ତ ପ୍ରେମିକ ଡିପିପୁର ଗ୍ରାମର ମାନସ ଘୋଷଙ୍କୁ ଅଟକ ରଖି ପଚରାଉଚରା କରୁଛି।

ମିଳିଥିବା ସୂଚନାନୁଯାୟୀ, ରମାକାନ୍ତ ୧୦ ବର୍ଷ ତଳେ ଭୋଗରାଇ ବ୍ଲକ୍ ଜୟରାମାପୁର ଗ୍ରାମର ଜାହ୍ନବୀଙ୍କୁ ବିବାହ କରିଥିଲେ। ଜାହ୍ନବୀ ଅଗ୍ରୱାଲ ଛକ ନିକଟରେ ଏକ ଚା' ଦୋକାନ କରିଥିବା ବେଳେ ରମାକାନ୍ତ ରାଜ୍ୟ ବାହାରେ କାମ କରୁଥିଲେ। କିଛି ଦିନ ତଳେ ରମାକାନ୍ତ ଗାଁକୁ ଆସିଥିଲେ। ଏହି ସମୟରେ ମାନସଙ୍କ ସହ ଜାହ୍ନବୀଙ୍କର ଅତ୍ୟଧିକ ମିଳାମିଶା ଦେଖି ସେ ସନ୍ଦେହ କରିଥିଲେ। ଏ ସଂପର୍କରେ ସେ ଜାହ୍ନବୀଙ୍କୁ ପ୍ରଶ୍ନ କରିବା ସହ ବିରୋଧ ମଧ କରିଥିଲେ। ଏଥିରେ ରାଗିଯାଇ ରମାକାନ୍ତଙ୍କୁ ସବୁଦିନ ପାଇଁ ବାଟରୁ ହଟାଇଦେବାକୁ ଜାହ୍ନବୀ ଯୋଜନା କରିଥିଲେ। ଏଥିରେ ପ୍ରେମିକ ମାନସ ତାଙ୍କୁ ସହାୟତା କରିଥିଲା। ଗତକାଲି ବିଳମ୍ବିତ ରାତିରେ ଉଭୟ ମାନସଙ୍କୁ ହତ୍ୟା କରିବା ପରେ ତାହାକୁ ଆତ୍ମହତ୍ୟାର ରୂପ ଦେବା ପାଇଁ ଚେଷ୍ଟା କରିଥିଲେ। ରମାକାନ୍ତଙ୍କ ବେକରେ ଲୁଗା ଦେଇ ତାଙ୍କୁ ଘର ଭିତରେ ଟାଙ୍ଗି ଦେଇଥିଲେ। ତେବେ କୌଣସି ସୂତ୍ରରୁ ସେମାନଙ୍କର ଏ ଷଡ଼ଯନ୍ତ୍ର ସଂପର୍କରେ ଗ୍ରାମବାସୀମାନେ ଜାଣିବା ପରେ ସକାଳୁ ଆଜି ଦୁହିଁଙ୍କୁ ଅଟକ ରଖିଥିଲେ। ଅଲଗା ଅଲଗା ପଚରାଉଚରା କରିବାରୁ ଦୁହିଁଙ୍କ କଥାବାର୍ତ୍ତାରେ ତାଳମେଳ ନ ରହିବାରୁ ଗ୍ରାମବାସୀଙ୍କ ସନ୍ଦେହ ଘନୀଭୂତ ହୋଇଥିଲା ଏବଂ ଏ ସଂପର୍କରେ ସେମାନେ ପୁଲିସ୍‌କୁ ଖବର ଦେଇଥିଲେ। ଖବର ପାଇ ଜଲେଶ୍ୱର ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରିବା ସହ ଅଭିଯୁକ୍ତ ମାନସଙ୍କୁ ଗ୍ରାମବାସୀଙ୍କ କବଳରୁ ଉଦ୍ଧାର କରି ଥାନାକୁ ନେଇଥିଲା।

# ସ୍ୱାମୀର ଛୁରାମାଡ଼ରେ ସ୍ତ୍ରୀର ପ୍ରେମିକ ମୃତ

**ସେମିଳିଗୁଡ଼ା, ୨୧।୩(ସମିସ):** ସ୍ୱାମୀର ଛୁରାମାଡ଼ରେ ସ୍ତ୍ରୀର ପ୍ରେମିକ ମୃତ। କୋରାପୁଟ ଜିଲ୍ଲା ସେମିଳିଗୁଡ଼ା ଥାନା ଅନ୍ତର୍ଗତ ମାନିଆ ପଞ୍ଚାୟତରେ ଏପରି ଏକ ଆପରାଧିକ ଘଟଣା ଘଟିଛି। ମୃତ ଯୁବକ ହେଲେ, ଲୁଙ୍ଗୁରୀ ଗ୍ରାମର ଦେବେନ୍ଦ୍ର କୁନ୍ଦୁରିଆ(୩୫)। ପୁଲିସ୍ ଶବ ବ୍ୟବଚ୍ଛେଦ କରାଇବା ସହ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅପରପକ୍ଷେ, ଛୁରାମାଡ଼ କରିଥିବା ଅଭିଯୁକ୍ତ କୁନୁ ଗଲୋରୀ ଥାନାରେ ଆତ୍ମସମର୍ପଣ କରିଛି।

ସୂଚନାନୁଯାୟୀ, ପତ୍ନୀ ଗୌରୀ ଗଲୋରୀ ଓ ଦୁଇ ପିଲାଙ୍କୁ ନେଇ କୁନୁଙ୍କ ହସଖୁସିର ସଂସାର। କୁନୁଙ୍କ ସହ ବନ୍ଧୁତା ଥିବାରୁ ଦେବେନ୍ଦ୍ର ତାଙ୍କ ଘରକୁ ଯିବା ଆସିବା

### ଥାନାରେ ଆତ୍ମସମର୍ପଣ କଲା ଅଭିଯୁକ୍ତ

କରୁଥିଲେ। ଏହା ଭିତରେ ଗୌରୀ ଓ ଦେବେନ୍ଦ୍ରଙ୍କ ମଧ୍ୟରେ ଅନୈତିକ ସମ୍ପର୍କ ଗଢ଼ି ଉଠିଥିଲା। ଏପରିକି, ଗୌରୀ କୁନୁଙ୍କୁ ଛାଡ଼ି ଦେବେନ୍ଦ୍ରଙ୍କ ନିକଟକୁ ଚାଲି ଆସିଥିଲେ। କିନ୍ତୁ ଆପୋଷ ବୁଝାମଣାରେ କୁନୁ ପତ୍ନୀଙ୍କୁ ନିଜ ପାଖକୁ ଫେରାଇ ଆଣିଥିଲେ। ଏହି କଥାକୁ ନେଇ କୁନୁ ଓ ଦେବେନ୍ଦ୍ରଙ୍କ ମଧ୍ୟରେ ବିବାଦ ଲାଗି ରହିଥିଲା। କିଛି ଦିନ ତଳେ ଗୌରୀ ପୁଣିଥରେ ଦେବେନ୍ଦ୍ର ପାଖକୁ ଚାଲି ଆସିବାରୁ କୁନୁ ମାନସିକ ଦୁଶ୍ଚିନ୍ତା ମଧ୍ୟରେ ଗତି କରୁଥିଲେ। ଗତ ଜୁନ୍ ୧୯ ରାତି ପ୍ରାୟ ୯ଟାରେ ଦେବେନ୍ଦ୍ର ସେମିଳିଗୁଡ଼ା ତହସିଲ କାର୍ଯ୍ୟାଳୟ ରାସ୍ତାରେ ବସିଥିବା ବେଳେ କୁନୁ ନିଜ ଦୁଇ ବନ୍ଧୁଙ୍କ ସହ ଏକ ବାଇକ୍‌ରେ ସେହି ରାସ୍ତା ଦେଇ ଯାଉଥିଲେ। ସେଠାରେ ଦେବେନ୍ଦ୍ରଙ୍କ ସାଙ୍ଗରେ ତାଙ୍କର ବଚସା ହୋଇଥିଲା। କିନ୍ତୁ ସେଠାରେ ଉପସ୍ଥିତ ଥିବା ଅନ୍ୟମାନେ ଉଭୟଙ୍କୁ ବୁଝାସୁଝା କରି ସେଠାରୁ ପଠାଇ ଦେଇଥିଲେ। ତେବେ ଦେବେନ୍ଦ୍ର ଅଳ୍ପ ବାଟ ଚାଲିଚାଲି ଆସିବା ପରେ କୁନୁ ହଠାତ୍ ଏକ ଛୁରିରେ ଦେବେନ୍ଦ୍ରଙ୍କୁ



ପଛପଟୁ ଆକ୍ରମଣ କରିଥିଲେ। ଦେବେନ୍ଦ୍ର ପ୍ରାଣ ବିକଳରେ ଦୌଡ଼ିଥିଲେ ମଧ ଉତ୍କ୍ଷିପ୍ତ କୁନୁ ତାଙ୍କ ପେଟକୁ ବାରମ୍ବାର ଛୁରି ଭୁସିବାରୁ ସେ ରକ୍ତ ଜୁଡ଼ୁବୁଡ଼ୁ ଅବସ୍ଥାରେ ସେଠାରେ ଟଳି ପଡ଼ିଥିଲେ। ସ୍ଥାନୀୟ ଲୋକେ ଦେବେନ୍ଦ୍ରଙ୍କୁ ଉଦ୍ଧାର କରି ପ୍ରଥମେ କୋରାପୁଟସ୍ଥିତ ଲକ୍ଷ୍ମଣନାୟକ ମେଡିକାଲ କଲେଜରେ ଭର୍ତ୍ତି କରାଇଥିଲେ। ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ବିଶାଖାପାଟଣା ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ଶୁକ୍ରବାର ବିଳମ୍ବିତ ରାତିରେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟିଥିଲା। ଛୁରାମାଡ଼ ପରେ କୁନୁ ସେମିଳିଗୁଡ଼ା ଥାନାରେ ଆତ୍ମସମର୍ପଣ କରିଥିବା ବେଳେ ଦେବେନ୍ଦ୍ରଙ୍କ ସମ୍ପର୍କୀୟଙ୍କ ଏତଲା ଆଧାରରେ ପୁଲିସ୍ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ବିଶାଖାପାଟଣାରୁ ମୃତଶରୀର ଶନିବାର ସନ୍ଧ୍ୟାରେ ଗାଁରେ ପହଞ୍ଚିଥିବା ଜଣାପଡ଼ିଛି।

# ଓମ୍‌ଫେଡ୍ କ୍ଷୀର ୨ରୁ ୪ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି

ଭୁବନେଶ୍ୱର, ୨୧।୬(ସମିସ): ଓମ୍‌ଫେଡ୍‌ର କ୍ଷୀର ଦର ବଢ଼ିବ କି ନାହିଁ ତାହାକୁ ନେଇ ଯେଉଁ ଆଲୋଚନା ଲାଗି ରହିଥିଲା, ତାହାର ଅନ୍ତ ଘଟିଛି। ଆଜି ଓମ୍‌ଫେଡ୍ କ୍ଷୀର ଦରୁ ବୃଦ୍ଧି ଘୋଷଣା କରାଯାଇଛି। ଖାଉଟିମାନେ ଲିଟର ପିଛା ୫୨ଟଙ୍କା ଦେଉଥିଲା ବେଳେ ଏବେ ୫୪ ଟଙ୍କା ଦେବେ। ଶନିବାରଠାରୁ ଓମଫେଡ୍ କ୍ଷୀର ଲିଟର ପ୍ରତି ଦାମ୍ ବୃଦ୍ଧି ପାଇଛି ଓ ବଜାରକୁ ଆସିଛି ଓମ୍‌ଫେଡ୍‌ର ନୂଆ ଦର। ପ୍ରିମିୟମ୍ ଓ ଟୋନ୍ଡ କ୍ଷୀର ଲିଟର ୨ଟଙ୍କା ବୃଦ୍ଧି ପାଇଥିବାବେଳେ ଗୋଲ୍ଡ କ୍ଷୀର ଲିଟର ପ୍ରତି ୪ଟଙ୍କା ବୃଦ୍ଧି ପାଇଛି। ବାସ୍ତବରେ ବିଶ୍ୱ ଦୁଗ୍ଧ ଦିବସ ପାଳନ ଅବସରରେ ଓମ୍‌ଫେଡ୍ ଏହାର କ୍ଷୀର ଦର ବଢ଼ାଇବ ବୋଲି ସୂଚନା ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଖାଉଟିମାନଙ୍କୁ ଝଟକା ଦେଇଥିଲେ। ଦୁଃଗ୍ଧ ଦର ବୃଦ୍ଧିକୁ ନେଇ ଗ୍ରାହକଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଛି।

# କେନ୍ଦୁପତ୍ର କର୍ମଚାରୀଙ୍କ ପାଇଁ ୧୦୦ କୋଟିରୁ ଊର୍ଦ୍ଧ୍ୱ ସହାୟତା

**ଭୁବନେଶ୍ୱର, ୨୧।୬ (ସମିସ):** ରାଜ୍ୟର ଲକ୍ଷଲକ୍ଷ କେନ୍ଦୁପତ୍ର ତୋଳାଳି, ବନ୍ଧାଳି ଓ ସିଜିନାଲ ଷ୍ଟାଫ୍‌ଙ୍କ ପାଇଁ ମୁଖ୍ୟମନ୍ତ୍ରୀ କଲ୍ୟାଣ ପାଣ୍ଠିରେ ୧୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବ୍ୟବସ୍ଥା କରାଯାଇଛି। ଏଥିପାଇଁ ଶନିବାର ଭୁବନେଶ୍ୱର ରାଜ୍ୟ ଅତିଥି ଭବନଠାରେ ବିଭିନ୍ନ ଜିଲ୍ଲାରୁ ଶହଶହ ସଂଖ୍ୟାରେ ଆସିଥିବା ଓଡ଼ିଶା କେନ୍ଦୁପତ୍ର ସଂଘର କର୍ମକର୍ତ୍ତା ଓ ସଦସ୍ୟମାନେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି। ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ସଂଘର ସଦସ୍ୟମାନଙ୍କ ସହ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ରାଜ୍ୟର ୨୨ଟି ଜିଲ୍ଲାରେ ୧୯ଟି ଡିଭିଜନ୍ ଅଧୀନରେ ପ୍ରାୟ ୯ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନଜୀବିକାର ମାଧ୍ୟମ ହେଉଛି କେନ୍ଦୁପତ୍ର। ମୁଖ୍ୟମନ୍ତ୍ରୀ ନିକଟରେ ଦେବଗଡ଼ ଗସ୍ତ ସମୟରେ ରାଜ୍ୟର କେନ୍ଦୁପତ୍ର ତୋଳାଳି, ବନ୍ଧାଳି ଓ ସିଜିନାଲ ଷ୍ଟାଫ୍‌ଙ୍କ ପାଇଁ ୪୧କୋଟି ୧୭ଲକ୍ଷ ଟଙ୍କାର ସହାୟତା ରାଶି ଘୋଷଣା କରିଥିଲେ। ଏହି ସହାୟତାରେ ସେମାନଙ୍କ ପାଇଁ ଚପଲ, କେରି ବନ୍ଧା କପଡ଼ା, ଟୋପି, ମଶାରି ଓ କମ୍ବଳ ବାବଦକୁ ଅର୍ଥ ରାଶି ରହିଛି। ରାଜ୍ୟର ୨୨ଟି ଜିଲ୍ଲାରୁ ଆସିଥିବା ସଂଘର ସଦସ୍ୟମାନଙ୍କ ସହିତ ଆଲୋଚନା କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ରାଜ୍ୟ ସରକାର ଆପଣଙ୍କ ବିକାଶ ଓ କଲ୍ୟାଣ ପାଇଁ ତତ୍ପର ଅଛନ୍ତି। ନୂଆ ସରକାର ଗରିବ କଲ୍ୟାଣ ପାଇଁ ଅନେକ କାର୍ଯ୍ୟକ୍ରମ ଓ ଯୋଜନା କରିଛନ୍ତି। ଏସବୁ କାର୍ଯ୍ୟକ୍ରମରେ ସାମିଲ ହୋଇ ଏହାର ସୁଫଳ ପାଇବା ପାଇଁ ସେ ପରାମର୍ଶ ଦେଇଥିଲେ। ଏଥିସହ ମହିଳା ସଦସ୍ୟାମାନଙ୍କୁ ଯୁଗାନ୍ତକାରୀ ସୁଭଦ୍ରା ସହାୟତା ରାଶିକୁ ବ୍ୟବସାୟରେ ସଠିକ୍ ଭାବେ ବିନିଯୋଗ କରି ଲକ୍ଷପତି ଦିଦି ହେବା ପାଇଁ ମୁଖ୍ୟମନ୍ତ୍ରୀ ଉତ୍ସାହିତ କରିଥିଲେ।

### ଟାଇମ୍ସ ହାୟର ଏଜୁକେସନ୍ ଇମ୍ପାକ୍ଟ ରାଙ୍କିଙ୍ଗ୍ ୨୦୨୫

# ଭାରତରେ ୫ମ ସ୍ଥାନରେ କିଟ୍ ବିଶ୍ୱବିଦ୍ୟାଳୟ

**ଭୁବନେଶ୍ୱର,୨୧।୬(ସମିସ):** ଟାଇମ୍ସ ହାୟର ଏଜୁକେସନ (ଟିଏଚଇ) ଇମ୍ପାକ୍ଟ ଗ୍ଲୋବାଲ ରାଙ୍କିଙ୍ଗ -୨୦୨୫ରେ କିଟ୍ ୫ମ ସ୍ଥାନ ଅଧିକାର କରିଛି। ଅସମାନତା ହ୍ରାସ (ଏସ୍‌ଡିଜି-୧୦) ଓ ଶାନ୍ତି, ନ୍ୟାୟ ଏବଂ ସଶକ୍ତ ପ୍ରତିଷ୍ଠାନ (ଏସ୍‌ଡିଜି-୧୬), ସୁଲଭ ଓ ସ୍ୱଚ୍ଛ ଉର୍ଜା (ଏସ୍‌ଡିଜି-୭) ରେ ଦେଶର ପ୍ରଥମ ସ୍ଥାନରେ କିଟ୍ ବିଶ୍ୱବିଦ୍ୟାଳୟ ରହିଥିବା ବେଳେ ଗୁଣାତ୍ମକ ଶିକ୍ଷା (ଏସ୍‌ଡିଜି-୪) ରେ ଭାରତରେ କିଟ୍ ୩ୟ ସ୍ଥାନରେ ରହିଛି। ଇମ୍ପାକ୍ଟ ରାଙ୍କିଙ୍ଗରେ ସାମଗ୍ରିକ ଭାବେ କିଟ୍ ବିଶ୍ୱବିଦ୍ୟାଳୟ ସମସ୍ତ ଭାରତୀୟ ବିଶ୍ୱବିଦ୍ୟାଳୟଗୁଡିକ ମଧ୍ୟରେ ୫ମ ସ୍ଥାନରେ ରହିଛି। ଜାତିସଂଘର ସ୍ଥାୟୀ ବିକାଶ ଲକ୍ଷ୍ୟ (ଏସଡିଜି) କୁ ଆଗକୁ ନେବାରେ ବିଶ୍ୱବିଦ୍ୟାଳୟଗୁଡ଼ିକର ପ୍ରଦର୍ଶନ ଉପରେ ମୂଲ୍ୟାଙ୍କନ ଆଧାରରେ ଚଳିତବର୍ଷ ବିଶ୍ୱର ୧୩୦ଟି ଦେଶର ପ୍ରାୟ ୨୪ଶହରୁ ଅଧିକ ଖ୍ୟାତି ସଂପନ୍ନ ବିଶ୍ୱବିଦ୍ୟାଳୟ ଏହି ରାଙ୍କିଙ୍ଗ୍‌ରେ ଅଂଶଗ୍ରହଣ କରିଥିଲେ।

କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଛନ୍ତି ଯେ କିଟ୍ ଏକ ଛୋଟ ଅନୁଷ୍ଠାନରୁ ଆରମ୍ଭ ହୋଇଥିଲା ବେଳେ ଏହା ବିଶ୍ୱର ସମସ୍ତ ଅନୁବନ୍ଧନ ଓ ରାଙ୍କିଙ୍ଗରେ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛି। ଏବେ କିଟ୍ ବିଶ୍ୱର ସମସ୍ତ ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟ ସହ ସମକକ୍ଷ ହେବା ପାଇଁ ଯୋଗ୍ୟତା ଅର୍ଜନ କରିଛି। ଭାରତରେ କିଟ୍ ଏକ ଅଗ୍ରଣୀ ବିଶ୍ୱବିଦ୍ୟାଳୟ ଭାବରେ ମଧ୍ୟ ଏକ ଉଲ୍ଲେଖନୀୟ ପ୍ରଭାବ ପକାଇପାରିଛି। ଏହି ସବୁ ରାଙ୍କିଙ୍ଗରେ କିଟ୍‌ର ଲଗାତାର ସଫଳତା ନିରନ୍ତର ଶିକ୍ଷା, ସ୍ଥାୟିତ୍ୱ, ଅନ୍ତର୍ଭୁକ୍ତି ଏବଂ ବିଶ୍ୱ ସହଯୋଗ କ୍ଷେତ୍ରରେ ଉତ୍କର୍ଷ ପ୍ରତି ଏହାର ପ୍ରତିବଦ୍ଧତା ପ୍ରତିପାଦନ କରୁଛି ବୋଲି ସେ କହିଛନ୍ତି।

### ରେଳଷ୍ଟେସନରେ ଅଘଟଣ

# ଲିଫ୍ଟରୁ ଡେଇଁ ଦିବ୍ୟାଙ୍ଗ ଗୁରୁତର

**ଭଦ୍ରକ,୨୧।୬ (ସମିସ):** ଅଧାରେ ଅଟକିଯିବାରୁ ଭିତରେ ଫସିଯିବା ଭୟରେ ଜଣେ ଦିବ୍ୟାଙ୍ଗ ଲିଫ୍ଟରୁ ଡେଇଁ ପଡ଼ି ଗୁରୁତର ହୋଇଛନ୍ତି। ଭଦ୍ରକ ରେଳଷ୍ଟେସନ୍‌ରେ ଆଜି ଏପରି ଏକ ଅଘଟଣ ଘଟିଛି। ସେ ହେଲେ, ଖଡ଼ଗପୁର ଅଞ୍ଚଳର ସୁକୁମାର ସିଂ। ତାଙ୍କୁ ଭଦ୍ରକ ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନାନୁଯାୟୀ, ସୁକୁମାର ଟ୍ରେନ୍‌ରେ ଭିକ୍ଷାବୃତ୍ତି କରନ୍ତି।



ଆଜି ସେ ଗୋଟିଏ ପ୍ଲାଟ୍‌ଫର୍ମରୁ ଅନ୍ୟ ପ୍ଲାଟାଫର୍ମକୁ ଯିବା ପାଇଁ ଲିଫ୍ଟରେ ଚଢ଼ିଥିଲେ। ମାତ୍ର ଲିଫ୍ଟଟି କିଛି ଉପରକୁ ଉଠିବା ପରେ ଅଟକି ଯାଇଥିଲା। ତେଣୁ ଲିଫ୍ଟରେ ଫସିଯିବା ଭୟରେ ସେ ରିପ୍ୟାରିଂ ଚାମ୍ବର୍ ଖୋଲି ଡେଇଁ ପଡ଼ିଥିଲେ। ରେଳବାଇ ତରଫରୁ ଘଟଣାକୁ ନେଇ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

# ମା' ଛେଉଣ୍ଡ ଦୁଇ ଶିଶୁଙ୍କୁ ନିର୍ଯାତନା

**ଭୁବନେଶ୍ୱର,୨୧।୬(ସମିସ):** ମା ଛେଉଣ୍ଡ ଦୁଇ ଶିଶୁଙ୍କୁ ଅକଥନୀୟ ନିର୍ଯାତନା ଦେଉଥିଲେ ଜେଜେମା ଏବଂ ବାପା। ଖାଇବାକୁ ନଦେବା ସହ କଥା କଥାରେ ମାଡ଼ ମାରୁଥିଲେ। ଏଭଳି ଘଟଣା ମଞ୍ଚେଶ୍ୱର ଥାନା ଜିଜିପି କଲୋନୀରେ ଦେଖିବାକୁ ମିଳିଛି। ବୋହୂଙ୍କ ମୃତ୍ୟୁ ପରେ ଦୁଇ କୋମଳମତି ଶିଶୁଙ୍କୁ ଏଭଳି ନିର୍ଯାତନା ଦେଇଛନ୍ତି। ଏପରିକି ଜେଜେମା ଏବଂ ବାପା ମାଡ଼ ମାରି ଦୁଇ ଶିଶୁଙ୍କୁ

- ଉଦ୍ଧାର କଲା ଚାଇଲ୍ଡ ଲାଇନ୍
- ମା'ପୁଅଙ୍କୁ ଗିରଫ କଲା ପୁଲିସ

ଅଚେତ କରି ପକାଇଥିଲେ। ସ୍ଥାନୀୟ ଲୋକ ଏହା ଦେଖି ଚାଇଲ୍ଡ ଲାଇନ୍‌କୁ ଖବର ଦେଇଥିଲେ। ଚାଇଲ୍ଡ ଲାଇନ୍ ସଦସ୍ୟ ଏବଂ ପୁଲିସ ଆସି ୨ଶିଶୁଙ୍କୁ ଉଦ୍ଧାର କରିଥିଲେ। ଏନେଇ ଥାନାରେ ଚାଇଲ୍ଡ ଲାଇନ୍ ସଦସ୍ୟମଙ୍କ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ବାପା ଶରତ ପାତ୍ର ଏବଂ ଜୋସ୍ନାରାଣୀ ପାତ୍ରଙ୍କୁ ଗିରଫ କରିଛି। ଉଭୟଙ୍କ ବିରୋଧରେ ସଂଗୀନ ଦଫା ଲଗାଇ କୋର୍ଟ ଚାଲାଣ କରାଯାଇଛି।

ସୂଚନା ଅନୁସାରେ, ମାସକ ତଳେ ଦୁଇ ଶିଶୁଙ୍କ ମା'ର ମୃତ୍ୟୁ ପରେ ସବୁ କଥା ବାପା ଏବଂ ଜେଜେମାଆ ବୁଝୁଥିଲେ। ହେଲେ ମା' ମରିବା ପରେ ସେମାନଙ୍କର ଆରମ୍ଭ ହୋଇଥିଲା ନିର୍ଯାତନା। ଖାଇବାକୁ ନଦେଇ କାମ କରିବାକୁ କୁହନ୍ତି। ସେମାନେ ମନା କଲେ ମାଡ଼ ମାରୁଥିଲେ। ପଡ଼ୋଶୀ ଲୋକ ଶିଶୁ କାନ୍ଦିବାର ଶୁଣୁଥିଲେ ମଧ ଆକଟ କରାଯାଉଥିବା ଭାବି କିଛି କୁହନ୍ତି ନାହିଁ। ଆଜି ସେମାନଙ୍କୁ ମାଡ଼ ମରାଯାଉଥିବା ବେଳେ ସ୍ଥାନୀୟ ଲୋକ ଦେଖି ଚାଇଲ୍ଡ ଲାଇନ୍ ଏବଂ ପୁଲିସକୁ ଖବର ଦେଇଥିଲେ। ପୁଲିସ ପହଞ୍ଚି ଦୁଇ ଶିଶୁଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିଥିଲେ। ଦୁହେଁ ଭାଇ-ଭଉଣୀ ହୋଇଥିବା ବେଳେ ପିଲା ଦୁହିଁଙ୍କ ଦେହସାରା ଦେଖିବାକୁ ମିଳିଛି କ୍ଷତ ଦାଗ।




ମାଆ ଚାଲିଗଲା ପରେ ନୃଶଂସ ଜେଜେମାଆ ଦୁହିଁଙ୍କୁ ଅକଥନୀୟ ନିର୍ଯାତନା ଦେଇ ଏଭଳି ଅବସ୍ଥା କରିଛନ୍ତି ବୋଲି ଶିଶୁ କହିଛନ୍ତି। ୫ ଦିନ ହେଲା ଖାଇବାକୁ ନଦେବା ସହ ନିଷ୍ଠୁର ଭାବେ ମାଡ଼ ମାରି ଲହୁଲୁହାଣ କରିଦେଇଥିବା ଅଭିଯୋଗ ହୋଇଛି। ଶିଶୁଙ୍କୁ ଉଦ୍ଧାର କରାଯିବା ପରେ ହସ୍ପିଟାଲରେ ଚିକିତ୍ସା କରାଯାଇ ଚାଇଲ୍ଡ ଲାଇନ୍ ନିଜ ପାଖରେ ରଖିଛି।

ମାସେ ତଳେ ୨ ଶିଶୁଙ୍କ ମାଆଙ୍କ ମୃତ୍ୟୁ ହୋଇଥିଲା। ସ୍ତ୍ରୀର ମୃତ୍ୟୁ ପରେ ସ୍ୱାମୀ ମାନସିକ ସ୍ଥିତି ହରାଇ ବସିଥିଲେ। ଫଳରେ ଜେଜେମା କୁନି କୁନି ପିଲାଙ୍କୁ ମାଡ଼ ମାରିବା ସହ ଘରେ ବନ୍ଦ କରି ରଖିଥିଲେ। ଏପରିକି ୫ ଦିନରୁ ଅଧିକ ହେବ ଖାଇବାକୁ ଦେଇ ନଥିଲେ। ସ୍ଥାନୀୟ ଲୋକେ କହିଛନ୍ତି ଯେ ଭଉଣୀ ସମ୍ପତ୍ତି ପାଇଁ ଭାଇକୁ ନିଜ ଇଙ୍ଗିତରେ ନଚାଉଥିଲେ।

## ଅବଶିଷ୍ଟାଂଶ...

### ଓଡ଼ିଶା ଅସୁରକ୍ଷିତ...

ମଧ୍ୟପ୍ରଦେଶର ପୂର୍ବାଞ୍ଚଳକୁ ଯାତ୍ରା ପୂର୍ବରୁ ଆମେରିକୀୟ ପ୍ରଶାସନର ଅନୁମତି ନେବାକୁ କୁହାଯାଇଛି। ସେହିପରି ଭାରତରେ କାର୍ଯ୍ୟରତ ଆମେରିକୀୟ ସରକାର ସରକାରୀ କର୍ମଚାରୀଙ୍କୁ ମଧ ଏହି ମାର୍ଗଦର୍ଶିକା ଜାରି ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହା ସହ ମଣିପୁର ଓ ଅନ୍ୟ ଉତ୍ତରପୂର୍ବ ରାଜ୍ୟଗୁଡ଼ିକୁ ମଧ ଯାତାୟତ ଉପରେ ନିଷେଧାଦେଶ ଜାରି କରାଯାଇଛି।

ବିଡ଼ମ୍ବନା ହେଉଛି ହିଂସା, ଦୁଷ୍କର୍ମ ଓ ଆତଙ୍କବାଦ କାର୍ଯ୍ୟକଳାପ ବୃଦ୍ଧିରେ ଅନ୍ୟ ରାଜ୍ୟଗୁଡ଼ିକ ସହ ଓଡ଼ିଶାକୁ ପର୍ଯ୍ୟଟକଙ୍କ ଯାତ୍ରା ଉପରେ ଆମେରିକା ପ୍ରଶାସନର ନିଷେଧାଦେଶ ରାଜ୍ୟକୁ ଆନ୍ତର୍ଜାତୀୟସ୍ତରରେ ଲଜ୍ଜିତ କରିଛି। ଦୀର୍ଘ ବର୍ଷ ହେଲା ସାରା ଦେଶରେ ଓଡ଼ିଶା ସବୁଠାରୁ ସୁରକ୍ଷିତ ଓ ଶାନ୍ତିପ୍ରିୟ ରାଜ୍ୟ ଭାବରେ ପରିଚିତି ପାଇ ଆସିଛି। ଜାତୀୟ ଓ ଆନ୍ତର୍ଜାତୀୟ ପର୍ଯ୍ୟଟକଙ୍କ ସଂଖ୍ୟା ମଧ ଓଡ଼ିଶାକୁ ବୃଦ୍ଧି ପାଇଥିବା ଦୃଷ୍ଟାନ୍ତ ରହିଛି। ମାତ୍ର ଗତ ଏକ ବର୍ଷ ମଧ୍ୟରେ ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତିର ଅଧୋଗତି ଓ ଦୁଷ୍କର୍ମ ସଂଖ୍ୟା ବହୁଗୁଣ ବୃଦ୍ଧି ପାଇଛି। ହାରାହାରି ଦୈନିକ ଓଡ଼ିଶାରେ ୧୫ଟି ଦୁଷ୍କର୍ମ ଘଟଣା ଉଭୟ ଜାତୀୟ ଓ ଆନ୍ତର୍ଜାତୀୟସ୍ତରରେ ଓଡ଼ିଶାର ଛବିକୁ ମଳିନ କରିଛି। ନିକଟରେ ଗୋପାଳପୁର ଗଣଧର୍ଷଣ ଘଟଣା ଜାତୀୟସ୍ତରରେ ଆଲୋଡ଼ନ ସୃଷ୍ଟି କରିଛି। ଅନୁରୂପ ଭାବରେ ରାଜ୍ୟରେ ଆଇନଶୃଙ୍ଖଳା ସ୍ଥିତିର ଅବନତି ଓ ଅପରାଧ ବୃଦ୍ଧି ମଧ ଉଦ୍‌ବେଗଜନକ ପରିସ୍ଥିତି ସୃଷ୍ଟି କରିଛି। ମାତ୍ର ରାଜ୍ୟ ସରକାର ଏହାକୁ ସ୍ୱୀକାର କରୁନାହାନ୍ତି। ଏପରି ସ୍ଥିତିରେ ଆମେରିକୀୟ ପ୍ରଶାସନର ସତର୍କ ସୂଚନା ରାଜ୍ୟରେ ଆଇନଶୃଙ୍ଖଳା ସ୍ଥିତିକୁ ସ୍ପଷ୍ଟ କରି ଦେଇଥିବା ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି। ସରକାର ପରିବର୍ତ୍ତନ ପରେ ରାଜ୍ୟରେ ମହିଳା ବିରୋଧୀ ହିଂସା ଓ ଦୁଷ୍କର୍ମ ବୃଦ୍ଧି ପାଇଥିବା ଏବଂ ଆଇନଶୃଙ୍ଖଳାର ଚରମ ଅଧୋଗତି ଘଟିଥିବା ଏଥିରୁ ସ୍ପଷ୍ଟ ହୋଇଯାଇଛି।

### ରାଜ୍ୟ ହରାଉଛି...

ଏହି ସମୟରେ ସୌର ମଡ୍ୟୁଲ୍ ନିର୍ମାତା ୱାରୀ କମ୍ପାନୀର ଢେଙ୍କାନାଳ ପ୍ରକଳ୍ପ ମଧ ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇଯାଇଛି।

ଦେଶର ଅଗ୍ରଣୀ ସୋଲାର ମଡ୍ୟୁଲ ନିର୍ମାତା ୱାରୀ ଢେଙ୍କାନାଳ ପ୍ରକଳ୍ପ ଗୁଜରାଟ, ମହାରାଷ୍ଟ୍ରକୁ ସ୍ଥାନାନ୍ତର କରିବା ନିମନ୍ତେ ବିଏସ୍‌ଇ ଓ ଏନ୍‌ଏସ୍‌ଇକୁ ଅବଗତ କରିଛି। ରାଜ୍ୟ ସରକାର ଓ ସ୍ଥାନୀୟ ପ୍ରଶାସନର ଅସହଯୋଗ କାରଣରୁ କମ୍ପାନୀ ଏହି ପ୍ରକଳ୍ପରୁ ଓହରି ଯିବାକୁ ନିଷ୍ପତ୍ତି ନେଇଥିବା କୁହାଯାଇଛି। ୱାରୀ ପକ୍ଷରୁ ପ୍ରାୟ ୨୫ ହଜାର କୋଟି ଟଙ୍କା ନିବେଶରେ ଢେଙ୍କାନାଳରେ ୬ ଗିଗାୱାଟର ପ୍ରକଳ୍ପ ପ୍ରତିଷ୍ଠା କରାଯିବାକୁ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ଏହି ୟୁନିଟରେ କମ୍ପାନୀ ଇନ୍‌ଗଟ, ୱେଫର୍ସ ସେଲ୍ ଏବଂ ସୋଲାର ମଡ୍ୟୁଲ ଉତ୍ପାଦନ କରିଥାନ୍ତା। ଏହି କମ୍ପାନୀ ସ୍ଥାପନ ହୋଇଥିଲେ ପ୍ରାୟ ୧୪ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଥାନ୍ତା। ଏହି ପ୍ରକଳ୍ପ ପାଇଁ ଥରେ ନୁହେଁ ଦୁଇଥର ଶିଳାନ୍ୟାସ ହୋଇଥିଲା। ଥରେ ଖାଦ୍ୟ ଯୋଗାଣ ଓ ଖାଉଟିକଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ପ୍ରକଳ୍ପ ପାଇଁ ଶିଳାନ୍ୟାସ କରିଥିବା ବେଳେ କିଛି ସପ୍ତାହ ତଳେ ଢେଙ୍କାନାଳ ଗସ୍ତ ଅବସରରେ ମୁଖ୍ୟମନ୍ତ୍ରୀ ମଧ ଏହି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ମାତ୍ର ଦୁଇଥର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିବା ଏହି କମ୍ପାନୀ ପ୍ରକଳ୍ପ କାର୍ଯ୍ୟାନ୍ୱୟନରେ ବିଳମ୍ବ ଯୋଗୁଁ ଅନ୍ୟତ୍ର ଚାଲିଯିବାକୁ ନିଷ୍ପତ୍ତି ନେଇଛି। କାମ ବିଳମ୍ବ ହେଉଥିବାରୁ କମ୍ପାନୀର ଅଡିଟ କମିଟି ଏହାକୁ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ପରାମର୍ଶ ଦେଇଥିଲା। ଏହ ପରାମର୍ଶ ଆଧାରରେ ଓଡ଼ିଶା ବଦଳରେ ଏହା ତାମିଲନାଡୁ ଓ ଗୁଜୁରାଟରେ ନିଜ ଶିଳ୍ପ ସ୍ଥାପନ କରିବ ବୋଲି କମ୍ପାନୀ ପକ୍ଷରୁ ଷ୍ଟକ ଏକ୍ସଚେଞ୍ଜ (ବିଏସ୍‌ଇ ଓ ଏନ୍‌ଏସ୍‌ଇ)କୁ ଅବଗତ କରାଯାଇଛି।

ରାଜ୍ୟ ସରକାର ଏବଂ ସ୍ଥାନୀୟ ପ୍ରଶାସନର ଅସହଯୋଗ କାରଣରୁ କମ୍ପାନୀ ପ୍ରକଳ୍ପରୁ ଓହରିଯିବାକୁ ଶୁକ୍ରବାର ନିଷ୍ପତ୍ତି ନେଇଥିଲା। ଏହାକୁ ନେଇ ଆଜି ବେଶ୍ ତମ୍ବିତୋଫାନ ହେବା ପରେ କମ୍ପାନୀ ନିଜ ନିଷ୍ପତ୍ତି ପରିବର୍ତ୍ତନ କରିଥିବା କୁହାଯାଇଛି। ଆମେ ଓଡ଼ିଶା ଛାଡ଼ି ଯାଉନାହୁଁ। ଓଡ଼ିଶାରେ ପ୍ରକଳ୍ପ ପ୍ରତିଷ୍ଠା ନେଇ ଆମେ ଆମ ପ୍ରତିଶ୍ରୁତିରେ ଦୃଢ଼ ରହିଛୁ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ତେବେ ଗୋଟିଏ ଦିନ ବ୍ୟବଧାନରେ କମ୍ପାନୀ ପକ୍ଷରୁ ଦୁଇ ଦୁଇଟି ପରସ୍ପର ବିରୋଧୀ ବିଜ୍ଞପ୍ତି ପ୍ରକାଶକୁ ନେଇ ସ୍ୱାଭାବିକ ସନ୍ଦେହ ସୃଷ୍ଟି ହୋଇଛି। ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା ନେଇ କମ୍ପାନୀର ମତ ପରିବର୍ତ୍ତନ ପଛରେ ଚାପ ପଡ଼ିଥିବା ଶିଳ୍ପ ସମୀକ୍ଷକମାନେ ମତ ଦେଉଛନ୍ତି। ଗତକାଲି କମ୍ପାନୀ ସ୍ଥାନାନ୍ତର ସୂଚନା ଦେଇଥିବାବେଳେ ଗୋଟିଏ ଦିନ ମଧ୍ୟରେ କମ୍ପାନୀ ନିଜ ନିଷ୍ପତ୍ତିରୁ ଓହରିଯିବାକୁ ନେଇ ସାଧାରଣରେ ସଂଶୟ ପ୍ରକାଶ ପାଇଛି। ପୂର୍ବରୁ ଆର୍ସେଲର ନିପ୍ପନ- ମିତ୍ତଲ ଓ ଜେଏସଡବ୍ଲ୍ୟୁ ପ୍ରକଳ୍ପ ପ୍ରତିଷ୍ଠା ସ୍ୱପ୍ନ ଧିରେ ଧିରେ ଘୁଞ୍ଚି ଘୁଞ୍ଚି ଯାଉଛି। ଏପରିକି ଆର୍ସେଲର-ମିତ୍ତଲ ପ୍ରକଳ୍ପ ପଡ଼ୋଶୀ ଆନ୍ଧ୍ର ପ୍ରଦେଶରେ ହେବା ଏକପ୍ରକାର ନିଶ୍ଚିତ କୁହାଯାଉଥିବା ବେଳେ ସେଠାରେ ଜମି ଅଧିଗ୍ରହଣ କାମ ଜାରି ରହିଛି। ସେହିପରି ଜେଏସଡବ୍ଲ୍ୟୁର ଇଭି ପ୍ରକଳ୍ପ ମଧ ମହାରାଷ୍ଟ୍ରକୁ ସ୍ଥାନାନ୍ତରଣ ହୋଇଥିବା ନେଇ କୁହାଯାଉଛି। ଏବେ ପୁଣି ଆଉ ଏକ ବଡ଼ ଶିଳ୍ପ ଓଡ଼ିଶାରୁ ଚାଲିଯିବା ନିମନ୍ତେ ଆଗ୍ରହ ପ୍ରକାଶ କରିବା ସ୍ୱାଭାବିକ ରାଜ୍ୟର ଶିଳ୍ପ ବାତାବରଣକୁ ପ୍ରଶ୍ନଘେରରେ ଠିଆ କରିଛି।

### ୨୪ରୁ ପୁଣି...

ଲଘୁଚାପ ସୃଷ୍ଟି ହେବା ସହ ଏହା ପ୍ରଥମେ ଓଡ଼ିଶା ଓ ପରେ ଝାଡ଼ଖଣ୍ଡରେ ଅଧିକ ବର୍ଷା କରାଇବ। ତେଣୁ ଉତ୍ତର ଓଡ଼ିଶାର ବିଭିନ୍ନ ନଦୀରେ ଜଳସ୍ତର ବୃଦ୍ଧି ପାଇବାର ସମ୍ଭାବନା ରହିଛି। ଶନିବାର ସୋନପୁରରେ ୨୭, କଟକରେ ୨୧ ଓ ପାରାଦୀପରେ ୧୬ ମିମି ବର୍ଷା ରେକର୍ଡ ହୋଇଛି। ରବିବାର ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ବଲାଙ୍ଗିର, ନୂଆପଡ଼ା, ସମ୍ବଲପୁର, ସୋନପୁର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, କୋରାପୁଟ, ମାଲକାନଗିରି, ରାୟଗଡ଼ା, ଗଜପତି ଓ ଗଞ୍ଜାମ ଜିଲ୍ଲାରେ ବର୍ଷା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି।


**OFFICE OF THE PANCHAYAT SAMITI: KOLNARA**
DIST- RAYAGADA, PIN CODE-765017, ODISHA i-170
E-mail ID: ori-kolnara@nic.in

**INVITATION FOR BIDS (I.F.B)**
**e-Procurement Notice**
**IDENTIFICATION No. PS- KOL No. 02 OF 2025-26**

1. The Block Development Officer, Kolnara, Rayagada invites Percentage Rate bid in Single Cover System in ONLINE MODE for the construction of Additional Class Room Building work (Civil) as detailed in the Detailed Tender Call Notice (D.T.C.N) from the eligible class of contractors.
2. No. of works: **03 (Three)**
3. Cost of Tender paper: **₹6000/- (Rupees Six Thousand)** only for each work
4. Class of Contractor: **"D & C" Class**
5. Date & Time of availability in website & receipt online: **From 11:00 Hrs of 26.06.2025 to 17:00 Hrs of 08.07.2025**
6. Date of opening of Technical Bid: **11:00 Hrs of 10.07.2025**
7. The Bidders have to participate in ONLINE bidding only. Further details can be seen from the State Govt. Portal website: **https://tendersodisha.gov.in**
8. Any Corrigendum/Addendum will be displayed in the website **https://tendersodisha.gov.in** only

Sd/- Block Development Officer
Kolnara

OIPR-19053/11/0002/2526

**AFFIDAVIT**
By virtue of an affidavit before The Executive Magistrate, Titilagarh, on dated- 20/06/2025. I, **Saraswati Sahu,** aged about 40 years, W/o- Subash Sahu, Permanent resident of At- Sukunabhata, P.O. Marlad, P.S. Titilagarh, Dist. Bolangir, (Odisha), Pincode No. 767066 now residing at the same place affirm that I have changed my minor daughter's name from **Babey Sahu** (old name) To **Beby Sahu** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion she will be known as **Beby Sahu** (new name).
**Saraswati Sahu**

**SALE**
Booking Open 2/3 BHK Flats Price Starts from 60 Lakhs BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara & Ready to move 3 BHK Flats BHPL ARYA, Ghatikia & R.J Palace, Samantarapur, Bhubaneswar.
**Contact**
**GADHWAL GROUP**
**Mob.: 9437015112**

**AFFIDAVIT**
I, Gunanidhi Barik, father of Satyajiti Barik, residing at At: Balarampur Garh, PO: Balarampur Talagada, Sub-District: Dharmasala, District: Jajapur, Odisha – 755023, do hereby declare that I have changed the name of my minor son from Satyajiti Barik to Satyajit Barik. Henceforth, he shall be known as **Satyajit Barik** for all official and future purposes.

**AFFIDAVIT**
I, Priyanka Mahapatra, aged about 37 years, W/o- Niranjan Acharya, resident of Plot No-491, Saheed Nagar, Back side of Arya Samaj, Bhubaneswar, Dist- Khurda, PIN- 751007, Odisha declared by this Affidavit No- 496, dtd- 12/06/2025 that now onwards I shall be known as **PRIYANKA MOHAPATRA** for all future purposes.

**AFFIDAVIT**
I Anju Rani Khatua, W/o- Kartik Khatua, resident of village/po , Gunaibasan Ps-Bhograi, Dist- Balasore, Odisha, declared by affidavit before Executive Magistrate, Bhograi No.2221/ 2025 that My son name as Manoj Khatua in his Birth Certificate, that wrongly mentioned as Monaj Khatua in Adhar. Manoj Khatua and Monaj Khatua is one & same person. Hence my son shall be known as **Manoj Khatua** for all future purpose.

**AFFIDAVIT**
I, Niranjan Nayak, aged about 40 years, H/o- Priyanka Mohapatra, resident of Plot No.491, Saheed Nagar, Back side of Arya Samaj, Bhubaneswar, Dist- Khurda, PIN- 751007, Odisha declared by this Affidavit No-498, dtd- 12/06/2025 that now onwards I shall be known as **NIRANJAN ACHARYA** for all future purposes.

**AFFIDAVIT**
By virtue of an affidavit before Executive Magistarte, Bargarh, I, Rajkishan Kuanr, S/o- Bisi Kuanr, R/o- Village- Debgarhtikra, Khandatha, Po.- Khandatha, Ps.- Sadar, Dist.- Bargarh, Odisha, declare that, my daughter will be known as & her name will be used as **Gunjan Kuanr, D/o- Rajkishan Kuanr (Father) & Rinki Kuanr (Mother)** for all purposes.

**AFFIDAVIT**
I, Jaspreet Singh Wadhwa, aged about 45 years, S/o- Mahender Singh, resident of At- Plot No. TT-14, Civil Township, Po- Rourkela, Ps- Raghunathpali, Dist- Sundargarh, Odisha, Pin- 769004 declare by this affidavit No. A/19, dtd. 01/05/2025 that now onwards I shall be known as **JASPREET SINGH** for all future purposes.

**AFFIDAVIT**
By virtue of an affidavit No. 738, dtd. 19.06.2025 before the Notary Public, Malkangiri, I, Debe Kabasi have changed my name and address from Debe Podiami, D/o- Podia Padiami, Vill- Karastaguda, Po- Thumusapalli, Ps/Dist.- Malkangiri to Debe Kabasi, W/o- Ganesh Kabasi, Vill- Nuaguda, Po/Ps.- Korukunda, Dist.- Malkangiri after my marriage. Henceforth I shall be known as Debe Kabasi, W/o- Ganesh Kabasi, resident of Vill- Nuaguda, Po/Ps- Korukunda, Dist.- Malkangiri, Odisha for all purposes.
Sd/- Debe Kabasi

**TO-LET**
Commercial Space available on rent for Shopping Mall, Bank, Office, Restaurant, Banquet Hall, Saloon & Spa, Gym, Godown, Rooftop restaurant and other purposes. Beside Vipul Gardens, Kalinga Nagar, Ghatikia, Bhubaneswar. Basement - 2755 sqft, Ground - 2191 sqft, 1st, 2nd & 3rd floor - 2757 sqft and Terrace / Rooftop - 2755 sqft. with Anandban scenery view.
**CONTACT : 6371093914**

# ଆନ୍ତର୍ଜାତିକ ଯୋଗ ଦିବସ ପାଳିତ

ନୟାଗଡ଼,୨୧।୬(ସମିସ)





ନୟାଗଡ଼ ଜିଲ୍ଲାସ୍ତରୀୟ ୧୧ତମ ଆନ୍ତର୍ଜାତିକ ଯୋଗ ଦିବସ ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟସ୍ଥିତ ଡାଇମଣ୍ଡ ଜୁବିଲି ଅଡିଟୋରିୟମଠାରେ ବହୁ ଆଡ଼ମ୍ବରଭାବେ ପାଳିତ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ ସ୍ୱାଇଁ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ ଦେବାଶିଷ ପଟ୍ଟନାୟକ, ଜିଲ୍ଲାପାଳ ଅକ୍ଷୟ



ସୁନିଲ୍ ଅଗ୍ରୱାଲଙ୍କ ସମେତ ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସ, ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଲଗ୍ନଜିତ ରାଉତ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦାର ଯୋଗଦେଇଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମର ସିଧାପ୍ରସାରଣ ସହିତ ଜୁବିଲି ଅଡିଟୋରିୟମ୍ ଓ କଲେଜ ଖେଳ ପଡ଼ିଆରେ ଯୋଗ ଶିକ୍ଷକ ପରମାନନ୍ଦ ପରିଡ଼ା, ସୁଶାନ୍ତ କୁମାର ଚାନ୍ଦ, ପ୍ରତାପ ରାଣା ସିଂଙ୍କ ଦ୍ୱାରା ଯୋଗ ଅଭ୍ୟାସ ଓ ଶପଥପାଠ କରାଯାଇଥିଲା। ଅବକାରୀ ଅଧୀକ୍ଷକ ଜ୍ଞାନରଞ୍ଜନ ପଣ୍ଡା ଓ ଜିଲ୍ଲା କ୍ରୀଡ଼ା ଅଧିକାରୀ ସୁଜାତା ସାହୁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜ୍ୟୋସ୍ନାମୟୀ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ରହି ଉକ୍ତ କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ।

**ଶରଣକୁଳ:** ଶରଣକୁଳ ଓ ଏହାର ଆଖପାଖ ଅଞ୍ଚଳର ସମସ୍ତ ସରକାରୀ, ବେସରକାରୀ ଶିକ୍ଷାନୁଷ୍ଠାନ ସହିତ ବିଭିନ୍ନ ଅନୁଷ୍ଠାନରେ ବିଶ୍ୱ ଯୋଗ ଦିବସ ପାଳନ କରାଯାଇଛି। ଶରଣକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ମହାବିଦ୍ୟାଳୟ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, କବିସୂର୍ଯ୍ୟ ସଦାନନ୍ଦ ବ୍ରହ୍ମା ପବ୍ଲିକ୍ ସ୍କୁଲରେ ବିଶ୍ୱ ଯୋଗ ଦିବସ ପାଳିତ ହୋଇଯାଇଛି। ଯୋଗ ଗୁରୁ ରାଜେନ୍ଦ୍ର କୁମାର ତ୍ରିପାଠୀ ଓ ବୈକୁଣ୍ଠନାଥ ପ୍ରଧାନଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଗୁରୁଜୀ, ଗୁରୁମା' ଓ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ସକ୍ରିୟ ଅଂଶ ଗ୍ରହଣ କରି ଯୋଗାଭ୍ୟାସ କରିଥିଲେ। ଏଥିସହିତ ଛାତ୍ରଛାତ୍ରୀମାନେ ହାତରେ ପ୍ଲା କାର୍ଡ ଧରି ଶରଣକୁଳ, ଭିକାରୀପଡ଼ା, ସୁଆରସାହି ଆଦି ଗ୍ରାମ ପରିକ୍ରମା କରି ଯୋଗାଭ୍ୟାସ ଦ୍ୱାରା ମାନବ ସମାଜ ନିରୋଗୀ ରହିବା ନେଇ ସଚେତନତା ବାର୍ତ୍ତା ଦେଇଥିଲେ। ଯୋଗ ଗୁରୁ ବୈକୁଣ୍ଠନାଥ ପ୍ରଧାନ ବିଭିନ୍ନ ଯୋଗ କ୍ରିୟା ଓ ସୁସ୍ଥ ଜୀବନଯାପନରେ ଯୋଗର ମହତ୍ୱ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ।

**ଭାପୁର:** ଭାପୁର ବ୍ଲକ୍ ପରିସରରେ ବିଶ୍ୱ ଯୋଗ ଦିବସରେ ଶତାଧିକ କର୍ମଚାରୀ ଓ ଛାତ୍ରଛାତ୍ରୀ ଯୋଗ ପ୍ରଶିକ୍ଷଣ ନେଇଥିଲେ। ବିଡିଓ ସାରଦା ପ୍ରସନ୍ନ ପଣ୍ଡାଙ୍କ ନେତୃତ୍ୱରେ ଆୟୋଜିତ ଏହି ଶିବିରରେ ବାଇଗୁଣିଆ ତନ୍ତୁବାୟସହଯୋଗ ଉଚ୍ଚ ବିଦ୍ୟାଳୟର ଖେଳ ଶିକ୍ଷକ ଆଶିଷ ପଟ୍ଟନାୟକ ଓ ଦୁଇ ଛାତ୍ରୀ ବବିନା ବୀର ଓ ପୂଜା ବେହେରା ଉପସ୍ଥିତ ସମସ୍ତ ପୁରୁଷ, ମହିଳା ଓ ଛାତ୍ରଛାତ୍ରୀଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଏହି ଶିବିରରେ ବ୍ଲକ୍ କର୍ମଚାରୀଙ୍କ ସହ ଶିକ୍ଷା ବିଭାଗ, ମହିଳା ଓ ଶିଶୁ କଲ୍ୟାଣ ବିଭାଗ, ପ୍ରାଣୀ ଚିକିତ୍ସାଳୟ କର୍ମଚାରୀମାନେ ପ୍ରଶିକ୍ଷଣ ନେଇଥିଲେ। ସେହିପରି ଫତେଗଡ଼ ଆଦର୍ଶ ବିଦ୍ୟାଳୟ ଓ ଅନ୍ୟ ସମସ୍ତ ଉଚ୍ଚ ବିଦ୍ୟାଳୟରେ ଯୋଗ ଦିବସ ପାଳନ କରାଯାଇଛି।

**ଓଡ଼ଗାଁ:** ଓଡ଼ଗାଁ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମ୍‌ରେ ଓଡ଼ଗାଁ ଏନ୍‌ଏସି ଓ ବ୍ଲକ୍‌ସ୍ତରୀୟ ଏକାଦଶତମ ଅନ୍ତର୍ଜାତୀୟ ଯୋଗ ଦିବସ ଶନିବାର ସକାଳେ ପାଳିତ ହୋଇଯାଇଛି। ଶିବିରରେ ଓଡ଼ଗାଁ ବ୍ଲକ୍ ଅଧ୍ୟକ୍ଷ ଲୋକନାଥ ସାହୁ, ବିଡିଓ ଜିତେନ୍ଦ୍ର ନାୟକ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ନିହାର ରଞ୍ଜନ ବେହେରା ଯୋଗର ଉପାଦେୟତା ସମ୍ପର୍କରେ ଶତାଧିକ ଅଂଶଗ୍ରହଣକାରୀଙ୍କୁ ପରାମର୍ଶ ଦେଇଥିଲେ। ଶିକ୍ଷକ ଭାବଗ୍ରାହୀ ମହାପାତ୍ର, ପଞ୍ଚାନନ ପଣ୍ଡା, ରଞ୍ଜନ କୁମାର ଦାଶ, ସୁଶାନ୍ତ କୁମାର ସାହୁ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରଛାତ୍ରୀମାନଙ୍କୁ ଯୋଗାଭ୍ୟାସ କରାଇଥିଲେ। ସେହିପରି ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଦ୍ୱାରା ସ୍ଥାନୀୟ ମିନି ଷ୍ଟାଡିୟମ୍‌ରେ ଯୋଗ ଦିବସ ପାଳିତ ହୋଇଥିଲା। ଗାୟତ୍ରୀ ବିଦ୍ୟାମନ୍ଦିର ମଶାବାରୀଠାରେ ଯୋଗଗୁରୁ ନୀଳମାଧବ ଆଚାର୍ଯ୍ୟଙ୍କ ଦ୍ୱାରା ଯୋଗ ଦିବସ ପରିଚାଳିତ ହୋଇଥିଲା। ଅନ୍ୟପକ୍ଷରେ ଓଡ଼ଗାଁ ବନ ବିଭାଗ ତରଫରୁ ସ୍ଥାନୀୟ ଚନ୍ଦ୍ରମଣି ତୋଟା ନିକଟ ଅର୍ବାନ ପ୍ଲାଣ୍ଟେସନ ନୂତନ ଜଙ୍ଗଲ ମଧ୍ୟରେ ହରିତ୍ ଯୋଗ ଶିବିର ଅନୁଷ୍ଠିତ ହୋଇଥିଲା। ୨୫ରୁ ଊର୍ଦ୍ଧ୍ୱ ବନ କର୍ମଚାରୀ ଏଥିରେ ଅଂଶଗ୍ରହଣ କରିଥିଲେ। ସେହିପରି ସ୍ଥାନୀୟ ସରକାରୀ ରଘୁନାଥ ଉଚ୍ଚ ବିଦ୍ୟାପୀଠ, ରାଧାକାନ୍ତ ସରକାରୀ ଉଚ୍ଚ ବିଦ୍ୟାଳୟ, ରଙ୍ଗଣିପାଟଣା ପଞ୍ଚାୟତ ଆଦି ବିଭିନ୍ନ ଅନୁଷ୍ଠାନ ଓ ଶିକ୍ଷାନୁଷ୍ଠାନରେ ବିଶ୍ୱ ଯୋଗ ଦିବସ ପାଳିତ ହୋଇଯାଇଛି।

**ଗଣିଆ:** ଶନିବାର ଗଣିଆ ବ୍ଲକ୍‌ର ବ୍ଲକ୍ କାର୍ଯ୍ୟାଳୟ, ପଞ୍ଚାୟତ କାର୍ଯ୍ୟାଳୟ ସହ ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ଯୋଗ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ନୟାଗଡ଼ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଛାମୁଣ୍ଡିଆ ବନାଞ୍ଚଳ ତରଫରୁ ସାତକୋଶିଆ ସ୍ୟାଣ୍ଡ ରିସୋର୍ଟ ପରିସରରେ ଯୋଗ ପ୍ରଶିକ୍ଷଣ ଅନୁଷ୍ଠିତ ହୋଇଥିଲା। ବନାଞ୍ଚଳ ଅଧିକାରୀ ଲକ୍ଷ୍ମୀ ନାରାୟଣ ପଣ୍ଡାଙ୍କ ତତ୍ତ୍ୱାବଧାନରେ ପ୍ରଶିକ୍ଷକ ଭାବରେ ଶ୍ରୀମାନ ଶୁଭାଶିଷ ମିଶ୍ର, ପ୍ରିୟବ୍ରତ ଆଚାର୍ଯ୍ୟ ବିଭିନ୍ନ ଯୋଗ, ପ୍ରାଣାୟାମ ପ୍ରଶିକ୍ଷଣ ଦେବା ସହ ଏହା ଦ୍ୱାରା ମଣିଷ କିପରି ସୁସ୍ଥ ଓ ନିରାମୟ ଜୀବନ ଅତିବାହିତ କରିପାରିବ ସେ ସମ୍ପର୍କରେ ସଚେତନତା କରିଥିଲେ। ସେହିପରି ଗଣିଆ ବନାଞ୍ଚଳ ତରଫରୁ ଆଡ଼କଟା ଚାରାରୋପଣ କେନ୍ଦ୍ର ପରିସରରେ ଅବସରପ୍ରାପ୍ତ ବନପାଳ ତଥା ଯୋଗ ପ୍ରଶିକ୍ଷକ ପ୍ରଫୁଲ୍ଲ କୁମାର ଦାଶ ଉପସ୍ଥିତ ବନ କର୍ମଚାରୀଙ୍କୁ ଯୋଗ ଓ ପ୍ରାଣାୟାମର ବିଭିନ୍ନ ମୁଦ୍ରାରେ ପ୍ରଶିକ୍ଷଣ ଦେଇଥିଲେ।

**ଖଣ୍ଡପଡ଼ା:** ଖଣ୍ଡପଡ଼ା ବ୍ଲକ୍ ଓ ଏନ୍‌ଏସି ପ୍ରଶାସନ ପକ୍ଷରୁ ଖଣ୍ଡପଡ଼ାସ୍ଥିତ ବାଇପାସ୍ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମ୍ ପରିସରରେ ବିଶ୍ୱ ଯୋଗ ଦିବସ ପାଳିତ ହୋଇଯାଇଛି। ବିଡିଓ ଅଙ୍କୁର ଅଭିଳାଷଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଯୋଗ ଶିବିରକୁ ମୁଖ୍ୟ ଅତିଥି ଭାବେ ଖଣ୍ଡପଡ଼ା ଏନ୍‌ଏସି ଅଧ୍ୟକ୍ଷା ଆରତୀ ପ୍ରଧାନ ଉଦ୍‌ଘାଟନ କରିଥିବାବେଳେ ସମାଜସେବୀ ବିଧାନ ଚନ୍ଦ୍ର ପ୍ରଧାନ ଉପସ୍ଥିତ ରହିଥିଲେ। ସେହିପରି ଏବିଡିଓ ଝାଡ଼େଶ୍ୱରୀ ଦାଶ ଏବଂ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ମିଶ୍ର ଅନ୍ୟମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଶିବିରରେ ଜିତେନ୍ଦ୍ର କାଟିଆ ଉପସ୍ଥିତ ରହି ଯୋଗ ଶିଖାଇଥିଲେ। ଜିପିଇଓ ଅନିତ ବଡସେଟ ଶିବିରକୁ ପରିଚାଳନା କରିଥିବାବେଳେ ସମସ୍ତ ବ୍ଲକ୍ କର୍ମଚାରୀ ସକ୍ରିୟ ସହଯୋଗ କରିଥିଲେ। ସେହିପରି ଖଣ୍ଡପଡ଼ା ପଠାଣି ସାମନ୍ତ ମହାବିଦ୍ୟାଳୟ, ମହିଳା ମହାବିଦ୍ୟାଳୟ, କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନ ଏବଂ କ୍ଲବ୍‌ଗୁଡ଼ିକରେ ଏହି ଯୋଗ ଦିବସ ପାଳନ କରାଯାଇଥିବା ଦେଖିବାକୁ ମିଳିଛି।

## ସୁନାଚେନ୍ ପାଇଁ ସ୍ତ୍ରୀକୁ ନିର୍ମମ ହତ୍ୟା



ଫାଇଲ୍ ଫଟୋ

ଖଣ୍ଡପଡ଼ା/ଭାପୁର,୨୧।୬(ସମିସ): ନୟାଗଡ଼ ଜିଲ୍ଲା ଫତେଗଡ଼ ଥାନା ରାଣୀଛେଲି ପଞ୍ଚାୟତ ଗୋହିରିଆପଡ଼ା ଗ୍ରାମରେ ସ୍ତ୍ରୀ ଏକ ସୁନାଚେନ୍ ହଜାଇଦେବାରୁ ସ୍ୱାମୀ କଟୁରୀରେ ହାଣି ନିର୍ମମ ଭାବେ ହତ୍ୟା କରିଛି। ଅପରପକ୍ଷରେ ସ୍ଥାନୀୟ ଜନସାଧାରଣ ପରକୀୟା ପ୍ରିତି ପାଇଁ ଏହି ହତ୍ୟାକାଣ୍ଡ ଘଟିଥିବା ଆଲୋଚନା ହେଉଛି। ଗୋହିରିଆପଡ଼ା ଗ୍ରାମ ଉପର ହରିଜନ ସାହିର ଅମର ନାଏକଙ୍କ ପୁଅ ପ୍ରତାପ ନାଏକ ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ଥାନା ଗୋଡ଼ିଆଳି ଗ୍ରାମର ବାବୁଲା ନାଏକଙ୍କ ଝିଅ ଅମୁଲି ନାଏକଙ୍କୁ ୧୫ ବର୍ଷ ପୂର୍ବେ ବୈଦିକ ରୀତିରେ ବିବାହ କରିଥିଲେ। ସେମାନଙ୍କର ୧୨ ବର୍ଷ ଓ ୯ ବର୍ଷର ଦୁଇଟି ପୁଅ ଅଛନ୍ତି। ଉଭୟଙ୍କ ଦାମ୍ପତ୍ୟ ଜୀବନ ଭଲରେ ଚାଲୁଥିଲା। ଏବେ କିଛି ବର୍ଷ ହେଲା ପରିବାରରେ ଅନେକ ସମୟରେ ଅଶାନ୍ତି ଲାଗି ରହୁଥିଲା। ଶୁକ୍ରବାର ଅମୁଲିଙ୍କ ବାପଘର ଲୋକମାନେ ଆସି ସମାସ୍ୟା ସମାଧାନ କରିବାକୁ ଉଦ୍ୟମ କରିଥିବା ଜଣାପଡ଼ିଛି। ଶନିବାର ପୂର୍ବାହ୍ନ ୯ଟା ସମୟରେ ସ୍ୱାମୀ ପ୍ରତାପ ସ୍ତ୍ରୀଙ୍କୁ ଘର ଭିତରେ କବାଟ ବନ୍ଦ କରି କଟୁରୀରେ ହାଣି ହତ୍ୟା କରିବା ପରେ ଫେରାର୍ ହୋଇଯାଇଛି। ସାହିପଡ଼ିଶା ଲୋକମାନେ ଫତେଗଡ଼ ପୁଲିସକୁ ଖବର ଦେଇଥିଲେ। ଅପରାହ୍ନରେ ଫତେଗଡ଼ ଆଇଆଇସି ପଞ୍ଚାନନ ପରିଡ଼ା, ଖଣ୍ଡପଡ଼ା ଏସ୍‌ଡିପିଓ ମଦନ ମୋହନ ପ୍ରଧାନ ଓ ନୟାଗଡ଼ରୁ ଲକ୍ଷ୍ମୀଧର ବିଶ୍ୱାଳଙ୍କ ନେତୃତ୍ୱରେ ଏକ ସାଇଣ୍ଟିଫିକ୍ ଟିମ୍ ଗୋହିରିଆପଡ଼ା ଆସି ତଦନ୍ତ କରି ଫେରିଛନ୍ତି। ଅମୁଲିଙ୍କୁ ପରିବାର ଲୋକେ ଓ ଗ୍ରାମବାସୀମାନେ ଖଣ୍ଡପଡ଼ା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। କିନ୍ତୁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଅମୁଲିଙ୍କ ଭାଇ ଚଗଲା ନାଏକ ଓ ମାଇଁ ସୁଶୀଳା ବେୱା ଗଣମାଧ୍ୟମକୁ କହିଛନ୍ତି ଯେ ସୁନାଚେନ୍ ହଜିଯିବାକୁ କେନ୍ଦ୍ରକରି ଅମୁଲିଙ୍କୁ ସ୍ୱାମୀ ହତ୍ୟା କରିଛି। ଅପରପକ୍ଷରେ ସ୍ୱାମୀ ଗ୍ରାମ ବାହାରେ ରହି କାମ କରୁଥିବାରୁ ସ୍ତ୍ରୀର ଚରିତ୍ରକୁ ନେଇ ସନ୍ଦେହ କରି ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଅଶାନ୍ତି ଲାଗି ରହୁଥିଲା ଓ ଏହି ହତ୍ୟାକାଣ୍ଡ ଘଟିଛି ବୋଲି ଗ୍ରାମବାସୀମାନେ କହୁଛନ୍ତି।

## ପୌରପରିଷଦ ପକ୍ଷରୁ ବୃକ୍ଷରୋପଣ




ନୟାଗଡ଼,୨୧।୬(ସମିସ): ଓଡ଼ିଶା ରାଜ୍ୟ ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ନିର୍ଦ୍ଦେଶକ୍ରମେ ଶନିବାର ନୟାଗଡ଼ ପୌର ପରିଷଦ ତରଫରୁ ଡାକ ବଙ୍ଗଳା ନିକଟ ନ୍ୟୁ ଟାଉନ୍ ପ୍ରାଥମିକ ବିଦ୍ୟାଳୟ ପରିସରରେ "ମାଆ ପାଇଁ ଗଛଟିଏ' ଅଭିଯାନ ଜରିଆରେ ବୃକ୍ଷରୋପଣ କାର୍ଯ୍ୟକ୍ରମ କରାଯାଇଛି। ଅଁଳା, ଲିମ୍ବ, ଆମ୍ବ, କଦମ୍ବ ଓ ଜାକରନ୍ଦା (ଛାଇ ପାଇଁ) ପ୍ରଭୃତି ୨୦ଟି ଚାରାରୋପଣ କରାଯାଇଛି। ଅଧ୍ୟକ୍ଷା ନିରୂପମା ଖଟେଇ, ଉପାଧ୍ୟକ୍ଷ ଗୁରୁପ୍ରସାଦ ଜେନା, କାଉନ୍‌ସିଲର ସ୍ୱର୍ଣ୍ଣପ୍ରଭା ମିଶ୍ର, ଅଳକା ମଞ୍ଜରି ନାୟକ, ଗୀତାଞ୍ଜଳି ସ୍ୱାଇଁ, ଜାନକୀ ବଲ୍ଲଭ ଜେନା, ଡୁଡା କାର୍ଯ୍ୟାଳୟର ବିଶେଷଜ୍ଞ ଚିରଞ୍ଜିବ ଦାସ, ପ୍ରଧାନଶିକ୍ଷୟିତ୍ରୀ ସଞ୍ଜୁକ୍ତା ଦେଇ, ସମାଜସେବୀ ରୁଦ୍ରପ୍ରସନ୍ନ ରଥ, ଗଦାଧର ଜେନା, ଅଞ୍ଚଳ କୁମାର ସ୍ୱାଇଁ ପ୍ରଭୃତି ଯୋଗଦେଇ ଚାରାରୋପଣ କରିଥିଲେ। ନିର୍ବାହୀ ଅଧିକାରୀ ସ୍ନେହଲତା ଆଚାର୍ଯ୍ୟ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସମସ୍ତ ଯନ୍ତ୍ରୀ, ସମସ୍ତ କର୍ମଚାରୀ, ସ୍ୱଚ୍ଛ ସାଥୀ, ସ୍ୱଚ୍ଛ ସୁପରଭାଇଜର ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନେ ଉପସ୍ଥିତ ଥିଲେ।

## ରଥଯାତ୍ରା ପାଇଁ ଶେଷ ପ୍ରସ୍ତୁତି ବୈଠକ



ଭାପୁର,୨୧।୬(ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ୍ ଭାପୁର ବଜାରରେ ଥିବା ଜଗନ୍ନାଥ ମନ୍ଦିର ତରଫରୁ ଆୟୋଜିତ ହେଉଥିବା ରଥଯାତ୍ରା ପାଇଁ ପ୍ରଶାସନର ଅନ୍ତିମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ସଭାପତି ଅଧ୍ୟାପକ ସୁମନ୍ତ କୁମାର ଜେନାଙ୍କ ଆହ୍ୱାନରେ ରଥଯାତ୍ରା କମିଟିର ସ୍ଥାୟୀ ସଭାପତି ତହସିଲ୍‌ଦାର ଅର୍ଜୁନ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବିଧାୟକ ଇଂ ଦୁଷ୍ମନ୍ତ କୁମାର ସ୍ୱାଇଁ, ବ୍ଲକ୍ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ, ବିଡିଓ ସାରଦା ପ୍ରସନ୍ନ ପଣ୍ଡା, ଦୁଇ ଜିଲ୍ଲା ପରିଷଦ ସଭ୍ୟ ସୁଶାନ୍ତ କୁମାର ସାହୁ ଓ ଧର୍ମେନ୍ଦ୍ର କୁମାର ଧଳ, ଭାପୁର କ୍ରିୟାନୁଷ୍ଠାନ କମିଟିର ସଭାପତି ରବୀନ୍ଦ୍ର କୁମାର ପଟ୍ଟନାୟକ, ସାଂସଦଙ୍କ ଜିଲ୍ଲା ପ୍ରତିନିଧି ଗୟାଧର ପରିଡ଼ା, ବିଧାୟକଙ୍କ ପ୍ରତିନିଧି ଜିତେନ୍ଦ୍ର କୁମାର ରଣସିଂହ, ଭାପୁର ବଜାର ସଭାପତି କାର୍ତ୍ତିକ ଚନ୍ଦ୍ର ନାୟକ ଉପସ୍ଥିତ ଥିଲେ। ଏମାନଙ୍କ ସହ ସ୍ୱାସ୍ଥ୍ୟ ବିଭାଗର ଡା. ଲଳିତ ମୋହନ ଟୁଡୁ, ଅଗ୍ନିଶମ ବିଭାଗର ଭାପୁର ଇନ୍‌ଚାର୍ଜ ନୀଳକଣ୍ଠ ମହାନ୍ତି, ବିଦ୍ୟୁତ୍ ବିଭାଗ ଯନ୍ତ୍ରୀ, ବନ ବିଭାଗ ଓ ଅନ୍ୟ ବିଭାଗର ମୁଖ୍ୟମାନେ ଉପସ୍ଥିତ ଥିଲେ। ଆଲୋଚନା ସମୟରେ ପ୍ରମୁଖ ସମସ୍ୟା ଅର୍ଥ ହୋଇଥିବାବେଳେ ଏହା ପ୍ରତିବନ୍ଧକ ହେବ ନାହିଁ ବୋଲି ବିଧାୟକ କହିଥିଲେ। ସମସ୍ତ ବିଭାଗୀୟ ଅଧିକାରୀମାନେ ସହଯୋଗର ହାତ ବଢ଼ାଇବାକୁ ପ୍ରତିଶ୍ରୁତି ଦେଇଥିଲେ।

## ବିଦ୍ୟୁତ୍ ଆଘାତରେ ଜଣେ ମୃତ

ନୟାଗଡ଼,୨୧।୬(ସମିସ): ନୟାଗଡ଼ ଜିଲ୍ଲା ଇଟାମାଟି ଥାନା ଅନ୍ତର୍ଗତ ଲାଠିପଡ଼ା ନିକଟସ୍ଥ ସାମନ୍ତରାପୁର ଗ୍ରାମରେ ଶନିବାର ବିଦ୍ୟୁତ୍ ଆଘାତରେ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ନୟାଗଡ଼ ସଦର ଥାନା ଅନ୍ତର୍ଗତ ଖଣ୍ଡୁଗାଁ ଗ୍ରାମର ଆରତ ଦାଶଙ୍କ ପୁଅ ରଞ୍ଜନ ଦାଶ। ସେ ଜଣେ ବ୍ୟକ୍ତିଙ୍କ ୱେୟାରିଂ କାମ କରିବାକୁ ସାମନ୍ତରାପୁର ଗ୍ରାମକୁ ଯାଇଥିଲେ। ସେଠାରେ ବିଦ୍ୟୁତ୍ ଆଘାତ ଲାଗିବା ପରେ ସେ ଅଚେତ୍ ହୋଇପଡ଼ିଥିଲେ। ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଇଟାମାଟି ଥାନା ପୁଲିସ ଅଭିଯୋଗ ପାଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରାଇଛି।

## ୨ ବାଇକ୍ ଚୋର ଗିରଫ

ଓଡ଼ଗାଁ,୨୧।୬(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଥାନା ନନ୍ଦିଘୋର ଗାଁରୁ ବାଇକ୍ ଚୋରି ଘଟଣାରେ ୨ ଜଣ ଯୁବକଙ୍କୁ ଓଡ଼ଗାଁ ପୁଲିସ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଜାମିନ ଖାରଜ ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସେମାନେ ହେଲେ ନନ୍ଦିଘୋର ଗ୍ରାମର ଶୁଭମ୍ ରାଉତ ଏବଂ ଟୁନା ମହାରଣା। ପୁଲିସ ଏମାନଙ୍କଠାରୁ ଚୋରି ବାଇକ୍ ଜବତ କରିବା ସହିତ ସେମାନେ ବ୍ୟବହାର କରୁଥିବା ବୁଲେଟ୍‌କୁ ଜବତ କରିଛି। ଏହା ସହିତ ଆଇଫୋନ୍, ଅନ୍ୟ ଦୁଇଟି ସ୍ମାର୍ଟ ଫୋନ୍ ଜବତ କରିଛନ୍ତି। ଗତ ୧୪ ତାରିଖ ରାତିରେ ଅଭିମନ୍ୟୁ ରାଉତଙ୍କ ବାରଣ୍ଡାରୁ ଏକ ବାଇକ୍‌ଟି ଚୋରି ହେଇଥିବା ନେଇ ୧୯ ତାରିଖରେ ଓଡ଼ଗାଁ ଥାନାରେ ଅଭିଯୋଗ ହୋଇଥିଲା। ଓଡ଼ଗାଁ ପୁଲିସ ଚୋରି ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରି ବିଭିନ୍ନ ଥାନାକୁ ଖବର କରିଥିଲେ। ୨୦ ତାରିଖରେ ଖଣ୍ଡଗିରି ପୁଲିସ ବାଇକ୍ ସହିତ ଅଭିଯୁକ୍ତଙ୍କୁ ନିଜ ହେପାଜତକୁ ନେଇଥିଲେ। ଖବରପାଇ ଓଡ଼ଗାଁ ଥାନା ସବ୍ ଇନ୍ସପେକ୍ଟର ଚକ୍ରଧର ସିଂ ଭୁବନେଶ୍ୱର ଖଣ୍ଡଗିରି ଥାନାରେ ପହଞ୍ଚିବା ପରେ ଖଣ୍ଡଗିରି ପୁଲିସ ୨ ଅଭିଯୁକ୍ତଙ୍କ ସହ ବାଇକ୍‌ଗୁଡ଼ିକ ହସ୍ତାନ୍ତର କରିଥିଲେ।

## ଆଶାକର୍ମୀଙ୍କୁ ଦାଣ୍ଡ ମଝିରେ ଆକ୍ରମଣ

ଭାପୁର,୨୧।୬(ସମିସ): ନୟାଗଡ଼ ଜିଲ୍ଲା ଫତେଗଡ଼ ପଞ୍ଚାୟତ ପାର୍ବତୀପୁର ଗ୍ରାମରେ ଗ୍ରାମର ଆଶାକର୍ମୀ ଟୁନି ମହାପାତ୍ରଙ୍କୁ ସେହି ଗ୍ରାମର ଜଣେ ଯୁବକ ସୁବାସ ବେହେରା ଓ ତାଙ୍କର ଦୁଇ ସାଙ୍ଗ ମାଡ଼ମାରି ଲହୁଲୁହାଣ କରିଥିଲେ। ଗଣ୍ଡଗୋଳ ଛଡ଼ାଇବାକୁ ଯାଇ ମାୟାଧର ପ୍ରଧାନଙ୍କ ମୁଣ୍ଡରେ ପାହାର ପଡ଼ିଛି। ପ୍ରକାଶ ଯେ, ଶନିବାର ସନ୍ଧ୍ୟାରେ ଆଶାକର୍ମୀ ଟୁନି ମହାପାତ୍ର ଗ୍ରାମର ବ୍ରଜବନ୍ଧୁ ପ୍ରଧାନଙ୍କ ଘରକୁ ଆସିଥିଲେ। କାମ ସରି ଫେରିବା ସମୟରେ ସେହି ଗ୍ରାମର ସୁବାସ ବେହେରା ପୂର୍ବ ଶତ୍ରୁତାକୁ ନେଇ ଗାଁ ଦାଣ୍ଡରେ ଗଣ୍ଡଗୋଳ କରି ମାଡ଼ମାରି ଲହୁଲୁହାଣ କରିଥିଲେ। ପାଟିତୁଣ୍ଡ ଶୁଣି ବ୍ରଜବନ୍ଧୁଙ୍କ ସାନପୁଅ ମାୟାଧର ପ୍ରଧାନ ଆସି ଗଣ୍ଡଗୋଳ ଛଡ଼େଇବାକୁ ଯାଇ ଉଭୟଙ୍କୁ ଶାନ୍ତ କରାଇବା ସମୟରେ ତାଙ୍କ ମୁଣ୍ଡରେ ଆଘାତ ଲାଗିଥିଲା। ଏନେଇ ଫତେଗଡ଼ ଥାନାରେ ଆଶାକର୍ମୀଙ୍କ ଅଭିଯୋଗ ପରେ ଖଣ୍ଡପଡ଼ା ଏସ୍‌ଡିପିଓ ମଦନମୋହନ ପ୍ରଧାନ ପାର୍ବତୀପୁର ଗ୍ରାମରେ ପହଞ୍ଚି ତଦନ୍ତ କରି ଫେରିଛନ୍ତି।

● ବିଡିଓଙ୍କ ଜନବିରୋଧୀ କାର୍ଯ୍ୟ

## ଜନପ୍ରତିନିଧିଙ୍କୁ ଅଣଦେଖା ପ୍ରତିବାଦରେ ସୋମବାରଠୁ ଧାରଣା

ଭାପୁର,୨୧।୬(ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ୍ ବିଡିଓଙ୍କ ଦୁର୍ନୀତିଖୋର୍ ମନୋବୃତ୍ତି ସହ ଜନବିରୋଧୀ କାର୍ଯ୍ୟ ଓ ନିର୍ବାଚିତ ଜନପ୍ରତିନିଧିମାନଙ୍କୁ ଅଣଦେଖା ପ୍ରତିବାଦରେ ଜନପ୍ରତିନିଧିମାନେ ବ୍ଲକ୍ ଗାନ୍ଧୀ ମୂର୍ତ୍ତି ତଳେ ସୋମବାରଠାରୁ ଧାରଣାରେ ବସିବେ। ଏ ନେଇ ଜିଲ୍ଲାପାଳ, ଜିଲ୍ଲା ମୁଖ୍ୟ ପ୍ରକଳ୍ପ ନିର୍ଦ୍ଦେଶକ, ଏସ୍‌ପି, ଖଣ୍ଡପଡ଼ା ଏସ୍‌ଡିପିଓ, ଫତେଗଡ଼ ଥାନା ଅଧିକାରୀ ଓ ଭାପୁର ଫାଣ୍ଡି ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଭାପୁର ବ୍ଲକ୍‌ରେ ବିଡିଓ ଦଳୀୟଭିତ୍ତିରେ କାର୍ଯ୍ୟ କରିବା ସହ ଜନପ୍ରତିନିଧିମାନଙ୍କୁ ଅଣଦେଖା କରିବା, ଶାସକ ଦଳର ହାତବାରିଶି ସାଜି ଦୁର୍ନୀତିକୁ ନୀତି କରିଛନ୍ତି ବିଡିଓ ବୋଲି ଅନେକବାର୍ ଜିଲ୍ଲା ପ୍ରଶାସନ ନିକଟରେ ବ୍ଲକ୍ ଜନପ୍ରତିନିଧିମାନେ ଅଭିଯୋଗ କରିଛନ୍ତି। ମାତ୍ର କୌଣସି ସୁଫଳ ନ ମିଳିବାରୁ ବ୍ଲକ୍ ଅଧ୍ୟକ୍ଷାଙ୍କ ନେତୃତ୍ୱରେ ସୋମବାରଠାରୁ ଧାରଣାରେ ଜନପ୍ରତିନିଧିମାନେ ବସିବେ ବୋଲି ଉକ୍ତ ଅଧିକାରୀମାନଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ମୁଖ୍ୟତଃ ଅନ୍ତ୍ୟୋଦୟ ଗୃହ ଚୟନ ସମୟରେ ବ୍ଲକ୍ ପ୍ରଶାସନ କର୍ମଚାରୀମାନେ କରିଥିବା ହିତାଧିକାରୀ ଚୟନ କେବଳ ନାମକୁ ମାତ୍ର ଥିଲା। ଶାସକ ଦଳର ନେତାଙ୍କ ତାଲିକାରେ ହିତାଧିକାରୀ ଚୟନ ହୋଇଛି। ଯାହାକି ଅନେକ ଅଯୋଗ୍ୟ ଗୃହ ପାଇଥିବାବେଳେ ଯୋଗ୍ୟ ବାଦ୍ ପଡ଼ିଛନ୍ତି। ଏହାସହ ବ୍ଲକ୍‌ରେ ପୁନର୍ବାର ପିସି କାରବାର ବଢ଼ିବାକୁ ମଧ୍ୟ ଜନପ୍ରତିନିଧିମାନେ ବିରୋଧ କରିଛନ୍ତି। ଶାସକ ଦଳୀୟ କର୍ମୀମାନଙ୍କ ଗହଣରେ ତହସିଲ୍‌ଦାର ଓ ବିଡିଓ ପଟ୍ଟା ବଣ୍ଟନ କରିବା ସମସ୍ତ ନୀତି ନିୟମ ଉଲ୍ଲଂଘନ କରୁଥିବା ଏହି ପତ୍ରରେ ଉଲ୍ଲେଖ ରହିଛି।

ରଣପୁର ବ୍ଲକ୍‌ରେ ଭତ୍ତା ମହାଦୁର୍ନୀତି

## କେଳେଙ୍କାରୀ କରୁଛନ୍ତି ଶାସକ ଦଳ ନେତା

ନୟାଗଡ଼,୨୧।୬(ସମିସ): ନୟାଗଡ଼ ଜିଲ୍ଲାରେ ସାମାଜିକ ସୁରକ୍ଷା ବିଭାଗର ଅବହେଳା ଓ ଦାୟିତ୍ୱହୀନତା ପାଇଁ ବିଭିନ୍ନ ବ୍ଲକ୍‌ରେ ଅଯୋଗ୍ୟ ହିତାଧିକାରୀ ବାର୍ଦ୍ଧକ୍ୟ ଭତ୍ତା ପାଉଛନ୍ତି। ନକଲି ଦିବ୍ୟାଙ୍ଗଙ୍କୁ ଭତ୍ତା ସହ ସବୁ ପ୍ରକାର ସରକାରୀ ସହାୟତା ମିଳୁଛି। ନୂଆଗାଁ ବ୍ଲକ୍‌ରେ ଭତ୍ତା ମହାଦୁର୍ନୀତି ପରେ ଏବେ ରଣପୁର ବ୍ଲକ୍‌ରେ ହୋଇଥିବା ଭତ୍ତା ଦୁର୍ନୀତି ସାଂଘାତିକ ବୋଲି ଜଣାପଡ଼ିଛି। ରଣପୁର ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରେ ଶହ ଶହ ହିତାଧିକାରୀଙ୍କୁ ବୟସ ନ ହୋଇ ବାର୍ଦ୍ଧକ୍ୟ ଭତ୍ତା ପାଉଥିବା ଅଭିଯୋଗ ଆସିଥିବାବେଳେ ଏବେ ସୁସ୍ଥ ସବଳ ଲୋକ ଦିବ୍ୟାଙ୍ଗ ଭତ୍ତା ପାଉଥିବା ନେଇ ପ୍ରମାଣ ମିଳିଛି। ରଣପୁର ବ୍ଲକ୍ ବଳଭଦ୍ରପୁର ପଞ୍ଚାୟତ ହାଡୁବନ୍ଧୁ ସ୍ୱାଇଁ ନାମକ ଜଣେ ସୁସ୍ଥ ସବଳ ବ୍ୟକ୍ତି ଦିବ୍ୟାଙ୍ଗ ପ୍ରମାଣପତ୍ର ହାତେଇ ଭତ୍ତା ପାଉଥିବା ଅଭିଯୋଗ ହେଉଛି। ସେହିଭଳି କଣ୍ଡାରସିଂ ଗ୍ରାମର ଧନେଶ୍ୱର ସାହୁ ଦିବ୍ୟାଙ୍ଗ ଭତ୍ତା ପାଉଥିବାବେଳେ ସେ ଜଣେ ସୁସ୍ଥ ସବଳ ବ୍ୟକ୍ତି ବୋଲି ଭିଡିଓ ପ୍ରମାଣ ମିଳିଛି। ସମାନ ଭାବେ ଉକ୍ତ ଅଞ୍ଚଳର ଜଣେ ଶାସକ ଦଳର ଯୁବନେତା ଏହି କେଳେଙ୍କାରୀରେ ସାମିଲ୍ ଥିବା ଅଭିଯୋଗ ହୋଇଛି। ଲୋକଙ୍କଠାରୁ ମୋଟା ଅଙ୍କର ଟଙ୍କା ନେଇ ସେ ନକଲି ଦିବ୍ୟାଙ୍ଗ ପତ୍ର ଯୋଗାଡ଼ କରି ଭତ୍ତା କରାଉଥିବା ଅଭିଯୋଗ ହେଉଛି। ଏହା ସହିତ ଲୋକଙ୍କ ବୟସ ବୃଦ୍ଧି କରାଯାଇ ମଧ୍ୟ

● ନକଲି ଦିବ୍ୟାଙ୍ଗ ଓ ବୟସ କେଳେଙ୍କାରୀ

● ତଦନ୍ତ ନାଁରେ ଘଟଣା ଚାପିବାକୁ ପ୍ରୟାସ

କେଳେଙ୍କାରୀକୁ ପ୍ରୋତ୍ସାହନ ଦେଉଥିବା ଅଭିଯୋଗ ହୋଇଛି। ଉକ୍ତ ଯୁବନେତା ଜଣକ ନିଜ ମାଆଙ୍କ ବୟସ ବୃଦ୍ଧି କରି ଭତ୍ତା କରିଥିବା ନେଇ ସୋସିଆଲ ମିଡିଆରେ ଏକ ଭିଡିଓ ଭାଇରାଲ ହୋଇଛି। ବଳଭଦ୍ରପୁର ପଞ୍ଚାୟତ ବିଳାସ ପ୍ରଧାନଙ୍କ ବୟସ ବୃଦ୍ଧି କରାଯାଇଥିବା ଅଭିଯୋଗ ହୋଇଛି। କେବଳ ବିଳାସ ନୁହନ୍ତି ପୂର୍ବରୁ ଅନେକ ଲୋକଙ୍କ ବୟସ ବୃଦ୍ଧି ନେଇ ଅଭିଯୋଗ ହୋଇଥିଲା। ବଳଭଦ୍ରପୁର ପଞ୍ଚାୟତର ଶତାଧିକ ଲୋକଙ୍କ ବୟସ ବୃଦ୍ଧି କରାଯାଇ କେଳେଙ୍କାରୀ ହୋଇଥିବା ନେଇ ବିଗତ ଦିନରେ 'ସକାଳ'ରେ ଖବର ପ୍ରକାଶ ପାଇଥିଲା। ଏହାକୁ ନେଇ ରଣପୁର ବିଡିଓ ମନୋଜ କୁମାର ନାୟକ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଥିଲେ। ଏହା ମଧ୍ୟରେ ସପ୍ତାହେ ବିତି ସାରିଥିବାବେଳେ କୌଣସି ପଦକ୍ଷେପ ଗ୍ରହଣ ହୋଇ ନ ଥିବା ଜଣାପଡ଼ିଛି। ଉକ୍ତ ପଞ୍ଚାୟତ ବାସୁଦିଆ ଗ୍ରାମର ତ୍ରିନାଥ ବାରିକ, ସୁକ ବେହେରା, ବସନ୍ତ ଜେନା, ରବୀନ୍ଦ୍ର ବରାଡ଼, ସଦାଶିବ ଦଳେଇ, ଦୀନବନ୍ଧୁ ସେଠୀ, ଉମାକାନ୍ତ ସେଠୀ, ନିବେଶ ସେଠୀ, କୁନ୍ତଳା ଦଳେଇ, ପାଣ୍ଡୁ ପରିଡ଼ା, ହରି ପରିଡ଼ାଙ୍କ ବୟସ ବୃଦ୍ଧି କରାଯାଇଛି। ୨୦୨୨ ମସିହା ଭୋଟର ତାଲିକା ଏବଂ ୨୦୨୪ ମସିହା ଭୋଟର ତାଲିକାକୁ ଅନୁଧ୍ୟାନ କଲେ ଏଭଳି ସାଂଘାତିକ ଚିତ୍ର ସାମ୍ନାକୁ ଆସିଛି। ଏମାନଙ୍କ ମଧ୍ୟରୁ ୬୦ ବର୍ଷରୁ କମ୍ ବ୍ୟକ୍ତିଙ୍କ ବୟସ ବୃଦ୍ଧି କରି ସାମାଜିକ ସୁରକ୍ଷା ଯୋଜନାରେ ସାମିଲ୍ କରାଯାଇଥିବା ବେଳେ ୮୦ ବର୍ଷରୁ କମ୍ ବୟସ୍କଙ୍କୁ ୮୦ ବର୍ଷରୁ ଊର୍ଦ୍ଧ୍ୱ କରାଯାଇଛି। ଏସବୁ କାରନାମା ପଛରେ ସ୍ଥାନୀୟ ଅଞ୍ଚଳର ଜଣେ ଶାସକ ଦଳର ଯୁବନେତାଙ୍କ ପ୍ରଚ୍ଛନ୍ନ ହାତ ରହିଥିବା ନେଇ ଜୋର୍‌ଦାର୍ ଆଲୋଚନା ହେଉଛି।

# ଏନ୍‌ଏସି ଉଚ୍ଚ ବିଦ୍ୟାଳୟ; ବିଗୁଡୁଛି ଶିକ୍ଷା ବ୍ୟବସ୍ଥା

ନୟାଗଡ଼,୨୧।୬(ସମିସ)



ନୟାଗଡ଼ ସହରରେ ରହିଥିବା ଏନ୍‌ଏସି ଉଚ୍ଚ ବିଦ୍ୟାଳୟର ଅନେକ ସୁନାମ ରହିଥିଲା। ଏହି ସୁନାମ ଏବେ ଦୁର୍ନାମ ଆଡ଼କୁ ଗତି କଲାଣି। ବିଦ୍ୟାଳୟର କିଛି ଶିକ୍ଷକଙ୍କ ପାଇଁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଅଭିଯୋଗ ହୋଇଛି। ନୟାଗଡ଼ ଏନ୍‌ଏସି ଉଚ୍ଚ ବିଦ୍ୟାଳୟରେ ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପାଠପଢ଼ା ପାଇଁ ବ୍ୟବସ୍ଥା ରହିଛି। ଏହି ବିଦ୍ୟାଳୟରେ ୪୫୯ ଜଣ ଛାତ୍ରଛାତ୍ରୀ ପାଠ ପଢୁଥିବାବେଳେ ୧୫ ଜଣ ଶିକ୍ଷକ ଏଠାରେ କାର୍ଯ୍ୟରତ ଅଛନ୍ତି। ସେମାନଙ୍କ ମଧ୍ୟରୁ କିଛି ନିୟମିତ ଶିକ୍ଷକ ରହିଥିବାବେଳେ କିଛି ଶିକ୍ଷକ ଅନ୍ୟ ବିଦ୍ୟାଳୟରୁ ଡେପୁଟେସନରେ ଆସିଛନ୍ତି। ୨ ଜଣ ଭୋକେସନାଲ୍ ଶିକ୍ଷକ ମଧ୍ୟ କାର୍ଯ୍ୟ କରୁଛନ୍ତି। ବିଦ୍ୟାଳୟରେ କାର୍ଯ୍ୟ କରୁଥିବା ଶିକ୍ଷକଙ୍କ ମଧ୍ୟରୁ କିଛି ଶିକ୍ଷକଙ୍କ ପାଇଁ ବିଦ୍ୟାଳୟରେ ଏବେ ପାଠପଢ଼ା ଅବ୍ୟବସ୍ଥାରେ ଚାଲିଥିବା ଅଭିଭାବକ ମହଲରୁ ଅଭିଯୋଗ ହେଉଛି। ଏହି ଶିକ୍ଷକମାନେ ବିଦ୍ୟାଳୟକୁ ଆସି ରେଜିଷ୍ଟରରେ ଦସ୍ତଖତ କରି ବିଭିନ୍ନ ଚା' ଖଟିରେ ରାଜନୀତି କରୁଥିବା ଦେଖିବାକୁ ମିଳିଛି। ଶନିବାର ସକାଳୁଆ ସ୍କୁଲ ରହିଥିବାରୁ ବିଦ୍ୟାଳୟକୁ ସମୟ ଅନୁସାରେ ସମସ୍ତ ଶିକ୍ଷକ ଆସିଥିଲେ। ଦୁଇ ଜଣ ଶିକ୍ଷକ ବିଦ୍ୟାଳୟକୁ ଆସି ରେଜିଷ୍ଟରରେ ଦସ୍ତଖତ କରି ସିଧା ନିକଟରେ ଥିବା ଏକ ଚା' ଦୋକାନକୁ

ବିଦ୍ୟାଳୟ ଛାଡ଼ି ଚା' ଖଟିରେ ଶିକ୍ଷକଙ୍କ ରାଜନୀତି

ଦୀପ ତଳ ଅନ୍ଧାର; ଦୃଷ୍ଟି ଦେଉନି ପ୍ରଶାସନ

କମୁଛି ବିଦ୍ୟାଳୟର ସୁନାମ; ବଢୁଛି ଦୁର୍ନାମ

ଯାଇଥିଲେ। ଚା' ଖଟିରେ ଦୁଇ ଶିକ୍ଷକ ୨ ଘଣ୍ଟା କାଳ ଗପ ମାରିଥିବା ଦେଖିବାକୁ ମିଳିଛି। ଏହାର ଭିଡିଓ ଏବଂ ଫଟୋ ପ୍ରମାଣ ରହିଛି। ଉକ୍ତ ବିଦ୍ୟାଳୟର ୩ ଜଣ ଶିକ୍ଷକ ବିଦ୍ୟାଳୟରେ ପାଠପଢ଼ାରେ ଅବହେଳା କରୁଥିବା, ବିଦ୍ୟାଳୟର ଦୈନନ୍ଦିନ କାର୍ଯ୍ୟକୁ ଅଣଦେଖା କରୁଥିବା ଏବଂ ନିୟମ ବହିର୍ଭୁତ କାର୍ଯ୍ୟ କରୁଥିବା ଅଭିଯୋଗ ହୋଇଛି। ନୟାଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ରହିଥିବା ଏହି ବିଦ୍ୟାଳୟରେ ଚାଲିଥିବା ଅବ୍ୟବସ୍ଥା ପ୍ରତି ଜିଲ୍ଲା ପ୍ରଶାସନ କି ଶିକ୍ଷା ବିଭାଗ ଆଦୌ ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହେଉଛି। ଜିଲ୍ଲା ଶିକ୍ଷା ଅଧିକାରୀ ଖୋଦ୍ ସଦର ମହକୁମାରେ ଅବସ୍ଥିତ ଏହି ବିଦ୍ୟାଳୟ ପ୍ରତି ଆଖିବୁଜି ଦେଇଥିବାବେଳେ ଜିଲ୍ଲାରେ ଏ୧ ସଂଖ୍ୟା ବୃଦ୍ଧିକୁ ନେଇ ସ୍ୱପ୍ନ ଦେଖୁଛନ୍ତି। ଯେଉଁଠି ଶିକ୍ଷକମାନେ ଶିକ୍ଷାଦାନକୁ ପଛକରି ରାଜନୀତିକୁ ଆପଣାଉଛନ୍ତି, ସେଠି କିଭଳି ଶିକ୍ଷାର ମୂଲ୍ୟବୃଦ୍ଧି ଘଟିବ ବୋଲି ପ୍ରଶ୍ନ ଉଠିଛି। ଜିଲ୍ଲା ଶିକ୍ଷା ଅଧିକାରୀ ଏହି ଘଟଣାର ଅନୁସନ୍ଧାନ କଲେ ବିଦ୍ୟାଳୟରେ ଚାଲିଥିବା ଶୀତଳଯୁଦ୍ଧ ଏବଂ ଶିକ୍ଷା ଅବ୍ୟବସ୍ଥା ସାମ୍ନାକୁ ଆସିପାରିବ ବୋଲି ମତ ପ୍ରକାଶ ପାଉଛି।

## ବିଭିନ୍ନ ସ୍ଥାନରେ ଅନ୍ତର୍ଜାତୀୟ ଯୋଗ ଦିବସ

# 'ନିରାମୟ ଜୀବନ ପାଇଁ ଯୋଗ ଏକମାତ୍ର ମୂଳମନ୍ତ୍ର'



ଖୋର୍ଦ୍ଧା,୨୧।୬(ସମିସ): ୧୭ ସ୍ଥାନୀୟ ହାବେଳୀ ପଡ଼ିଆଠାରେ ଅନ୍ତର୍ଜାତୀୟ ଯୋଗ ଦିବସ ତଥା ଯୁବା ଦିବସ ଜିଲ୍ଲା ପ୍ରଶାସନ, ଅବକାରୀ ଓ କ୍ରୀଡ଼ା ବିଭାଗ ମିଳିତ ଆନୁକୁଲ୍ୟରେ ପାଳିତ ହୋଇଯାଇଛି। ଜିଲ୍ଲାପାଳ ଚଞ୍ଚଳ ରାଣାଙ୍କ ଅଧ୍ୟକ୍ଷତାରେ ବିଧାୟକ ପ୍ରଶାନ୍ତ କୁମାର ଜଗଦ୍ଦେବ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯୋଗାଭ୍ୟାସ କଲେ ଶାରୀରିକ, ବୌଦ୍ଧିକ, ଆଧ୍ୟାତ୍ମିକ ବିକାଶର ସମ୍ଭବ ହୋଇ ପାରିବା ସହ ସମସ୍ତେ ସୁସ୍ଥ ନିରାମୟ, ନିରୋଗୀ ଜୀବନଯାପନ କରିହେବ ବୋଲି ମତ ରଖିଥିଲେ। ଜିଲ୍ଲାପାଳ ଶ୍ରୀ ରାଣା କହିଲେ ଯେ ଯୋଗ ପ୍ରତ୍ୟେକ ବ୍ୟକ୍ତିର ଦୈନନ୍ଦିନ ଜୀବନରେ ଏକ ଅଂଶ ହେବା ଦରକାର। ନିରାମୟ ଜୀବନ ପାଇଁ ଯୋଗ ହେଉଛି ଏକମାତ୍ର ମୂଳମନ୍ତ୍ର। ଯୋଗାଭ୍ୟାସ ଦ୍ୱାରା ଶରୀର ବିଶୁଦ୍ଧୀକରଣ ହୋଇ ରୋଗମୁକ୍ତ ହୋଇଥାଏ ବୋଲି କହିଥିଲେ। ଯୋଗ ଦିବସରେ ଏସ୍‌ପି ସାଗରିକା ନାଥ, ଖୋର୍ଦ୍ଧା ବନଖଣ୍ଡ ଅଧିକାରୀ ଲାଡେ ଗଜାନନ ଦୟାନନ୍ଦ, ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରା, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ସାହୁ, ଅବକାରୀ ଅଧୀକ୍ଷକ (ଖୋର୍ଦ୍ଧା) ସୁମତି ତ୍ରିପାଠୀ, (ଭୁବନେଶ୍ୱର) ଦେବାଶିଷ ପଟେଲ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ରବି ନାରାୟଣ ସେନାପତି, ଜିଲ୍ଲା ପଞ୍ଚାୟତ ଅଧିକାରୀ ଶ୍ୟାମଳେନ୍ଦୁ ନାୟକ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଗୀତାଞ୍ଜଳି ପଣ୍ଡା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରାଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ସାମିଲ ହୋଇ ଯୋଗ କରିଥିଲେ। ପତଞ୍ଜଳି ଯୋଗ ପରିବାରର ଯୋଗଗୁରୁ ପୂର୍ଣ୍ଣଚନ୍ଦ୍ର ନାୟକ, ଯୋଗଗୁରୁ ଗୌରାଙ୍ଗ ଚନ୍ଦ୍ର ମଣ୍ଡଳ, ଯୋଗ ଗୁରୁମା' ଲଳିତା ସ୍ୱାଇଁଙ୍କ ସମେତ ସହକର୍ମୀ ବିଜୟ କୁମାର ମହାନ୍ତି, ନଗେନ ଚମ୍ପତି, ପ୍ରତାପ ସାହୁ, କବିତା ହରିଚନ୍ଦନ, ବବିତା ଚୌଧୁରୀ, ଦୁର୍ଗା ପ୍ରସାଦ ଚୌଧୁରୀ ପ୍ରମୁଖ ଯୋଗଶିକ୍ଷା ପ୍ରଦାନ କରିଥିଲେ। ଏହି ଯୋଗ ଦିବସରେ ସହରର ବହୁ ବ୍ୟକ୍ତି, ବୁଦ୍ଧିଜୀବୀ, କ୍ରୀଡ଼ାବିତ୍, ଛାତ୍ରଛାତ୍ରୀ, ବିଭିନ୍ନ କାର୍ଯ୍ୟାଳୟର ଅଧିକାରୀ ଏବଂ କର୍ମଚାରୀ ବୃନ୍ଦ, ପତଞ୍ଜଳି ପରିବାର, ଜିଲ୍ଲା ଅବକାରୀ ବିଭାଗ ଅଧିକାରୀ ଓ କର୍ମଚାରୀ ବହୁ ସଂଖ୍ୟାରେ ଯୋଗଦେଇଥିଲେ।

### ● ହଳଦୀପଦା ହାଇସ୍କୁଲ

ପଞ୍ଚାୟତ ହାଇସ୍କୁଲ ହଳଦୀପଦାଠାରେ ଆନ୍ତର୍ଜାତିକ ଯୋଗଦିବସ ପାଳିତ ହୋଇଯାଇଛି। ବିଶିଷ୍ଟ ଯୋଗଗୁରୁ ଲଳିତ କୁମାର ସ୍ୱାଇଁ ଓ ଭ୍ରମରବର ପ୍ରଧାନ ଛାତ୍ରଛାତ୍ରୀମାନଙ୍କୁ ଯୋଗ ମାଧ୍ୟମରେ ବିଭିନ୍ନ ଆସନ, ପ୍ରାଣାୟାମ, ପ୍ରୋଟୋକଲ୍ ଅନୁଯାୟୀ କରାଇବା ସହିତ ବର୍ତ୍ତମାନ ସମୟରେ ଯୋଗର ଆବଶ୍ୟକତା, ଯୋଗ କିପରି ମଣିଷ ଶରୀରକୁ ନିରୋଗ ରଖେ ସେ ସମ୍ପର୍କରେ ପରାମର୍ଶ ଦେଇଥିଲେ। ଛାତ୍ରଛାତ୍ରୀମାନଙ୍କ ସହିତ ଶିକ୍ଷକ ବାସୁଦେବ ସାହୁ, ରମେଶ ଚନ୍ଦ୍ର ସାହୁ, ପ୍ରତାପ ଚନ୍ଦ୍ର ସାହୁ, ନାରାୟଣ ସୁବୁଦ୍ଧି, ବିଜୟ ମହାପାତ୍ର, ସୀମାଞ୍ଚଳ ମହାନ୍ତି, ବଦ୍ରିନାଥ ସାହୁ ପ୍ରମୁଖ ଏଥିରେ ସାମିଲ ହୋଇଥିବାବେଳେ ପ୍ରଧାନଶିକ୍ଷକ ସୁଧାକର ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

### ● ଖୋର୍ଦ୍ଧା କୋର୍ଟ



ଖୋର୍ଦ୍ଧା କୋର୍ଟ ପରିସରରେ ତାଲୁକ ଆଇନ ସେବା କମିଟି ତରଫରୁ ଯୋଗ ଦିବସ ପାଳିତ ହୋଇଯାଇଛି। ଏଥିରେ ଦ୍ୱିତୀୟ ଅତିରିକ୍ତ ଜିଲ୍ଲା ଜଜ୍ ସୁଷମା ସ୍ୱାଇଁ, ସିଜିଏମ୍ ଶରତ ଚନ୍ଦ୍ର ଜେନା, ସିଭିଲ୍ ଜଜ୍ (ବରିଷ୍ଠ) ରାଜେଶ ରୋଷନ ନନ୍ଦ, ଜେଏମ୍‌ଏଫ୍‌ସି ମିସ୍ ଦେବସ୍ମିତା, ଦେୱାନି ଜଜ୍ (କନିଷ୍ଠ) ଶ୍ରୀପର୍ଣ୍ଣା ମହାପାତ୍ର, ଓକିଲ ସଂଘ ସଭାପତି ଜୀବନଜ୍ୟୋତି ମିଶ୍ର ଓ ଆଇନଜୀବୀ କୋର୍ଟ କର୍ମଚାରୀମାନେ ଯୋଗଦେଇଥିଲେ। ଯୋଗ ଶିକ୍ଷକ ନଗେନ୍ଦ୍ର ଚମ୍ପତି, ମଧୁଲିତା ସୁନ୍ଦରାୟ, ବନଜା ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ବସନ୍ତ ଶତପଥୀ ସଂଯୋଜନା କରିଥିଲେ।

### ● ଭାରତୀୟ ବିଦ୍ୟାନିକେତନ

ବେଗୁନିଆ ପୋଡ଼ାଡିହସ୍ଥିତ ଭାରତୀୟ ବିଦ୍ୟାନିକେତନ ପରିସରରେ ଯୋଗ ଦିବସ ପାଳିତ ହୋଇଛି। ପ୍ରଧାନଆଚାର୍ଯ୍ୟ ସୁକାନ୍ତି ନାୟକଙ୍କ ତତ୍ତ୍ୱାବଧାନରେ ଯୋଗଗୁରୁଙ୍କ ଉପସ୍ଥିତିରେ ଛାତ୍ରଛାତ୍ରୀ ଓ କର୍ମଚାରୀମାନେ ଯୋଗାଭ୍ୟାସ କରିଥିଲେ।

**ଟାଙ୍ଗୀ:** ଟାଙ୍ଗୀ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ସରପଞ୍ଚ କିଶୋର କୁମାର ବେହେରା, ଯୋଗ ପ୍ରଶିକ୍ଷକ ବିଜୟ ରାଉତ ଯୋଗ ଦେଇ ନିୟମିତ ଯୋଗାଭ୍ୟାସ କରୁଥିବା ବ୍ୟକ୍ତିର ଅଙ୍ଗପ୍ରତ୍ୟଙ୍ଗ ମଜଭୁତ ହେବା ସହ ମନ ସ୍ଥିର ଓ ଶରୀରରେ ରକ୍ତ ସଞ୍ଚାଳନ ଠିକ୍ ଭାବେ ହୋଇଥାଏ। ଏହି ଯୋଗ ଶିବିରରେ ଅଞ୍ଚଳର ବୁଦ୍ଧିଜୀବୀ, ୱାର୍ଡ ସଭ୍ୟ, ଯୁବକମାନେ ଯୋଗଦେଇଥିଲେ। ଏହି ଅବସରରେ ଯୋଗ ପ୍ରଶିକ୍ଷକ ଶ୍ରୀ ରାଉତଙ୍କୁ ସରପଞ୍ଚ ଶ୍ରୀ ବେହେରା ସମ୍ମାନିତ କରିଥିଲେ। ଆଇନଜୀବୀ ବିଶ୍ୱମ୍ବର ସୁବୁଦ୍ଧି,



ସମାଜସେବୀ ସୁନିଲ କୁମାର ମହାନ୍ତି, ରମେଶ ବେହେରା, ୱାର୍ଡ ସଭ୍ୟ ଦୁର୍ଯ୍ୟୋଧନ ସାହୁ, ପ୍ରମୋଦ ପାତ୍ର, କାମଦେବ ଜେନା, ସମର ମାଝୀ, ପବିତ୍ର ମହାପାତ୍ର, ଟୁଲିଆ ମହାରଣା, ସର୍ବେଶ୍ୱର ପ୍ରଧାନଙ୍କ ସମେତ ଶତାଧିକ ବ୍ୟକ୍ତି ଏହି ଶିବିରରେ ଯୋଗଦେଇଥିଲେ। ସେହିପରି କୁହୁଡ଼ି ଗ୍ରାମ ପଞ୍ଚାୟତରେ ପୂର୍ବତନ ସରପଞ୍ଚ ଜୟଦେବ ବେହେରାଙ୍କ ଉପସ୍ଥିତିରେ ଯୋଗ ପ୍ରଶିକ୍ଷକ ରମେଶ ନାଇଡୁ ଯୋଗଶିକ୍ଷା ପ୍ରଦାନ କରିଥିଲେ। ସୁନ୍ଦରପୁର କଲୋନୀ ପ୍ରାଥମିକ ବିଦ୍ୟାଳୟରେ ଯୋଗ ଦିବସ ପାଳିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଲଳିତ ନାରାୟଣ ମହାପାତ୍ରଙ୍କ ଉପସ୍ଥିତିରେ ଅତିଥି ଭାବେ ଜ୍ୟୋତିର୍ବିଦ୍ କିଶୋର କୁମାର ଯୋଗଦେଇଥିଲେ। ସେହିପରି କ୍ଷେତ୍ରବାସୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କୁହୁଡ଼ିଠାରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ସତ୍ୟଭାମା ବେହେରା ଏହାର ଉପକାରିତା ବର୍ଣ୍ଣନା କରିଥିଲେ। ପ୍ରାକ୍ତନ ପ୍ରଧାନଶିକ୍ଷକ ପ୍ରସନ୍ନ କୁମାର ଶ୍ରୀଚନ୍ଦନ ଯୋଗଦେଇଥିଲେ। ଏଥିରେ କ୍ରୀଡ଼ା ଶିକ୍ଷକ ସୁମନ୍ତ କୁମାର ପ୍ରଧାନ ପରିଚାଳନା କରିଥିଲେ। ପାରିଓରଡ୍ ଉଚ୍ଚବିଦ୍ୟାଳୟରେ ପ୍ରଧାନଶିକ୍ଷକ ତ୍ରିଲୋଚନ ମିଶ୍ରଙ୍କ ଅଧ୍ୟକ୍ଷତାରେ ମଧ୍ୟ ଆନ୍ତର୍ଜାତିକ ଯୋଗ ଦିବସ ପାଳିତ ହୋଇଯାଇଛି।

### ● କବି ପ୍ରସନ୍ନ ପାଟଶାଣୀ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

**ନିରାକାରପୁର:** ଖୋର୍ଦ୍ଧା ଜିଲ୍ଲା ମଳିପଡ଼ାସ୍ଥିତ କବି ପ୍ରସନ୍ନ ପାଟଶାଣୀ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅନ୍ତର୍ଜାତୀୟ ଯୋଗ ଦିବସ ଉତ୍ସାହର ସହ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାକୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ମିହିର ଚନ୍ଦ୍ର ମହାପାତ୍ର ଉଦ୍‌ଘାଟନ କରି ସୁସ୍ଥ ଶରୀର ନିମନ୍ତେ ଯୋଗର ଆବଶ୍ୟକତା ଶିକ୍ଷାର୍ଥୀମାନଙ୍କୁ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ଦେବେନ୍ଦ୍ର କୁମାର ନନ୍ଦ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ କିଶୋର ସାହୁ, ପ୍ରାଣେଶ୍ୱର ଜୟସିଂହ, ଅଶୋକ କୁମାର ମଲ୍ଲିକ, ନରୋତ୍ତମ ସାହୁ, ଜଗତ ଜ୍ୟୋତି ମିଶ୍ର, ପ୍ରିୟଙ୍କା ସ୍ୱାଇଁ, ପ୍ରିୟଦର୍ଶିନୀ ମହାନ୍ତି ଯୋଗଦେଇ ଶିକ୍ଷାର୍ଥୀମାନଙ୍କୁ ଉତ୍ସାହିତ କରିଥିଲେ।

**ବେଗୁନିଆ:** ବେଗୁନିଆ ବ୍ଲକ୍‌ର ବିଦ୍ୟାଳୟ, ମହାବିଦ୍ୟାଳୟ, ପଞ୍ଚାୟତ କାର୍ଯ୍ୟାଳୟ ଓ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ ହୋଇଛି। ଏଥିରେ ସଦର ମହକୁମାସ୍ଥିତ ବିଜୁ ପଟ୍ଟନାୟକ ଟାଉନ୍ ହଲ୍ ପରିସରରେ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପକ୍ଷରୁ ଯୋଗ ଦିବସରେ ପଞ୍ଚାୟତ ସମିତି କାର୍ଯ୍ୟାଳୟର ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧିଙ୍କ ପୌରୋହିତ୍ୟରେ ବିଡିଓ ସନ୍ତୋଷ କୁମାର ଜେନା, ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କା, ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ଭକ୍ତି ଚରଣ ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଯୋଗ ଶରୀରକୁ ସୁସ୍ଥ ରଖିବାର ଏକ ମାଧ୍ୟମ ବୋଲି ମତ ପ୍ରକାଶ କରିଥିଲେ। କଣ୍ଟାବଡ଼ ରମାମଣୀ ମହାବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣ ବନ୍ଧୁ ପଟ୍ଟନାୟକଙ୍କ ଅଧ୍ୟକ୍ଷତା ଓ ଅଧ୍ୟାପକ ଦିଲ୍ଲୀପ କୁମାର ସାଠୁଆଙ୍କ ସଂଯୋଜନାରେ ଯୋଗଗୁରୁ ପ୍ରଭାତ କୁମାର ବାହିନୀପତି ଯୋଗଶିକ୍ଷା ଦେଇଥିଲେ। କଣ୍ଟାବାଡ଼ ସରସ୍ୱତୀ ଶିଶୁ ମନ୍ଦିରର ପ୍ରଧାନଆଚାର୍ଯ୍ୟ ମନୋରଞ୍ଜନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଶିକ୍ଷା ବିକାଶ ସମିତି ପୂର୍ବ ସମ୍ଭାଗ ସଭାପତି କୁଳମଣି ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯୋଗ ଦିବସକୁ ଉଦ୍‌ଘାଟନ କରିଥିଲେ। ଗୋବିନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ପରିଛଳସ୍ଥିତ ଦୟାନନ୍ଦ ଆଦର୍ଶ ଗୁରୁକୁଳ ପରିସରରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ ହୋଇଛି। ସାରୁଅ ଗ୍ରାମସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସୁରେଖା ହୋତାଙ୍କ ଅଧ୍ୟକ୍ଷତା ଓ ରବିନ୍ଦ୍ର ନାଥ ସାହୁଙ୍କ ସଂଯୋଜନାରେ ଖେଳ ଶିକ୍ଷୟିତ୍ରୀ ଶୈଳବାଳା ସାହୁ ଯୋଗ ପ୍ରଶିକ୍ଷଣ ଦେଇଥିଲେ। ଦୁର୍ଗାପୁର ପଞ୍ଚାୟତ ଅନ୍ତର୍ଗତ ମାନଗୋବିନ୍ଦପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅକ୍ଷୟ କୁମାର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଯୋଗଗୁରୁ ପ୍ରଭାତ ସାମନ୍ତସିଂହାର ଯୋଗଶିକ୍ଷା ଦେଇଥିଲେ।

### ● ନିରାକାରପୁର ପଞ୍ଚାୟତ କାର୍ଯ୍ୟାଳୟ

**ନିରାକାରପୁର:** ଭାରତୀୟ ଯୋଗ ସଂସ୍ଥାନ ପକ୍ଷରୁ ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଯୋଗ ଗୁରୁ ଦିବାକର ସାହୁଙ୍କ ପୌରୋହିତ୍ୟରେ



ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ବିହାରୀ ସାହୁ, ଓମ୍‌ପ୍ରକାଶ ମିଶ୍ର, ସରୋଜ ପରିଡ଼ା, ଶ୍ୟାମସୁନ୍ଦର ସାହୁ, ସ୍ୱର୍ଣ୍ଣଲତା ଦଳେଇ, ମାନସ ଚନ୍ଦ୍ର ପଟ୍ଟନାୟକଙ୍କ ସମେତ ଅନ୍ୟମାନେ ସହଯୋଗ କରିଥିଲେ। ସେହିପରି ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ନିକଟସ୍ଥ ଦିବ୍ୟସିଂହପୁରରେ ଶ୍ରୀ ଦେବୈ ଶୁକ୍ଳ ଯଜୁର୍ବେଦ କାଣ୍ୱ ବେଦ ପାଠଶାଳା ଓ କନକଦୁର୍ଗା ଉଚ୍ଚ ବିଦ୍ୟାଳୟ ମିଳିତ ଉଦ୍ୟମରେ ଯୋଗ ଦିବସ ପାଳନ କରାଯାଇଛି। ଯୋଗ ଗୁରୁ (ପ୍ରାଚାର୍ଯ୍ୟ) ଡ. କୃପାସିନ୍ଧୁ ପଣ୍ଡା, ପ୍ରଧାନଶିକ୍ଷକ ଦ୍ୱିତୀକୃଷ୍ଣ ବଳିୟାରସିଂହ, ଅମର ପ୍ରଧାନ, ନୀଳକଣ୍ଠ ପଣ୍ଡା, (କ୍ରୀଡ଼ା ଶିକ୍ଷକ) ସୁକାନ୍ତ ସାହୁ, ସସ୍ମିତା ତ୍ରିପାଠୀ, କୈଳାସ ଦତ୍ତ, ରଶ୍ମିତା ମଙ୍ଗରାଜ, ବେଦବିଦ୍ୟାର୍ଥୀ ସ୍କୁଲର ସମସ୍ତ ଛାତ୍ରଛାତ୍ରୀଙ୍କ ଦ୍ୱାରା ଯୋଗାସନ, ପ୍ରାଣାୟାମ, ଧ୍ୟାନ କରାଯାଇଛି। ସେହିପରି ଓମ୍ ଶାନ୍ତି ଭବନ, ଜଙ୍କିଆ ବାବା ଘରେ ମାଇଁ ଭାରତର ମିଳିତ ଆନୁକୂଲ୍ୟରେ ଯୋଗ ଶିବିର ଉଦ୍‌ଘାଟନ ହୋଇଛି।

**ଜଟଣୀ:** ଖୋର୍ଦ୍ଧାରୋଡ୍ ମଣ୍ଡଳ ପକ୍ଷରୁ ପୂର୍ବତଟ ରେଳବାଇ ସ୍ପୋର୍ଟସ୍ ଆସୋସିଏସନ୍ ଷ୍ଟାଡିୟମ୍, ଖୋର୍ଦ୍ଧା ରୋଡ୍‌ଠାରେ ଅନ୍ତର୍ଜାତୀୟ ଯୋଗ ଦିବସ




ପାଳନ ହୋଇଯାଇଛି। ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳ ପ୍ରବନ୍ଧକ ଏଚ୍.ଏସ୍. ବାଜୱାଙ୍କ ସହିତ ପି.କେ.ବେହେରା, ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଅପରେସନ୍), ଶୁଭ୍ରା ଜ୍ୟୋତି ମଣ୍ଡଳ, ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଇନ୍‌ଫ୍ରା) ଏବଂ ଅନ୍ୟାନ୍ୟ ଶାଖା ଅଧିକାରୀ ଏବଂ କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ। ସେଞ୍ଚୁରିଆନ୍ ବିଶ୍ୱବିଦ୍ୟାଳୟର ସହାୟକ ପ୍ରଫେସର ଡ. ଜ୍ଞାନେନ୍ଦ୍ର କୁମାର ମିଶ୍ର ଏବଂ ପୁରୀର ଦିବ୍ୟ ଯୋଗ ତାଲିମ ଏବଂ ଚିକିତ୍ସା କେନ୍ଦ୍ରର ସ୍ୱାସ୍ଥ୍ୟ ଏବଂ ସୁସ୍ଥତା ପରାମର୍ଶଦାତା ମଧୁସ୍ମିତା ଦାଶ ଉପସ୍ଥିତ ରହି ଲୋକମାନଙ୍କୁ କିଛି ଯୋଗାସନ ଏବଂ ପ୍ରାଣାୟାମ ସହିତ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଯୋଗର ଗୁରୁତ୍ୱ ବୁଝାଇଥିଲେ। ଏହି ଅବସରରେ ଶ୍ରୀ ବାଜୱା ଯୋଗ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କାର ଏବଂ ଯୋଗ୍ୟତା ପ୍ରମାଣପତ୍ର ବଣ୍ଟନ କରିଥିଲେ।

ସେହିପରି ଜଟଣୀ ମହାବିଦ୍ୟାଳୟରେ ଅନ୍ତର୍ଜାତୀୟ ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଭୁବନେଶ୍ୱରସ୍ଥିତ 'ଆର୍ଟ ଅଫ୍ ଲିଭିଙ୍ଗ୍'ର ଯୋଗ ପ୍ରଶିକ୍ଷିକା ପ୍ରତିଭାରାଣୀ ପାଢ଼ୀ, ପ୍ରଶିକ୍ଷକ ପ୍ରଦୀପ କୁମାର ଶତପଥୀ ଯୋଗଦେଇ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ଏକ ସୁସ୍ଥ ଜୀବନ ପାଇଁ ଯୋଗ ଅପରିହାର୍ଯ୍ୟ ବୋଲି କହିଥିଲେ। ଏହି ଅବସରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ରାଜୀବ କୁମାର କରଙ୍କ ପୌରୋହିତ୍ୟରେ ଆୟୋଜିତ ଏକ ସଭାରେ ପ୍ରାଧ୍ୟାପକ ଅନୁପ କୁମାର ମହାନ୍ତି, ପ୍ରଶାନ୍ତ କୁମାର ପାଣିଗ୍ରାହୀ, ଅଜିତ ସୁନ୍ଦରାୟ, ଅମିତ୍ ବିକ୍ରମ ପଟ୍ଟନାୟକ ଯୋଗଦେଇ ଦୈନନ୍ଦିନ ଜୀବନରେ ଯୋଗର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମକୁ ବିଜୟ ଶଙ୍କର, ସୁଶାନ୍ତ କୁମାର ବାରିକ ସଂଯୋଜନା କରିଥିଲେ। ସ୍କାଉଟ୍ସ ଏବଂ ଗାଇଡ୍ସର ଅଧ୍ୟାପକ ଗଣେଶ୍ୱର ମଲ୍ଲିକ, ଅଧ୍ୟାପିକା ସୁପ୍ରଭା ସାହୁ ପରିଚାଳନା କରିଥିଲେ।

**ବାଲୁଗାଁ:** ଶନିବାର ବାଲୁଗାଁ ବାଣପୁର ଅଞ୍ଚଳରେ ପ୍ରଶାସନ ଓ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ବାଣପୁର ଏନ୍‌ଏସି ପକ୍ଷରୁ ନଗରପାଳ ମିଟୁ ନାୟକଙ୍କ ତତ୍ତ୍ୱାବଧାନରେ ବାଣପୁର ଐତିହାସିକ ପଲଟଣ ପଡ଼ିଆସ୍ଥିତ ସହିଦ କୃତୀବାସ ଭବନ ପରିସରରେ ଏକ ଯୋଗ ଶିବିର ଆୟୋଜିତ ହୋଇଯାଇଛି। ସେହିପରି ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ବାଲୁଗାଁ ଏନ୍‌ଏସି ଚିଲିକା ବ୍ଲକ୍ ପ୍ରଶାସନ ପକ୍ଷରୁ ବାଲୁଗାଁ ଉଚ୍ଚ ବିଦ୍ୟାଳୟସ୍ଥିତ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମ୍ ପରିସରରେ ଚିଲିକା ବିଡିଓ ପୁନମ୍ ମହାପାତ୍ର, ବାଲୁଗାଁ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରାଣନାଥ ସେଠ୍‌ଙ୍କ ତତ୍ତ୍ୱାବଧାନରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଉକ୍ତ ଶିବିରରେ ଚିଲିକା ବ୍ଲକ୍ ଅଧ୍ୟକ୍ଷା ଜ୍ୟୋତ୍ସ୍ନାରାଣୀ ବେହେରା, ବ୍ଲକ୍ ଓ ଏନ୍‌ଏସିର ନିର୍ବାଚିତ ଜନପ୍ରତିନିଧି ଓ କର୍ମଚାରୀ, ବାଲୁଗାଁ ହାଇସ୍କୁଲ ସମେତ ଅଞ୍ଚଳର ବିଭିନ୍ନ ଶିକ୍ଷାନୁଷ୍ଠାନର ଶିକ୍ଷକଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ବୁଦ୍ଧିଜୀବୀ, କ୍ରୀଡ଼ାବିତ୍, ଆଶା ଓ ଅଙ୍ଗନବାଡ଼ି କର୍ମୀମାନେ ସାମିଲ୍ ହୋଇଥିଲେ।

**ବାଣପୁର:** ବାଣପୁର ବ୍ଲକ୍ ପ୍ରଶାସନ ପକ୍ଷରୁ ଶନିବାର ଯୋଗ ଦିବସ ପାଳିତ ହୋଇଛି। ବାଣପୁର ଗୋଦାବରୀଶ ମହାବିଦ୍ୟାଳୟସ୍ଥିତ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମ୍ ପରିସରରେ ଆୟୋଜିତ ଯୋଗ ଶିବିରରେ ଚିଲିକା ବିଧାୟକ ତଥା ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସାମିଲ୍ ହୋଇ ଯୋଗାଭ୍ୟାସ



କରିଛନ୍ତି। ଏହି ଶିବିରରେ ଖୋର୍ଦ୍ଧା ଉପ ଜିଲ୍ଲାପାଳ କିଶୋର କୁମାର ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସାଫଲ୍ୟ ମଣ୍ଡିତ ପ୍ରଧାନ, ବାଣପୁର ବିଡିଓ ଶୀତଲ୍ ଅଗ୍ରୱାଲ, ତହସିଲ୍‌ଦାର ଟି.ପଦ୍ମନାଭ ଦୋରା, ବ୍ଲକ୍ ଅଧ୍ୟକ୍ଷ ଅମରେନ୍ଦ୍ର ରଣସିଂହ, ଗୋଦାବରୀଶ ମହାବିଦ୍ୟାଳୟର ଅଧ୍ୟକ୍ଷ ବିନାୟକ ହୋତାଙ୍କ ସମେତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ, ଛାତ୍ରଛାତ୍ରୀ, କ୍ରୀଡ଼ାବିତ୍, ସ୍ଥାନୀୟ ବୁଦ୍ଧିଜୀବୀ ଓ ଜନସାଧାରଣ ସାମିଲ୍ ହୋଇ ଯୋଗ ଅଭ୍ୟାସ କରିଥିବାବେଳେ ଯୋଗଗୁରୁ ସୁବ୍ରତ କୁମାର ମାନ୍ଧାତା ଯୋଗଶିକ୍ଷା ଦେଇଥିଲେ।

### ● ଟ୍ରିପଲ୍ ଏ'ରେ ଯୋଗ ଓ ସଂଗୀତ ଦିବସ

ଖୋର୍ଦ୍ଧାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଟ୍ରିପଲ୍ ଏ'ରେ ଆନ୍ତର୍ଜାତୀୟ ଯୋଗ ତଥା ସଂଗୀତ ଦିବସ ବିଦ୍ୟାଳୟର ଅଧ୍ୟକ୍ଷା ଡ. ଦୀପ୍ତିମୟୀ ମହାନ୍ତିଙ୍କ ଉପସ୍ଥିତିରେ ପାଳିତ ହୋଇଯାଇଛି। ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଚିରଞ୍ଜିତ୍ ସିଠ ଓ ଯୋଗ ଶିକ୍ଷକ ମେଜର ଶୁଶାନ୍ତ କୁମାର ମହାନ୍ତି ଏହାକୁ ସଂଯୋଜନା କରିଥିଲେ। ପ୍ରାରମ୍ଭରେ ଯୋଗ ଦିବସର ଶପଥପାଠ କରାଯାଇଥିଲା। ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଓ କର୍ମଚାରୀଗଣ ଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଦ୍ୱାଦଶ ଶ୍ରେଣୀର ଛାତ୍ର ପ୍ରଶାନ୍ତ



ପରିଚାଳନା କରିଥିବାବେଳେ ଛାତ୍ରୀ ସାହାନା ଧନ୍ୟବାଦ ଅର୍ପଣ କରିଥିଲେ। ପରେ ବିଦ୍ୟାଳୟର ସଂଗୀତ ବିଭାଗ ଦ୍ୱାରା ଅନ୍ତର୍ଜାତୀୟ ସଂଗୀତ ଦିବସ ସଂଗୀତ ପ୍ରଶିକ୍ଷକ ଜୋମେଶ ଓ ସୌଭିକଙ୍କ ଦ୍ୱାରା ସମ୍ପାଦିତ ହୋଇଥିଲା।

### ● ସିଗ୍‌ମା ପବ୍ଲିକ ସ୍କୁଲ୍

ସ୍ଥାନୀୟ ବିଡିଏ କଲୋନୀସ୍ଥିତ ସିଗ୍‌ମା ପବ୍ଲିକ୍ ସ୍କୁଲ୍‌ରେ ଯୋଗ ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଥିଲା। ସ୍କୁଲର ଅଧ୍ୟକ୍ଷା ମମତାଞ୍ଜଳି ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଶିବିରରେ ଯୋଗ ଗୁରୁ ବସନ୍ତ କୁମାର ଖୁଣ୍ଟିଆ ଏବଂ ବିରଞ୍ଚି ନାରାୟଣ ପଣ୍ଡା ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଯୋଗାସନ ଏବଂ ପ୍ରାଣାୟାମ ସମ୍ପର୍କରେ ଶିକ୍ଷା ପ୍ରଦାନ କରିଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟ ଛାତ୍ରଛାତ୍ରୀମାନଙ୍କୁ ଯୋଗର ଉପକାରିତା ସମ୍ପର୍କରେ କହିଥିଲେ। ଅନୁଷ୍ଠାନର ଉପାଧ୍ୟକ୍ଷ ତୁଷାର ରଞ୍ଜନ ମହାନ୍ତି, ଶିକ୍ଷକ ଦୀପ୍ତିରଞ୍ଜନ ରଣା, ଶିକ୍ଷୟିତ୍ରୀ ପ୍ରିୟଦର୍ଶିନୀ ଦାସ ପ୍ରମୁଖ ଏହି ଶିବିରକୁ ପରିଚାଳନା କରିଥିଲେ।



---

## ଅଜଣା ଗାଡ଼ି ଧକ୍କାରେ ଯୁବକ ମୃତ

ବେଗୁନିଆ,୨୧।୬(ସମିସ): ବେଗୁନିଆ ବ୍ଲକ୍ ଦୁର୍ଗାପୁର ପଞ୍ଚାୟତ କରଡ଼ଗାଡ଼ିଆ ଗ୍ରାମରେ ଶନିବାର ବିଳମ୍ବିତ ସନ୍ଧ୍ୟାରେ ଏକ ଅଜଣା ବାଇକ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ଖୋର୍ଦ୍ଧା ସଦର ଥାନା ଅଧିକାରୀ କାହ୍ନୁ ଚରଣ ସ୍ୱାଇଁଙ୍କ ସୂଚନା ଅନୁଯାୟୀ, ଗଞ୍ଜାମ ଜିଲ୍ଲା ନିମଖଣ୍ଡି ଥାନା ଜଗଦଲପୁର ଗ୍ରାମର ଡି. ଜୁଗୁନି(୨୪) ବାଇକ୍‌ରେ ଅସରଳା ଗ୍ରାମକୁ ଫେରୁଥିଲେ। କରଡ଼ଗାଡ଼ିଆଠାରେ ଅଜଣା ଗାଡ଼ି ଧକ୍କା ଦେଇ ଘଟଣାସ୍ଥଳରୁ ଫେରାର୍ ହୋଇ ଯାଇଥିଲା। ଏଥିରେ ସ୍ଥାନୀୟ ଗ୍ରାମବାସୀ ୧୦୮ ଆମ୍ବୁଲାନ୍ସ ଯୋଗେ ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରାଯାଇ ପରିବାର ସଦସ୍ୟଙ୍କୁ ହସ୍ତାନ୍ତର କରିଛି।

## ବୁଢ଼ାପଡ଼ା ସୋମନାଥ ମନ୍ଦିରରୁ ଲୁଟ୍ ଘଟଣା; ୩ ଗିରଫ

ଜଟଣୀ,୨୧।୬(ସମିସ): ଜଟଣୀ ଥାନା ଅନ୍ତର୍ଗତ ବୁଢ଼ାପଡ଼ାସ୍ଥିତ ଶ୍ରୀଶ୍ରୀସୋମନାଥ ମନ୍ଦିରର ହୁଣ୍ଡି ଭାଙ୍ଗି ଟଙ୍କା ଲୁଟ୍ ଘଟଣାରେ ପୁଲିସ ୩ ଲୁଟେରାଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଜଟଣୀ ବୁଢ଼ାପଡ଼ା ଗାଁର ବିଭୂତି ଭୂଷଣ ପଣ୍ଡା ଓରଫ ବିଗା (୩୫), ପେସାଦାର ଲୁଟେରା ବୃନ୍ଦାବନ ସାହୁ ଓରଫ ଚିକୁ (୨୬) ଓ ସୁରେଶ ବେହେରା ଓରଫ ଚନ୍ଦା (୨୯)। ସେମାନଙ୍କ ନିକଟରୁ ପୁଲିସ ନଗଦ ୫୧୭୦ ଟଙ୍କା ଜବତ କରିଛି ପୁଲିସ। ସୂଚନାଯୋଗ୍ୟ ଯେ, ଗତ ୧୬ ତାରିଖ ସକାଳୁ ମନ୍ଦିର ମୁଖ୍ୟ ଦ୍ୱାର ତାଲା ଭଙ୍ଗାଯାଇ ମନ୍ଦିର ହୁଣ୍ଡି ଭାଙ୍ଗି ଟଙ୍କା ଲୁଟ୍ ହୋଇଥିବା ଜାଣିବାକୁ ପାଇଥିଲେ। ଗ୍ରାମବାସୀମାନେ ଜାଣିବା ପରେ ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ୍ ଆରମ୍ଭ କରିଥିଲା। ଏ ନେଇ



ଅଭିଯୋଗକାରୀ ସୁଧାଂଶୁ ଶେଖର ପଣ୍ଡା ଥାନାରେ ଅଭିଯୋଗ କରିବା ପରେ ପୁଲିସ ତଦନ୍ତ ଆରମ୍ଭ କରିଥିଲା। ବିଭିନ୍ନ ସ୍ଥାନରେ ଲାଗିଥିବା ସିସିଟିଭି କ୍ୟାମେରା ଯାଞ୍ଚ କରିଥିଲା ପୁଲିସ। ଶନିବାର ବିଶେଷସୂତ୍ରରୁ ଖବର ପାଇ ପୁଲିସ ବୁଢ଼ାପଡ଼ା ଛକରେ ଚଢ଼ଉ କରି ୩ ଜଣଙ୍କୁ କାବୁ କରିଥିଲା। ଯାଞ୍ଚବେଳେ ନଗଦ ଟଙ୍କା ଜବତ କରିବା ସହ ଲୁଟ୍‌କୁ ନେଇ ଅଧିକ ପଚରାଉଚରା କରିଥିଲା ପୁଲିସ। ସିସିଟିଭି କ୍ୟାମେରାରୁ ବର୍ତ୍ତିବା ପାଇଁ ଅଭିଯୁକ୍ତମାନେ ଏକ ଲୁହା ରଡ୍ ଓ କମ୍ବଳ ବ୍ୟବହାର କରିଥିଲେ। ଏ ନେଇ ଥାନାରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି ପୁଲିସ। ତେବେ ଅଭିଯୁକ୍ତ ବୃନ୍ଦାବନ ନାଁରେ ପୂର୍ବରୁ ଜଟଣୀ ଥାନାରେ ୪ଟି ଅପରାଧିକ ମାମଲା ରହିଥିବାବେଳେ ଅଭିଯୁକ୍ତ ସୁରେଶ ନାଁରେ ଗୋଟିଏ ମାମଲା ରହିଥିବା ଜଣାପଡ଼ିଛି।

## ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ଶିବିର


ବେଗୁନିଆ,୨୧।୬(ସମିସ): ବେଗୁନିଆ ବ୍ଲକ୍ ପୋଡ଼ାଡିହ ଓ ସାରୁଅ ପଞ୍ଚାୟତର ବାତ୍ୟା ଆଶ୍ରୟସ୍ଥଳ ପରିସରରେ ଜିଲ୍ଲା ପ୍ରାକୃତିକ ବିପର୍ଯ୍ୟୟ ବିଭାଗ ପକ୍ଷରୁ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ସରପଞ୍ଚ ଲତା ସେଠୀ ଓ ରଞ୍ଜିତା ମହାଭୋଇ, ବିଡିଓ ସନ୍ତୋଷ ଜେନା, ତହସିଲ୍‌ଦାର ତାପସ ବିଶି, ଅଗ୍ନିଶମ ବିଭାଗ ଅଧିକାରୀ ରୁଦ୍ର ମାଧବ ମଲ୍ଲିକ ଓ ବାଘମାରୀ ସେକ୍ସନର ବିଦ୍ୟୁତ୍ ବିଭାଗର ଯନ୍ତ୍ରୀ ପ୍ରମୁଖ ଅଗ୍ନି, ବନ୍ୟା ଓ ବାତ୍ୟା ସମୟରେ ଜନସାଧାରଣଙ୍କ କିଭଳି ଧନଜୀବନକୁ ଉପଯୁକ୍ତ ପଦକ୍ଷେପ ନେଇ ରକ୍ଷା କରିପାରିବେ ବୋଲି ସଚେତନତା ସୃଷ୍ଟି କରିଥିଲେ। ପରେ ଅଗ୍ନିଶମ ବିଭାଗ କର୍ମଚାରୀ ବିଭିନ୍ନ ପ୍ରକାର କୌଶଳକୁ ପ୍ରଦର୍ଶନ କରିଥିଲେ।

### ଗୋଚର ଜମିର କିସମ ପରିବର୍ତ୍ତନ ପାଇଁ ପ୍ରଶାସନ ତତ୍ପର

## ଅବଧି ସରିବାର ୩ ଦିନ ପରେ ପହଞ୍ଚିଛି ନୋଟିସ୍

ଖୋର୍ଦ୍ଧା/ନିରାକାରପୁର,୨୧।୬(ସମିସ): ଟାଙ୍ଗୀ ତହସିଲ୍ ଅଧୀନ ମୁଣ୍ଡାଆମ୍ବ ନିକଟସ୍ଥ ଓଳସିଂହ ପଞ୍ଚାୟତ ଡମଣଭୂମି-ଖଜୁରିଆ ମୌଜାରେ ଇଡ୍‌କୋ ଦ୍ୱାରା ପ୍ରଦତ୍ତ ଜମିରେ ଭାରତୀୟ ଗ୍ରୁପ୍, ରିଲାଏନ୍ସ କଞ୍ଜୁମର ପ୍ରଡକ୍ଟ ଲିମିଟେଡ୍ ଓ ଭୁବନେଶ୍ୱରୀ ଫୁଡ୍ ଏଣ୍ଡ ଭେବେରେଜ୍ ପ୍ରାଇଭେଟ୍ ଲିମିଟେଡ୍‌ର କମ୍ପାନୀ ନିର୍ମାଣ କରାଯାଉଛି। ମୁଖ୍ୟମନ୍ତ୍ରୀ ସଡ଼କ ଜାଗା କମ୍ପାନୀ ମଧ୍ୟରେ ଲୀନ ହେଉଥିବା ଦର୍ଶାଇ ଉତ୍ତେଜନା ପରିସ୍ଥିତି ଲାଗିରହିଛି। ଏହି ସମୟରେ ଟାଙ୍ଗୀ ତହସିଲ୍ ତରଫରୁ ସର୍ବସାଧାରଣଙ୍କ ନିମନ୍ତେ ହୋଇଥିବା ନୋଟିସକୁ ନେଇ ଉଠିଲାଣି ପ୍ରଶ୍ନ। ଗତ ୨ ତାରିଖରେ ହୋଇଥିବା ନୋଟିସ୍ ଅବଧି ଶେଷର ୩ ଦିନରେ ସରପଞ୍ଚଙ୍କୁ ପ୍ରଦାନ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନାରୁ ପ୍ରକାଶ, ଖଜୁରିଆ ମୌଜାର କିଛି ଗୋଚର ଜମିକୁ କିସମ ପରିବର୍ତ୍ତନ କରାଯାଇ ଇଡ୍‌କୋ ନାମରେ ପଟ୍ଟା କରାଯିବା ପାଇଁ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ନୋଟିସ୍ କରାଯାଇଛି। ଅଣସଂରକ୍ଷିତ ମାମଲା ସଂଖ୍ୟା-୪/୨୫ ଖଜୁରିଆ ମୌଜାର ତଫସିଲ୍ ବର୍ଣ୍ଣିତ ସରକାରୀ ଜମି ଖାତା ନଂ-୨୧୦ର ପ୍ଲଟ୍ ନଂ -୪୫୨ର ୧ ଏକର ୭୦ ଡିସିମିଲ, ପ୍ଲଟ୍ ନଂ-୪୫୩ର ୨ଏକର ୮୦୦ ଡିସିମିଲ ଓ ପ୍ଲଟ୍ ନଂ-୪୫୬ର ୯୩୦ ଡିସିମିଲକୁ କିସମ ପରିବର୍ତ୍ତନ କରାଯାଇ ଇଡ୍‌କୋ ନାମରେ ପଟ୍ଟା କରାଯିବା ପାଇଁ ପ୍ରଶାସନ ପକ୍ଷରୁ ପ୍ରସ୍ତାବ ନିଆଯାଇଛି। ତେଣୁ ଏହି ସର୍ବସାଧାରଣ ନୋଟିସ ଜରିଆରେ ଇସ୍ତାହାର ଜାରି ହେବାର ୧୫ ଦିନ ମଧ୍ୟରେ ସ୍ୱାକ୍ଷରକାରୀମାନେ ତହସିଲ୍‌ଦାରଙ୍କ ନିକଟରେ ହଜାର ହୋଇ ଲିଖିତ ଆକାରରେ ଅଭିଯୋଗ କରିପାରିବେ ବୋଲି ଦର୍ଶାଯାଇଛି। ମିଆଦ ଗଲା ପରେ କୌଣସି ଅଭିଯୋଗ ଗ୍ରହଣ କରାଯିବ ନାହିଁ ବୋଲି ନୋଟିସରେ ନିର୍ଦ୍ଦେଶ ରହିଛି। ମାତ୍ର ଏ ନୋଟିସ୍ ଦିଆଯାଇଥିବା ଅବଧିର ୩ ଦିନ ପରେ ସ୍ଥାନୀୟ ସରପଞ୍ଚଙ୍କୁ ନୋଟିସ ମିଳିଛି। ଅର୍ଥାତ୍ ନୋଟିସ୍ ଜୁନ୍ ୨ରେ ଜାରି ହୋଇଥିବାବେଳେ ଜୁନ୍ ୨୦ ତାରିଖ ଅପରାହ୍ଣ ୫ଟାରେ ସରପଞ୍ଚଙ୍କୁ ଦିଆଯାଇଛି। ୧୯ ଦିନ ଅତିକ୍ରମ କରିବା ପରେ ନୋଟିସ ମିଳିଥିବାବେଳେ ନୋଟିସରେ ଅଭିଯୋଗ ଗ୍ରହଣ କରିବାର ଅବଧି ଅଛି ୧୫ ଦିନ। ଏ ସମ୍ପର୍କରେ ସରପଞ୍ଚଙ୍କ ତରଫରୁ ତହସିଲ୍‌ଦାରଙ୍କୁ ପଚରାଯିବାରୁ ଏହି ନୋଟିସ ବହୁ ପୂର୍ବରୁ ପଠାଇଛି, ଯଦି ବିଳମ୍ବ ହୋଇଛି କ'ଣ ଅଭିଯୋଗ ଅଛି ଆସି ଜଣାଅ ବୋଲି କହିବା ସହିତ ଯଦି ପଞ୍ଚାୟତରେ ଅଧିକ ଗୋଚର ଜମି ଥିବ ତେବେ ଇଡ୍‌କୋକୁ



ହସ୍ତାନ୍ତର କରାଯିବ ବୋଲି ଜଣାଇଥିବା ସରପଞ୍ଚଙ୍କ ସୂତ୍ରରୁ ଜଣାପଡ଼ିଛି। ଅନ୍ୟପକ୍ଷରେ ପ୍ରଶାସନ ପକ୍ଷରୁ ବିଳମ୍ବରେ ନୋଟିସ୍ ଦେଇ ଲୋକଙ୍କୁ ମାନସିକଭାବେ ନିର୍ଯାତନା ଦିଆଯାଉଥିବା ଅଭିଯୋଗ ହେଉଛି।

ପ୍ରକାଶ ଥାଉକି, ମୁଣ୍ଡାଆମ୍ବ ନିକଟସ୍ଥ ଓଳସିଂହ ପଞ୍ଚାୟତ ଡମଣଭୂମି-ଖଜୁରିଆ ମୌଜାରେ ଇଡ୍‌କୋ ଦ୍ୱାରା ପ୍ରଦତ୍ତ ଜମିରେ କେତେକ ଶିଳ୍ପ କରାଯିବା ଲାଗି ଗତ କିଛିଦିନ ତଳେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। କମ୍ପାନୀର କାର୍ଯ୍ୟ ଆରମ୍ଭବେଳେ ଶତାଧିକ ଲୋକ ସ୍ଥାନୀୟ ସରପଞ୍ଚଙ୍କ ନେତୃତ୍ୱରେ ଆସି କାର୍ଯ୍ୟ ବନ୍ଦ କରିଥିଲେ। ଏନେଇ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ଓ ରାସ୍ତାରୋକ ହୋଇଥିଲା। ପ୍ରଶାସନିକ ଅଧିକାରୀ ପହଞ୍ଚି ଆଲୋଚନା କରି ପ୍ରତିଶ୍ରୁତି ଦେବାରେ ଧାରଣା ହଟିଥିଲା। ଗ୍ରାମ୍ୟ ଉନ୍ନୟନ ବିଭାଗ ଗୋଡ଼ିପଡ଼ା ମୋଟା ଛକ

### ପ୍ରଶାସନର ଖାମଖିଆଲି ନୀତିକୁ ନେଇ ବଢୁଛି ଅସନ୍ତୋଷ

୧୬ନଂ ଜାତୀୟ ରାଜପଥଠାରୁ ଖଜୁରିଆ ମୌଜା ଦେଇ ଡମଣଭୂମିକୁ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ଗତ ବର୍ଷ ବ୍ଲକ୍ ପ୍ରଶାସନ ଅନୁମତି ଓ ଜାଗା ହସ୍ତାନ୍ତର କରିଥିଲେ। ପରେ ୫.୭୦୦ କିଲୋମିଟର ରାସ୍ତାକୁ ଟଙ୍କା ବ୍ୟୟବରାଦ କରାଯାଇ ଟେଣ୍ଡର କରାଯାଇଥିଲା। ଚଳିତ ବର୍ଷ ଉକ୍ତ ରାସ୍ତା ନିର୍ମାଣ କରିବାକୁ ଠିକାଦାର ଚୁକ୍ତିପତ୍ର ଶେଷ କରିଥିବା ସ୍ଥାନୀୟ ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀ ଚକ୍ରଧର ବେହେରା କହିଛନ୍ତି। ମାତ୍ର କେଉଁ ପରିସ୍ଥିତିରେ ଓ କିପରି ପ୍ରଶାସନର ଉକ୍ତ ଜାଗାକୁ ପୁନର୍ବାର ଇଡ୍‌କୋକୁ ହସ୍ତାନ୍ତର କଲା ସେ ନେଇ ଗ୍ରାମବାସୀ ପ୍ରଶ୍ନ ଉଠାଇଥିଲେ।

## ୨୨ଟି ରାଜ୍ୟରେ ପ୍ରବଳ ବର୍ଷା ନେଇ ସତର୍କତା

ନୂଆଦିଲ୍ଲୀ, ୨୧।୬(ଏଜେନ୍ସି): ମୌସୁମୀ ଦ୍ରୁତଗତିରେ ଉତ୍ତର ଭାରତରେ ବ୍ୟାପୀବାରେ ଲାଗିଛି। ଶୁକ୍ରବାର ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ ଓ ଜମ୍ମୁ-କଶ୍ମୀର କିଛି ସ୍ଥାନରେ ମୌସୁମୀ ପହଞ୍ଚିଛି। ସାରା ଦେଶରେ ମୌସୁମୀ ତା'ର ଏଣ୍ଟ୍ରି ମାରିସାରିଛି। ଏବେ କେବଳ ଦିଲ୍ଲୀ, ହାରିୟାଣା, ଚଣ୍ଡିଗଡ଼ ଓ ପଞ୍ଜାବରେ ମୌସୁମୀ ପହଞ୍ଚିବା ବାକି ରହିଛି। ରାଜସ୍ଥାନର ୫୦ ପ୍ରତିଶତ ସ୍ଥାନରେ ମୌସୁମୀ ପହଞ୍ଚି ସାରିଛି। ଦେଶର ୨୨ଟି ରାଜ୍ୟରେ ପ୍ରବଳ ବର୍ଷା ହେବା ନେଇ ସତର୍କତା ଜାରି କରାଯାଇଛି। ଅଗାମୀ ଗୋଟିଏ ଦିନ ମଧ୍ୟରେ ହିମାଚଳ, ଉତ୍ତରାଖଣ୍ଡ, ଗୁଜରାଟ, ବିହାର, ଆସାମ, ମେଘାଳୟ, ହାରିୟାଣା, ଚଣ୍ଡିଗଡ଼, ଦିଲ୍ଲୀ, ଉତ୍ତରପ୍ରଦେଶ, ମହାରାଷ୍ଟ୍ର, କୋଙ୍କଣ- ଗୋଆରେ ବର୍ଷା ହେବାର ଅରେଞ୍ଜ ଆଲର୍ଟ ଜାରି କରାଯାଇଛି। ସେହିପରି ରାଜସ୍ଥାନ, ପଞ୍ଜାବ, ତେଲଙ୍ଗାନା, ଝାଡଖଣ୍ଡ, ଛତିଶଗଡ଼, ଓଡ଼ିଶା, କର୍ଣ୍ଣାଟକ ଉପକୂଳବର୍ତ୍ତୀ ସ୍ଥାନ, ବେଙ୍ଗଲ, ସିକିମ, କେରଳ ଓ ମଧ୍ୟ ପ୍ରଦେଶ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ପାଣିପାଗ କହିଛି।

## ଶାହରୁଖଙ୍କ ବାସଭବନରେ ଫରେଷ୍ଟ ବିଭାଗର ଯାଞ୍ଚ୍

ମୁମ୍ବାଇ, ୨୧।୬(ଏଜେନ୍ସି): ସ୍ଥାନୀୟ ବାନ୍ଦ୍ରାର ବ୍ୟାଣ୍ଡଷ୍ଟାଣ୍ଡ ଅଞ୍ଚଳରେ ଥିବା ବଲିଉଡ୍ ସୁପରଷ୍ଟାର ଶାହରୁଖ ଖାନ୍‌ଙ୍କ ବଙ୍ଗଳା 'ମନ୍ନତ'ରେ ବ୍ରିହାନମୁମ୍ବାଇ ମ୍ୟୁନିସପାଲ କର୍ପୋରେସନ (ବିଏମ୍‌ସି) ଓ ଫରେଷ୍ଟ ବିଭାଗ ଯାଞ୍ଚ୍ କରିଛି। କୋଷ୍ଟାଲ ରେଗୁଲେସନ ଜୋନ (ସିଆରଜେଡ୍) ନିୟମର ଉଲ୍ଲଂଘନ ହୋଇଥିବା ନେଇ ଶୁକ୍ରବାର ଏହି ଯାଞ୍ଚ୍ ହୋଇଛି। ବିନା ଅନୁମତିରେ ଏହି ବଙ୍ଗଳାରେ କୌଣସି ନିର୍ମାଣ କାର୍ଯ୍ୟ ହୋଇଛି କି ନା ସେ ନେଇ ଯାଞ୍ଚ କରାଯାଇଥିଲା ବୋଲି ବିଏମ୍‌ସି ଓ ଫରେଷ୍ଟ ବିଭାଗରେ ଅଧିକାରୀମାନେ କହିଛନ୍ତି। ୨୭, ୦୦୦ ବର୍ଗଫୁଟ୍ ଏରିଆରେ ଥିବା ଏହି ବଙ୍ଗଳାରେ ପୁନର୍ଗଠନ କାର୍ଯ୍ୟ ଚାଲୁ ରହିଛି। ୬ ମହଲା ବିଶିଷ୍ଟ ଏହି ବଙ୍ଗଳାରେ ଦୁଇ ବର୍ଷ ହେବ ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ଏଥିରେ ଆଉ ଦୁଇଟି ମହଲା ସାମିଲ କରାଯିବାର ଯୋଜନା ରହିଛି। ଏଥିପାଇଁ ଶାହାରୁଖଙ୍କ ସମେତ ପତ୍ନୀ ଗୌରୀ ଓ ୩ ସନ୍ତାନ ଆର୍ଯ୍ୟନ, ସୁହାନା, ଅବରାମ ଅସ୍ଥାୟୀ ଭାବେ ମନ୍ନତଠାରୁ ୧୦ ମିନିଟ ଦୂର ଖାରରେ ଏକ ଡୁପ୍ଲେକ୍ସରେ ରହୁଛନ୍ତି। ଶାହରୁଖ ଏହି ବଙ୍ଗଳାକୁ ୨୦୦୧ରେ କ୍ରୟ କରିଥିଲେ। ତେବେ ୧୯୧୪ରୁ ମନ୍ନତର ଏକ ଐତିହାସିକ ପରମ୍ପରା ରହିଆସିଛି।

## ଚଳନ୍ତା ଟ୍ରେନ୍‌ରେ ଯୁବକକୁ ପିଟିପିଟି ହତ୍ୟା

ବାଗପତ, ୨୧।୬(ଏଜେନ୍ସି): ୟୁପିରେ ବାଗପତରେ ଚଳନ୍ତା ଟ୍ରେନ୍‌ରେ ଜଣେ ଯୁବକକୁ ପିଟି ପିଟି ହତ୍ୟା କରିବାର ଘଟଣା ସାମ୍ନାକୁ ଆସିଛି। ଯୁବକ ଜଣକ ସାହରାନପୁର- ଦିଲ୍ଲୀ ପାସେଞ୍ଜର ଟ୍ରେନ୍‌ରେ ବାଗପତ ଆସୁଥିଲେ। ଫଖରପୁର ଷ୍ଟେସନ ନିକଟରେ ସିଟ୍‌ରେ ବସିବାକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ଏହାପରେ ୧୫ରୁ ୨୦ଜଣ ଲୋକ ସାଥି ହୋଇ ଯୁବକଙ୍କୁ ଗୋଇଠା, ମୁଥ ମାରିବା ସହ ବେଲ୍ଟରେ ପିଟିଥିଲେ। ବାଗପତଠାରୁ ୧୦ କିମି ଦୂରରେ ଥିବା ଖେକଡ଼ା ଷ୍ଟେସନରେ ଟ୍ରେନ ରହିବା ପରେ ଅଭିଯୁକ୍ତମାନେ ଓହ୍ଲାଇ ପଳାଇଯାଇଥିଲେ। ଟ୍ରେନ୍‌ରେ ଯାଉଥିବା ଯୁବକଙ୍କ ଜଣେ ବନ୍ଧୁ ଜିଆରିପି ଓ ତାଙ୍କ ପରିବାରକୁ ସୂଚନା ଦେଇଥିଲେ। ତାଙ୍କୁ ହସ୍ପିଟାଲ ନିଆଯାଇଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଯୁବକଙ୍କ ନାମ ହେଉଛି ଦୀପକ ଓ ସେ ଦିଲ୍ଲୀରେ ଚାକିରି କରୁଥିଲେ। ସେ ଦିଲ୍ଲୀ ବାଗପତସ୍ଥିତ ନିଜ ଘରକୁ ଯାଉଥିଲେ। ଶୁକ୍ରବାର ଏହି ଘଟଣା ଘଟିଥିଲେ ମଧ୍ୟ ଶନିବାର ଏହାର ଭିଡିଓ ସାମ୍ନାକୁ ଆସିଛି।

## ବେଲୁନ୍ ଦୁର୍ଘଟଣାରେ ୮ ମୃତ

ସାଓପାଓଲୋ, ୨୧।୬(ଏଜେନ୍ସି): ବ୍ରାଜିଲ୍‌ରେ ହଟ୍ ଏୟାର ବେଲୁନ୍ ଦୁର୍ଘଟଣାରେ ୮ ଜଣ ଲୋକ ପ୍ରାଣ ହରାଇଛନ୍ତି। ଆକାଶରେ ଉଡୁଥିବା ବେଳେ ଏହି ବେଲୁନ୍‌ରେ ହଠାତ୍ ନିଆଁ ଲାଗିଯାଇଥିଲା। ଏହି ବେଲୁନରେ ସେତେବେଳେ ୨୧ଜଣ ଲୋକ ଥିଲେ। ଏମାନଙ୍କ ମଧ୍ୟରୁ ୮ ଜଣ ମୃତ୍ୟୁବରଣ କରିଛନ୍ତି। ନିଆଁ ଲାଗିବା ପରେ ବେଲୁଟି ସିଧା ତଳକୁ ଖସି ମାଟିରେ ପଡ଼ିଯାଇଥିଲା।

# ଇରାନରେ ଭୂକମ୍ପ ନା ବିସ୍ଫୋରଣ?

ତେଲ ଆଭିଭ, ୨୧।୬ (ଏଜେନ୍ସି): ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଅସ୍ତ୍ରବିରତିର କୌଣସି ସମ୍ଭାବନା ଦେଖାଯାଉ ନାହିଁ। ଯୁଦ୍ଧ ବନ୍ଦ ପାଇଁ ଜେନେଭାରେ ୟୁରୋପୀୟ ଦେଶଗୁଡିକ କରିଥିବା ବୈଠକରେ କୌଣସି ଠୋସ୍ ଫଳାଫଳ ବାହାରି ପାରି ନ ଥିବାବେଳେ ଦୁଇ ରାଷ୍ଟ୍ର ପରସ୍ପର ବିରୋଧରେ ଆକ୍ରମଣକୁ ଜୋରଦାର କରିଛନ୍ତି। ଏପରି ସମୟରେ ଇରାନରେ ଶକ୍ତିଶାଳୀ ଭୂକମ୍ପ ହୋଇଛି। ପରମାଣୁ ଅସ୍ତ୍ରଶସ୍ତ୍ର ପରୀକ୍ଷଣ ଦ୍ୱାରା ଏହି ଭୂକମ୍ପ ଆସିଛି ବୋଲି ଚର୍ଚ୍ଚା ହେଉଛି। ଏହାକୁ ନେଇ ଆମେରିକା ଏବଂ ଇସ୍ରାଏଲର ଚିନ୍ତା ବୃଦ୍ଧି ପାଇଛି ବୋଲି କୁହାଯାଉଛି।

ଯୁଦ୍ଧର ନବମ ଦିନରେ ତେଲ ଆଭିଭ ସମେତ ଅନେକ ସହର ଉପରେ ଇରାନ ବାଲିଷ୍ଟିକ କ୍ଷେପଣାସ୍ତ୍ର ବର୍ଷା କରିଥିବାବେଳେ ଇସ୍ରାଏଲ ସେନା (ଆଇଡିଏଫ) ଏହାର ଜବାବରେ ପରମାଣୁ ଠିକଣାକୁ ନିଶାଣ କରିଛି। ଆଜି ସକାଳେ ଆଇଡିଏଫ୍‌ର ୫୦ରୁ ଅଧିକ ଲଢୁଆ ବିମାନ ଇରାନର ଇସ୍‌ଫାହନ ପରମାଣୁ ପ୍ରତିଷ୍ଠାନରେ ବୋମା ମାଡ଼ କରିଛି। ତେବେ ଏହି ଆକ୍ରମଣ ପରେ କୌଣସି ରାସାୟନିକ ଲିକ୍ କିମ୍ବା ବିକିରଣ ହୋଇଥିବାର ସୂଚନା ମିଳିନାହିଁ। ଇରାନର ପରମାଣୁ କାର୍ଯ୍ୟକ୍ରମରେ ଏହି କେନ୍ଦ୍ର ପ୍ରମୁଖ ଭୂମିକା ଗ୍ରହଣ କରୁଛି। ଏଠାରେ ୟୁରାନିୟମ ଠୁଳ କରି ରଖାଯାଉଛି। ନ୍ୟୁକ୍ଲିୟର ଫୁଏଲ ଫାବ୍ରିକେସନ ପ୍ଲାଣ୍ଟ ମଧ୍ୟ ରହିଛି। ପରମାଣୁ ଠିକଣାରେ ଆକ୍ରମଣ ସହିତ ଇରାନର ଆଉ ଜଣେ ପରମାଣୁ ବୈଜ୍ଞାନିକଙ୍କୁ ଇସ୍ରାଏଲ ହତ୍ୟା କରିଛି। ଶୁକ୍ରବାର ତେହରାନର ଏକ ଆପାର୍ଟମେଣ୍ଟକୁ ନିଶାଣ କରି ଆଇଡିଏଫ ସୁଇସାଇଡ ଡ୍ରୋନ ଆକ୍ରମଣ କରିଥିଲା। ଏଥିରେ ବୈଜ୍ଞାନିକ ଇସାର ତବାତବାଇ-କମସେହ ଏବଂ ତାଙ୍କ ପତ୍ନୀଙ୍କ ମୃତ୍ୟୁ ହୋଇଛି। ଏପର୍ଯ୍ୟନ୍ତ ଇରାନର ୧୧ ପରମାଣୁ

- ଇରାନ ପରମାଣୁ ପରୀକ୍ଷା କରିଥିବା ନେଇ ଚର୍ଚ୍ଚା ବଢ଼ିଲା
- ତିନି ଉତ୍ତରାଧିକାରୀଙ୍କୁ ମନୋନୀତ କଲେ ଖାମନେଇ

ବୈଜ୍ଞାନିକଙ୍କୁ ଇସ୍ରାଏଲ ହତ୍ୟା କଲାଣି। ସେହିପରି ଆଜି ଇରାନ ସେନାର ୩ କମାଣ୍ଡର ଏବଂ ୪ ଯବାନଙ୍କୁ ହତ୍ୟା କରିଥିବା ଇସ୍ରାଏଲ ଦାବି କରିଛି।

ଆକ୍ରମଣ ଦ୍ୱାରା ଇରାନର ପରମାଣୁ କାର୍ଯ୍ୟକ୍ରମ ୩ ବର୍ଷ ପଛକୁ ପଳାଇଛି ବୋଲି ଇସ୍ରାଏଲ ଦାବି କରୁଛି। ମାତ୍ର ଏପରି ସମୟରେ ଇରାନର ସେମନାନ୍ ଅଞ୍ଚଳରେ ଶକ୍ତିଶାଳୀ ଭୂକମ୍ପ ହୋଇଛି। ଶୁକ୍ରବାର ରାତିରେ ହୋଇଥିବା ୫.୧ ତୀବ୍ରତାର ଏହି ଭୂକମ୍ପର କେନ୍ଦ୍ର ୧୦ କିମି ଗଭୀରତାରେ ଥିଲା ବୋଲି କୁହାଯାଉଛି। ଇରାନ ପରମାଣୁ ଅସ୍ତ୍ର ପରୀକ୍ଷଣ କରିବାରୁ ଏହି ଭୂକମ୍ପ ସୃଷ୍ଟି ହୋଇଥିଲା ବୋଲି ଚର୍ଚ୍ଚା ହେଉଛି। କାରଣ ଇରାନର ସେମନାନ ସ୍ପେସ୍ ସେଣ୍ଟର ଏବଂ ସେମନାନ ମିସାଇଲ କମ୍ପ୍ଲେକ୍ସ ଥିବା ସହର ନିକଟରେ ଏହି ଭୂକମ୍ପ ହୋଇଛି। ଇରାନ



ସେନା ଦ୍ୱାରା ଏହା ପରିଚାଳିତ ହେଉଛି। ଏହାକୁ ଲାଗି ଫରଦୋ ଏବଂ ନତାଞ୍ଜ ପରମାଣୁ କେନ୍ଦ୍ର ମଧ୍ୟ ରହିଛି। ୟୁରୋପ ଶାନ୍ତି ଆଲୋଚନା ପ୍ରୟାସ ଜାରି ରଖିଥିବାବେଳେ ପରମାଣୁ କାର୍ଯ୍ୟକ୍ରମ ସହ କୌଣସି ସାଲିସ୍ କରାଯିବ ନାହିଁ ବୋଲି ଇରାନ ପକ୍ଷରୁ କୁହାଯାଇଛି। ଏପରି ସମୟରେ ହୋଇଥିବା ଭୂକମ୍ପକୁ ନେଇ ଆମେରିକା ଏବଂ ଇସ୍ରାଏଲର ଚିନ୍ତା ବଢ଼ିବ ବୋଲି କୁହାଯାଉଛି। କିଛି ବିଶେଷଜ୍ଞ ମଧ୍ୟ ପରମାଣୁ ପରୀକ୍ଷଣ ଆଶଙ୍କା କରିଛନ୍ତି। ଭୂତଳରେ ପରମାଣୁ ଅସ୍ତ୍ରର ବିସ୍ଫୋରଣ ଯୋଗୁଁ ସୃଷ୍ଟି ହୋଇଥିବା 'ଟେକ୍‌ଟୋନିକ ଷ୍ଟ୍ରେସ୍' ପାଇଁ ଭୂକମ୍ପ ଆସିଥିବ ବୋଲି ବିଶେଷଜ୍ଞ କହୁଛନ୍ତି। ଆଉ କିଛି ରିପୋର୍ଟରେ ଇସ୍ରାଏଲର ଆକ୍ରମଣ ଯୋଗୁଁ ଭୂକମ୍ପ ଆସିଥିଲା ବୋଲି କୁହାଯାଉଛି। ଏହା ମଧ୍ୟରେ ଆମେରିକାର ୬ଟି ବି-୨ ଷ୍ଟିଲ୍‌ଥ ବମ୍ବର ମିସୋରିର ନୌସେନା ଘାଟୀରୁ ପଶ୍ଚିମ ପ୍ରଶାନ୍ତ ମହାସାଗରରେ ଥିବା ମାଇକ୍ରୋନେସିଆ ଦ୍ୱୀପର ଗୁଆମକୁ ଉଡ଼ାଣ ଭରିଛି। ଏହି ଲଢୁଆ ବିମାନ ବଙ୍କର ବଷ୍ଟର ବୋମା ନେଇ ଯାଉଥିବା କୁହାଯାଉଛି। ପୂର୍ବରୁ ଏହି ବୋମା ଇସ୍ରାଏଲ ମାଗିଥିଲା। ତେଣୁ ଏହା ଇସ୍ରାଏଲକୁ ଦିଆଯାଇପାରେ ବୋଲି କୁହାଯାଉଛି।

ଅନ୍ୟପକ୍ଷରେ ଇରାନ ସର୍ବୋଚ୍ଚ ନେତା ଅୟତୁଲ୍ଲା ଅଲ ଖାମନେଇ ନିଜ ଉତ୍ତରାଧିକାରୀ ପାଇଁ ୩ ଜଣଙ୍କୁ ମନୋନୀତ କରିଥିବା ଜଣାପଡ଼ିଛି। ଏମାନଙ୍କ ମଧ୍ୟରେ ଖାମନେଇଙ୍କ ପୁଅ ମୋଜତବାର ନାମ ନାହିଁ। ପୂର୍ବରୁ ଖାମନେଇଙ୍କ ପୁଅ ହିଁ ତାଙ୍କ ଉତ୍ତରାଧିକାରୀ ହୋ।ବେ ବୋଲି କୁହାଯାଉଥିଲା।

## ଇରାନ୍‌ରୁ ଫେରିଲେଣି ୮୨୭ ଭାରତୀୟ

ନୂଆଦିଲ୍ଲୀ, ୨୧।୬(ଏଜେନ୍ସି): ଇସ୍ରାଏଲ ଓ ଇରାନ ମଧ୍ୟରେ ଯୁଦ୍ଧ ଚାଲିଥିବା ବେଳେ ଭାରତ ସରକାରଙ୍କ ଅପରେସନ ସିନ୍ଧୁ ଜରିଆରେ ମୋଟ ଉପରେ ୮୨୭ ଜଣ ଭାରତ ଫେରିଛନ୍ତି। ଶୁକ୍ରବାର ବିଳମ୍ବିତ ରାତିରେ ୨୯୦ ଜଣ ଭାରତୀୟ ନାଗରିକ ସ୍ୱଦେଶ ଫେରିଛନ୍ତି। ସେହିପରି ଶନିବାର ସଂଧ୍ୟା ୪ଟା ୩୦ରେ ଆଉ ୩୧୦ ଜଣ ଭାରତୀୟ ନାଗରିକ ଦିଲ୍ଲୀରେ ପହଞ୍ଚିଛନ୍ତି। ଏମାନଙ୍କ ମଧ୍ୟରୁ ଅଧିକାଂଶ କଶ୍ମୀରର ଛାତ୍ର। ଏହାକୁ ବାଦ୍ ଦେଲେ ଆଉକିଛି ନାଗରିକ ଦିଲ୍ଲୀ, ହାରିୟାଣା, କର୍ଣ୍ଣାଟକ ଓ ପଶ୍ଚିମବଙ୍ଗର ବୋଲି କୁହାଯାଇଛି। ଏପର୍ଯ୍ୟନ୍ତ ମୋଟ୍ ୮୨୭ଜଣ ଭାରତୀୟ ନାଗରିକ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଛନ୍ତି ବୋଲି ବୈଦେଶିକ ମନ୍ତ୍ରଣାଳୟ ତରଫରୁ କୁହାଯାଇଛି। ଶୁକ୍ରବାର ରାତିରେ ଦୁଇଟି ପର୍ଯ୍ୟାୟରେ ୪୦୭ ଭାରତୀୟ ଫେରିଛନ୍ତି। ରାତି ୧୦.୩୦ରେ ୧୯୦ ଜଣ କଶ୍ମୀର ଛାତ୍ର ସମେତ ୨୯୦ ନାଗରିକ ଫେରିଥିଲେ। ସେହିପରି ରାତି ୩ଟା ଆସି ପହଞ୍ଚିଥିବା ବିମାନରେ ୧୧୭ ଜଣ ଭାରତ ଫେରିଥିଲେ। ଏହାପୂର୍ବରୁ ଜୁନ୍ ୧୯ରେ ୧୧୦ ଜଣ ଛାତ୍ର ଆର୍ମେନିଆ ଓ ଦୋହା ବାଟ ଦେଇ ଭାରତ ପହଞ୍ଚିଥିଲେ। ଶନିବାର ସନ୍ଧ୍ୟାରେ ଆଉଏକ ବିମାନ କିଛି ଭାରତୀୟଙ୍କୁ ଆଣିବାର କାର୍ଯ୍ୟକ୍ରମ ରହିଛି। ଇରାନରୁ ଦିଲ୍ଲୀ ପହଞ୍ଚିବା ପରେ ଏହି ଯାତ୍ରୀମାନେ 'ବନ୍ଦେ ମାତରମ' ଓ 'ଭାରତ ମାତା କି ଜୟ' ସ୍ଲୋଗାନ ଦେଇଥିଲେ ଓ କିଛି ଲୋକ ବେଶ୍ ଭାବପ୍ରବଣ ହୋଇ ପଡ଼ିଥିଲେ। ସେମାନଙ୍କ ଆଖିରେ ଲୁହ ଦେଖିବାକୁ ମିଳିଥିଲା। ଆଉ କେତେକ ଲୋକ ମାଟିକୁ ମୁଣ୍ଡିଆ ମାରିଥିଲେ। ଭାରତରେ ପହଞ୍ଚିବା ପରେ ଆମକୁ ଶାନ୍ତି ମିଳିଛି ବୋଲି ଏମାନେ ଏଠାରେ ପହଞ୍ଚିବା ପରେ କହିଛନ୍ତି।

## ଇସ୍ରାଏଲ୍ ଆକ୍ରମଣକୁ ଭାରତ ନିନ୍ଦା କରୁ: ସୋନିଆ



ନୂଆଦିଲ୍ଲୀ, ୨୧।୬(ଏଜେନ୍ସି): କଂଗ୍ରେସ ବରିଷ୍ଠ ନେତ୍ରୀ ସୋନିଆ ଗାନ୍ଧୀ ଇସ୍ରାଏଲ ଓ ଇରାନ ମଧ୍ୟରେ ଚାଲିଥିବା ଯୁଦ୍ଧ ଓ ଏଥିରେ ଭାରତର ଭୂମିକା ନେଇ ମୁହଁ ଖୋଲିଛନ୍ତି। ଏହି ଯୁଦ୍ଧ ଶନିବାର ୯ମ ଦିନରେ ପହଞ୍ଚିଛି। ଇରାନ ଉପରେ ଇସ୍ରାଏଲ୍‌ର ଆକ୍ରମଣକୁ ସେ ଖୋଲାଖୋଲି ଭାବେ ନିନ୍ଦା କରିଛନ୍ତି। ଏକ ଦୈନିକ ଖବରକାଗଜରେ ସ୍ତମ୍ଭ ଲେଖିସେ ଏ ନେଇ ନିଜର ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି। ଇସ୍ରାଏଲ ନିଜେ ଏକ ପରମାଣୁ ଶକ୍ତି ଭାବେ ପ୍ରତିଷ୍ଠା ହାସଲ କରିଛି। କିନ୍ତୁ ପରମାଣୁ ଅସ୍ତ୍ର ତିଆରି କରିବା ଅଭିଯୋଗରେ ଇରାନ୍ ଉପରେ ଅନ୍ୟାୟ ଭାବେ ଆକ୍ରମଣ କରାଯାଉଛି। ଏହା ଇସ୍ରାଏଲ୍‌ର ଦୋ ମୁହାଁ ନୀତିକୁ ସୂଚାଉଛି ବୋଲି ସେ କହିଛନ୍ତି। ପୁଣି ଇରାନ ଭାରତର ପୁରୁଣା ବନ୍ଧୁ। ଏବେ ଯୁଦ୍ଧ ଚାଲିଥିବା ବେଳେ ଭାରତର ନୀରବତା ଚିନ୍ତା ସୃଷ୍ଟି କରୁଛି। ଗାଜାରେ ଚାଲିଥିବା ଧ୍ୱଂସ ଓ ଇରାନ୍‌ରେ ହେଉଥିବା ଆକ୍ରମଣ ନେଇ ଭାରତ ତା'ର ଅଭିମୁଖ୍ୟ ସ୍ପଷ୍ଟ କରିବା ଉଚିତ। ଏବେ ମଧ୍ୟ ବହୁତ ବିଳମ୍ବ ହୋଇନାହିଁ ଓ ଯଥେଷ୍ଟ ସମୟ ରହିଛି। ଭାରତ ଏ ନେଇ ଦୃଢ଼ ଭାବେ ଇସ୍ରାଏଲର ଆକ୍ରମଣକୁ ନିନ୍ଦା କରିବା ଉଚିତ। ଇରାନ ଏକାଧିକବାର ଭାରତକୁ ବିଭିନ୍ନ କ୍ଷେତ୍ରରେ ସମର୍ଥନ କରିଆସିଛି। ଗାଜାରେ ଏବେ ୫୫, ୦୦୦ରୁ ଅଧିକ ଲୋକ ପ୍ରାଣ ହରାଇସାରିଛନ୍ତି। ଏବେ ସେଠାରେ ଭୋକରେ ଲୋକ ମରିବା ଆରମ୍ଭ କଲେଣି। ତେଣୁ ଇରାନ ସମର୍ଥନରେ ଭାରତକୁ ଏବେ ଖୋଲାଖୋଲ ମନ୍ତବ୍ୟ ଦେବା ଉଚିତ ବୋଲି ସୋନିଆ ତାଙ୍କ ଲେଖାରେ ଉଲ୍ଲେଖ କରିଛନ୍ତି।

ଇସ୍ରାଏଲ ଇରାନ ଉପରେ ଏକତରଫା ଓ ନିର୍ମମ ଭାବେ ଆକ୍ରମଣ କରିଛି। ଇସ୍ରାଏଲ ଇରାନର ସାର୍ବଭୌମତ୍ୱକୁ କ୍ଷୁର୍ଣ୍ଣ କରିଛି। ଏହା ବେଆଇନ ଓ ଆଞ୍ଚଳିକ ଶାନ୍ତିପ୍ରତି ବିପଦ ସୃଷ୍ଟି କରିଛି। ଇରାନ ଉପରେ ଚାଲିଥିବା ଆକ୍ରମଣକୁ କଂଗ୍ରେସ ଦୃଢ଼ ଭାବେ ନିନ୍ଦା କରୁଛି ବୋଲି ସେ କହିଛନ୍ତି। ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କ ନେତୃତ୍ୱରେ ଇସ୍ରାଏଲ୍ କେବଳ ଆତଙ୍କ, ଅଶାନ୍ତି ବୃଦ୍ଧି କରିଛି ଓ ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ସେହିପରି ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଶାନ୍ତି ପ୍ରତିଷ୍ଠା ନେଇ ତାଙ୍କ ପ୍ରତିବଦ୍ଧତାରୁ ଓହରିଯାଇଛନ୍ତି। ଏପରି ସ୍ଥଳେ ପଶ୍ଚିମ ଏସିଆରେ କିପରି ଶାନ୍ତି ପ୍ରତିଷ୍ଠା ହେବ ସେ ନେଇ କୁଟନୈତିକ ପ୍ରୟାସ ଭାରତ ଜାରି ରଖିବା ଉଚିତ ବୋଲି ସେ କହିଛନ୍ତି।

## ପୁଣି ନିର୍ବାଚନ କମିସନ-ରାହୁଲ ମୁହାଁମୁହିଁ

ନୂଆଦିଲ୍ଲୀ, ୨୧।୬ (ଏଜେନ୍ସି): ମତଦାନ କେନ୍ଦ୍ରରେ ହେଉଥିବା ୱେବକାଷ୍ଟିଂର ସିସିଟିଭି ଫୁଟେଜକୁ ସାର୍ବଜନୀନ କରାଯିବ ନାହିଁ ବୋଲି ଭାରତର ନିର୍ବାଚନ କମିସନ (ଇସିଆଇ) ସ୍ପଷ୍ଟ କରିଦେଇଛନ୍ତି। ଏହାକୁ ସାର୍ବଜନୀନ କଲେ ଭୋଟରଙ୍କ ପ୍ରତି ବିପଦ ସୃଷ୍ଟି ହେବ। ଏହାଦ୍ୱାରା ଭୋଟର ଏବଂ ଗୋଷ୍ଠୀଙ୍କୁ ଚିହ୍ନଟ କରିବା ସହଜ ହୋଇଯିବ। ଭୋଟ ଦେଉଥିବା ଏବଂ ନ ଦେଉଥିବା ବ୍ୟକ୍ତି ଉଭୟେ ଅସାମାଜିକଙ୍କ ଚାପ, ଭେଦଭାବ ଏବଂ ଧମକର ଶିକାର ହୋଇପାରନ୍ତି। ଏହା ସହିତ ସିସିଟିଭି ଫୁଟେଜ ସାର୍ବଜନୀନ କଲେ ଜନପ୍ରତିନିଧି ନିୟମରେ ଥିବା ବ୍ୟବସ୍ଥା ଏବଂ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶର ମଧ୍ୟ ଉଲ୍ଲଙ୍ଘନ ହେବ। ତେବେ ଏହି ସବୁ ଭିଡିଓ ଅନ୍ତରୀଣ ପର୍ଯ୍ୟବେକ୍ଷଣ ପାଇଁ ଉଦ୍ଦିଷ୍ଟ ଥାଏ। କିନ୍ତୁ ନିର୍ବାଚନ ସମ୍ବନ୍ଧିତ ଶୁଣାଣି ସମୟରେ ଯଦି କୋର୍ଟ ନିର୍ଦ୍ଦେଶ ଦିଅନ୍ତି ତେବେ ଏହାକୁ ସେୟାର କରାଯିବ ବୋଲି ଇସିଆଇଙ୍କ ପକ୍ଷରୁ ସ୍ପଷ୍ଟ କରିଦିଆଯାଇଛି। ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ଜାଲିଆତି ହୋଇଥିବା ନେଇ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଦାବି କରିବା ପରେ ନିର୍ବାଚନ କମିଶନଙ୍କ ପକ୍ଷରୁ ଏହି ଜବାବ ଦିଆଯାଇଛି।



- ମତଦାନ କେନ୍ଦ୍ରର ଫୁଟେଜ ସାର୍ବଜନୀନ କରିହେବନି: ନିର୍ବାଚନ କମିସନର
- ଯିଏ ଜବାବ ଦେବା କଥା ସିଏ ପ୍ରମାଣ ନଷ୍ଟ କରୁଛନ୍ତି : ରାହୁଲ

ଉଦାହରଣ ଦେଇ ଇସିଙ୍କ ପକ୍ଷରୁ କୁହାଯାଇଛି ଯେ ଯଦି କୌଣସି ରାଜନୈତିକ ଦଳକୁ ଏକ ବୁଥ୍‌ରେ କମ୍ ଭୋଟ ମିଳେ ତେବେ ସେହି ଦଳ ସିସିଟିଭି ଫୁଟେଜ ଆଧାରରେ କିଏ ଭୋଟ ଦେଇଛି ଏବଂ କିଏ ଦେଇନି ତାହା ସହଜରେ ଚିହ୍ନଟ କରିଦେବ। ଏହା ପରେ ଭୋଟ ଦେଇ ନ ଥିବା ଲୋକଙ୍କୁ ସମସ୍ୟାରେ ପକାଯାଇପାରେ। ଏହା ପୂର୍ବରୁ ଗତ ମାସରେ ନିର୍ବାଚନ ପ୍ରକ୍ରିୟାରେ ୪୫ ଦିନ ପରେ ୱେବକାଷ୍ଟିଂ ଏବଂ ଭିଡିଓ ଫୁଟେଜକୁ ନଷ୍ଟ କରିବା ପାଇଁ ଇସିଆଇ ରାଜ୍ୟ ନିର୍ବାଚନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଯଦି ଏହି ଅବଧି ଭିତରେ କେହି ଫଳାଫଳକୁ କୋର୍ଟରେ ବିରୋଧ କରିନାହାନ୍ତି ତେବେ ତାହାକୁ ନଷ୍ଟ କରିବାକୁ କହିଥିଲେ।

ରାହୁଲ ଗାନ୍ଧୀ ଅଭିଯୋଗ କରିଥିଲେ ଯେ ଭୋଟର ତାଲିକା ମାଗିଲେ ମେସିନ-ରିଡାବୁଲ ଫର୍ମାଟ ଦେବନାହିଁ ବୋଲି କହୁଛନ୍ତି। ଆଇନ ବଦଳାଇ ସିସିଟିଭି ଫୁଟେଜକୁ ଛପାଇ ଦେଉଛନ୍ତି। ଏବେ ନିର୍ବାଚନର ଫଟୋ ଏବଂ ଭିଡିଓକୁ ବର୍ଷେ ନୁହେଁ, ବରଂ ୪୫ ଦିନରେ ନଷ୍ଟ କରିଦେବେ। ଯାହାଠାରୁ ଜବାବ ଚାହୁଁଥିଲୁ ସେ ପ୍ରମାଣ ନଷ୍ଟ କରୁଛନ୍ତି। ମ୍ୟାଚ୍ ଫିକ୍ସ ହୋଇଯାଇଛି ବୋଲି ସ୍ପଷ୍ଟ ଦେଖାଯାଉଛି। ଫିକ୍ସ ହୋଇଥିବା ନିର୍ବାଚନ ଗଣତନ୍ତ୍ର ପାଇଁ ବିପଦ। ଏହା ପରେ ନିର୍ବାଚନ କମିଶନଙ୍କ ଜବାବ ଆସିଥିଲା। ଏହାକୁ ଉତ୍ତର ଦେଇ ରାହୁଲ କହିଥିଲେ ଯେ ସାମ୍ବିଧାନିକ ସଂସ୍ଥା ଭାବେ ଗୁରୁତର ପ୍ରଶ୍ନର ଉତ୍ତର ଏଭଳି ଭାବେ ଦିଆଯାଏ ନାହିଁ। ଯଦି କିଛି ଲୁଚାଇବାକୁ ନାହିଁ ତେବେ ମୋ ପ୍ରଶ୍ନର ଉତ୍ତର ଦେଇ ପ୍ରମାଣ ରଖନ୍ତୁ ବୋଲି ରାହୁଲ କହିଥିଲେ।

## ଅଘଟଣରୁ ବର୍ତ୍ତିଲା ଆଉ ଏକ ଯାତ୍ରୀ ବିମାନ

ନୂଆଦିଲ୍ଲୀ, ୨୧।୬(ଏଜେନ୍ସି): ଅହମ୍ମଦାବାଦ ବିମାନ ଦୁର୍ଘଟଣାର ପାଖାପାଖି ଗୋଟିଏ ସପ୍ତାହ ପରେ ଆଉ ଏକ ବିମାନର ପାଇଲଟ୍ ମେଡେ କଲ୍ କରିଛନ୍ତି। ଗୌହାଟୀରୁ ଚେନ୍ନାଇ ଯାଉଥିବା ଇଣ୍ଡିଗୋ ବିମାନର ପାଇଲଟ୍ ଏହି ଇମର୍ଜେନ୍ସି କଲ୍ କରିଥିଲେ। ଜୁନ୍ ୧୯ରେ ଏହି ଘଟଣା ଘଟିଛି। ବିମାନରେ ଇନ୍ଧନ କମ୍ ଥିବା ଜାଣିପାରି ପାଇଲଟ ଏୟାର ଟ୍ରାଫ୍ କଣ୍ଟ୍ରୋଲ (ଏଟିସି) କୁ କଲ୍ କରିଥିଲେ। ବିମାନରେ ପାଇଲଟଙ୍କ ଜରୁରୀକାଳୀନ କଲ୍‌କୁ ମେଡେ କୁହାଯାଇଥାଏ।



- ସରିଗଲା ଇନ୍ଧନ, ପାଇଲଟ୍‌ଙ୍କ ମେଡେ କଲ୍
- ଇଣ୍ଡିଗୋ ବିମାନର ଜରୁରୀ ଅବତରଣ

ଫଳରେ ଏହି ବିମାନକୁ ତୁରନ୍ତ ବେଙ୍ଗାଲୁରୁ ଏୟାରପୋର୍ଟରେ ଅବତରଣ କରାଯାଇଥିଲା। ଗୌହାଟୀରୁ ଟେକ୍‌ଅଫ୍ କରିବା ପରେ ଏହି ବିମାନରେ ଇନ୍ଧନ ପର୍ଯ୍ୟାପ୍ତ ପରିମାଣର ନଥିଲା ବୋଲି ପାଇଲଟ୍ ଜାଣିବାକୁ ପାଇଥିଲେ। ଫଳରେ ବିମାନକୁ ଚେନ୍ନାଇ ବଦଳରେ ବେଙ୍ଗାଲୁରୁ ଯାଇଥିଲା। ଏହି ବିମାନରେ ୧୬୮ ଜଣ ଯାତ୍ରୀ ଥିଲେ। ବେଙ୍ଗାଲୁରୁ ବିମାନ ବନ୍ଦରରେ ଇନ୍ଧନ ଭରିବା ପରେ ଏହି ବିମାନ ଚେନ୍ନାଇ ଯାତ୍ରା କରିଥିଲା। ଏହି ପାଇଲଟ୍‌ଙ୍କୁ ବର୍ତ୍ତମାନ ପାଇଁ ଦାୟିତ୍ୱରୁ ହଟାଇ ଦିଆଯାଇଛି। ଉଲ୍ଲେଖଥାଉ କି, ମେଡେ ହେଉଛି ଏକ ଫ୍ରେଞ୍ଚ୍ ଶବ୍ଦ। ଏହାର ଅର୍ଥ ମୋତେ ବଞ୍ଚାଅ ବା ରକ୍ଷାକର।

# ଟ୍ରମ୍ପଙ୍କୁ ନୋବେଲ ପାଇଁ ପାକ୍ ଯୁକ୍ତି ପଛର ରହସ୍ୟ

ଇସଲାମାବାଦ, ୨୧।୬: ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଚଳିତ ବର୍ଷ ଲାଗି ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ କରିବାକୁ ଦାବି କରିଛି ପାକିସ୍ତାନ। ପାକିସ୍ତାନ ଏଭଳି ଦାବି କରୁଥିବାରୁ ଏହାର ସେନା ଅଧକ୍ଷ ଜେନେରାଲ ଅସିମ ମୁନିରଙ୍କୁ ହ୍ୱାଇଟ୍ ହାଉସ୍ ଡାକି ଟ୍ରମ୍ପ ମଧ୍ୟାହ୍ନ ଭୋଜନର ଆୟୋଜନ କରିବା ମଧ୍ୟ ସାରା ବିଶ୍ୱରେ ଚର୍ଚ୍ଚାର ବିଷୟ ହୋଇଛି। ପ୍ରଥମେ ଟ୍ରମ୍ପଙ୍କ ସପକ୍ଷରେ ଏଭଳି ଯୁକ୍ତି ରଖିଥିଲେ ଜେନେରାଲ ମୁନିର। ଏହାପରେ ପ୍ରଧାନମନ୍ତ୍ରୀ ଶେହବାଜ ସରିଫ ମଧ୍ୟ ଯୁକ୍ତି କରିଛନ୍ତି। ଆଜି ପାକିସ୍ତାନ ସରକାର ଆଉ ଗୋଟିଏ ପାଦ ଆଗକୁ ଯାଇ ଟ୍ରମ୍ପଙ୍କୁ ନୋବେଲ ପୁରସ୍କାର ଦିଆଯାଉ ବୋଲି ସୁପାରିସ କରିଛନ୍ତି।

ଏହାକୁ ନେଇ ପାକିସ୍ତାନ ଭିତରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ପାକିସ୍ତାନର ଅନେକ ପୂର୍ବତନ କୁଟନୀତିଜ୍ଞ ଏବଂ ସାମାଜିକ କର୍ମୀ ସରକାରଙ୍କର ଏଭଳି ଆଭିମୁଖ୍ୟର ତୀବ୍ର ସମାଲୋଚନା କରିଛନ୍ତି। ସେମାନେ ଅଭିଯୋଗ କରିଛନ୍ତି ଯେ ଗାଜାରେ ଇସ୍ରାଏଲ ଗଣହତ୍ୟା ଚଳାଇଛି ଏବଂ ଏହାକୁ ଟ୍ରମ୍ପ ଖୋଲାଖୋଲି ସମର୍ଥନ କରୁଛନ୍ତି। ପୂର୍ବରୁ ଗାଜା ନରସଂହାରକୁ ନିନ୍ଦା କରିଥିବା ପାକିସ୍ତାନ କିଭଳି ଟ୍ରମ୍ପଙ୍କୁ ନୋବେଲ ଶାନ୍ତି ପୁରସ୍କାର ପାଇଁ ଯୁକ୍ତି କରୁଛି। ପୁଣି ଇରାନ ଉପରେ ଇସ୍ରାଏଲର ଆକ୍ରମଣକୁ ମଧ୍ୟ ଟ୍ରମ୍ପ କେବଳ ସମର୍ଥନ କରୁନାହାନ୍ତି, ଇରାନ ଉପରେ ଆମେରିକା ଆକ୍ରମଣ କରିବ ବୋଲି କହୁଛନ୍ତି। ହିଂସା ଓ ନରସଂହାରରେ ବିଶ୍ୱାସ କରୁଥିବା ଜଣେ ରାଷ୍ଟ୍ର ନେତାଙ୍କୁ ନୋବେଲ ପୁରସ୍କାର ପାଇଁ ପାକିସ୍ତାନ ପ୍ରସ୍ତାବ ଦେବା ନିନ୍ଦନୀୟ ବୋଲି ସେମାନେ କହିଛନ୍ତି। ପୂର୍ବତନ କୂଟନୀତିଜ୍ଞ ତଥା ସାମାଜିକ କର୍ମୀ ମଲିହା ଲୋଧି ଏବଂ ସିନେଟର ଅଲ୍ଲମା ରଜା ନସିରଙ୍କ ସମେତ ଅନେକ ସାମାଜିକ କର୍ମୀ ଏଭଳି ମତ ପ୍ରକାଶ କରିଛନ୍ତି। ସେହିଭଳି ବିଶ୍ୱ ବିଦେଶ ନୀତି ବିଶେଷଜ୍ଞ



ଡେରେକ୍ ଗ୍ରସମ୍ୟାନ୍ କହିଛନ୍ତି ଯେ ବିଶ୍ୱ ଦରବାରରେ ପାକିସ୍ତାନର ଯାହା କିଛି ସମ୍ମାନ ଥିଲା, ତାହା ଏଭଳି ନୋବେଲ ଦାବି ଯୋଗୁଁ କ୍ଷୁର୍ଣ୍ଣ ହୋଇଛି।

ଅନ୍ୟପକ୍ଷରେ ପାକିସ୍ତାନ ସରକାରଙ୍କର ଯୁକ୍ତି ହେଉଛି ଯେ ଭାରତ ଓ ପାକିସ୍ତାନ ମଧ୍ୟରେ ଯୁଦ୍ଧବିରତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବାରୁ ଟ୍ରମ୍ପଙ୍କୁ ନୋବେଲ ପୁରସ୍କାର ମିଳିବା ଉଚିତ। ଟ୍ରମ୍ପ ମଧ୍ୟ ବାରମ୍ବାର କହି ଆସୁଛନ୍ତି ଯେ ଦୁଇ ଦେଶ ମଧ୍ୟରେ ସେ ଅସ୍ତ୍ରବିରତି କରାଇଥିଲେ। କିନ୍ତୁ ସେ ଶ୍ରେୟ ନେବାକୁ ଚାହାନ୍ତି। ଅନ୍ୟପକ୍ଷରେ ଭାରତ ସରକାର କହିଆସୁଛନ୍ତି ଯେ ଅସ୍ତ୍ରବିରତିରେ ତାଙ୍କର କୌଣସି ଭୂମିକା ନାହିଁ। ପାକିସ୍ତାନୀ ସେନା ଅନୁରୋଧ କରିବାରୁ ଭାରତ ଅପେରସନ ସିନ୍ଦୂରକୁ ଅଟକାଇଛି। ତଥାପି ଅସ୍ତ୍ରବିରତି ପାଇଁ ଟ୍ରମ୍ପ ଶ୍ରେୟ ନିଜ ଉପରକୁ ନେବା ଏବଂ ତାଙ୍କୁ ପାକିସ୍ତାନ ପ୍ରଶଂସା କରିବା ପଛରେ କି ରହସ୍ୟ ରହିଛି ତାହାକୁ ନେଇ କୁଟନୈତିକମାନଙ୍କ ମଧ୍ୟରେ ଆଲୋଚନା ଆରମ୍ଭ ହୋଇଛି। ଅନେକ ବିଦେଶ ନୀତି ବିଶାରଦଙ୍କ ମତେରେ ପାକିସ୍ତାନର ଏଭଳି ଟ୍ରମ୍ପ ପ୍ରଶଂସା ପଛରେ ଭିନ୍ନ ଉଦ୍ଦେଶ୍ୟ ରହିଛି ଏବଂ ତାହା ହେଉଛି କଶ୍ମୀର ପ୍ରସଙ୍ଗ। ଦୁଇ ଦେଶ ମଧ୍ୟରେ ଯୁଦ୍ଧବିରତି ପରେ ଟ୍ରମ୍ପ କହିଥିଲେ ଯେ କଶ୍ମୀର ବିବାଦର ସମାଧାନ କ୍ଷେତ୍ରରେ ସେ ମଧ୍ୟସ୍ଥତା କରିବାକୁ ପ୍ରସ୍ତୁତ ଅଛନ୍ତି। ଟ୍ରମ୍ପଙ୍କ ଏହି ପ୍ରସ୍ତାବ କଶ୍ମୀର ବିବାଦକୁ ବିଶ୍ୱ ସ୍ତରକୁ ନେବାରେ ପାକିସ୍ତାନକୁ ଖୋରାକ ଯୋଗାଇଛି। ତେଣୁ ଭାରତକୁ ଅଡୁଆରେ ପକାଇବା ଲାଗି ପାକିସ୍ତାନ ଏହାକୁ ସୁବର୍ଣ୍ଣ ସୁଯୋଗ ବୋଲି ଧରିନେଇଛି। କେବଳ କଶ୍ମୀର ପ୍ରସଙ୍ଗକୁ ଜୀବନ୍ତ ରଖିବା ଲାଗି ଟ୍ରମ୍ପଙ୍କୁ ନୋବେଲ ପାଇଁ ସୁପାରିସ କରିବା ପଛରେ ଏହା ହେଉଛି ପାକିସ୍ତାନର ଅସଲି ଚାଲ ବୋଲି ସେମାନେ ମତ ଦେଇଛନ୍ତି।

## ଅହମଦାବାଦ୍ ଦୁର୍ଘଟଣା : ତିନି ଅଧିକାରୀଙ୍କୁ ହଟାଇଲା ଏୟାର ଇଣ୍ଡିଆ

ନୂଆଦିଲ୍ଲୀ, ୨୧।୬(ଏଜେନ୍ସି): ଅହମଦାବାଦ ବିମାନ ଦୁର୍ଘଟଣା ପାଇଁ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ଏକ କଡ଼ା ପଦକ୍ଷେପ ନେଇଛି। ଡିଜିସିଏ ଏୟାର ଇଣ୍ଡିଆର ୩ ଜଣ ବରିଷ୍ଠ ଅଧିକାରୀଙ୍କୁ ହଟାଇବାକୁ ନିଷ୍ପତ୍ତି ନେଇଛି। ଡିଜିସିଏ ଡିଭିଜନାଲ ଭାଇସ୍ ପ୍ରେସିଡେଣ୍ଟ ଚୂଡା ସିଂ, କ୍ରୁ ଶେଡଲିଂ କରୁଥିବା ଚିଫ୍ ମ୍ୟାନେଜର ପିଙ୍କି ମିତ୍ତଲ ଓ କ୍ରୁ ଶେଡ୍‌ଲିଂ ପ୍ଲାନିଂ କରୁଥିବା ପାୟଲ ଆରୋଡାଙ୍କୁ ଦାୟିତ୍ୱରୁ ହଟାଇଛି। ଆଭିଏସନ ସେଫ୍ଟି ପ୍ରୋଟୋକଲର ଗମ୍ଭୀର ଉଲ୍ଲଂଘନ ଅଭିଯୋଗରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।



ଡିଜିସିଏର ନିର୍ଦ୍ଦେଶକୁ ଯଥାଶୀଘ୍ର ଲାଗୁ କରାଯାଇଛି ବୋଲି ଏୟାର ଇଣ୍ଡିଆ ତରଫରୁ କୁହାଯାଇଛି। ଏବେ କମ୍ପାନୀର ଚିଫ୍ ଅପରେସନାଲ ଅଧିକାରୀ ଆଗାମୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଇଣ୍ଟିଗ୍ରେଟେଡ ଅପରେସନ କଣ୍ଟ୍ରୋଲ ସେଣ୍ଟରର ଦାୟିତ୍ୱରେ ରହିବେ ବୋଲି କୁହାଯାଇଛି। ଶୁକ୍ରବାର ଏହି ନିର୍ଦ୍ଦେଶ ଦିଆଯାଇଥିଲେ ମଧ୍ୟ ଶନିବାର ଏ ବିଷୟରେ ସୂଚନା ଦିଆଯାଇଛି। ଜୁନ୍ ୧୨ରେ ବିମାନ ଦୁର୍ଘଟଣାକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି ବୋଲି କୁହାଯାଇଛି। ଅହମଦାବାଦ୍‌ରୁ ଲଣ୍ଡନ ଯାଉଥିବା ଏଆଇ-୧୭୧ ଟେକ୍‌ଅଫ୍ କରିବାର ମାତ୍ର କେତେ ସେକେଣ୍ଡ ମଧ୍ୟରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା। ଫଳରେ ବିମାନ ଏକ ମେଡିକାଲ କଲେଜ ହଷ୍ଟେଲ୍ ଛାତରେ ମାଡ଼ ହୋଇଥିଲା। ଏଥିରେ ମୋଟ୍ ଉପରେ ୨୭୦ଜଣ ଲୋକ ପ୍ରାଣ ହରାଇଥିଲେ।

# ନଡ଼ିଆ ଷଢ଼େଇର କାରିଗର ଉଦ୍ୟୋଗୀ ମାରିଆ

ନଡ଼ିଆକୁ ଶୁଭ ଫଳ ବୋଲି କୁହାଯାଏ । ଏହାର ପ୍ରତ୍ୟେକ ଅଂଶର ଗୁରୁତ୍ୱ ରହିଛି । ସେହିପରି ନଡ଼ିଆ କତାରୁ ପାପୋଛ, ଘର ସାଜଉପକରଣ ଆଦି ପ୍ରସ୍ତୁତ କରାଯାଏ । ହେଲେ ଅଧିକାଂଶ ଲୋକେ ନଡ଼ିଆକୁ ବ୍ୟବହାର କରି ସାରିବା ପରେ ଏହାର ଷଢ଼େଇକୁ ଆବର୍ଜନା ତଥା ଅଦରକାରୀ କହି ଏଣେତେଣେ ଫୋପାଡ଼ି ଦିଅନ୍ତି, କିନ୍ତୁ ଏହି ଅଦରକାରୀ ଷଢ଼େଇକୁ ସଂଗ୍ରହ କରି ସେଥିରୁ ଭଳିକି ଭଳି ଘରକରଣା ଜିନିଷ ପ୍ରସ୍ତୁତ କରି ଜଣେ ସଫଳ ଉଦ୍ୟୋଗୀ ହୋଇପାରିଛନ୍ତି, କେରଳର ମାରିଆ କୁରିୟାକୋସ । ସେ ଏହାଦ୍ୱାରା ନିଜେ ସ୍ୱାବଲମ୍ବୀ ହେବା ସହ ଅନ୍ୟ ମହିଳାଙ୍କୁ ରୋଜଗାର ଦେଇଛନ୍ତି ।





### ବ୍ୟବସାୟ ପ୍ରତି ଆଗ୍ରହ

ମାରିଆ କୁରିଆକୋସ କେରଳ ତ୍ରିଶୂରରେ ରୁହନ୍ତି । ସେ ୨୦୧୬ ମସିହାରେ ଅର୍ଥଶାସ୍ତ୍ରରେ ସ୍ନାତକ କରି ଉଚ୍ଚ ଶିକ୍ଷା ପାଇଁ ବିଦେଶ ଯାଇଥିଲେ । ପାଠପଢ଼ା ପରେ ସେ ଏକ କର୍ପୋରେଟ୍ କମ୍ପାନୀରେ ଚାକିରି କରୁଥିଲେ; କିନ୍ତୁ ଚାକିରିରେ ତାଙ୍କୁ ସନ୍ତୋଷ୍ଟି ମିଳି ନ ଥିଲା । ସେ କିଛି ଭିନ୍ନ ତଥା ନୂଆ କରିବାକୁ ଚାହୁଁଥିଲେ । ଏଥିପାଇଁ ୨୦୧୯ ମସିହାରେ ଚାକିରି ଛାଡ଼ି ସେ ବ୍ୟବସାୟ କରିବାକୁ ଭାବିଥିଲେ । ଏ ନେଇ ବହୁ ଗବେଷଣା କରିଥିଲେ । ତ୍ରିଶୂରରେ ନଡ଼ିଆ ତେଲ ପ୍ରସ୍ତୁତ ହେଉଥିବା ମିଲ୍‌କୁ ସେ ବୁଲିବାକୁ ଯାଇଥିଲେ । ସେଠାରେ ନଡ଼ିଆରୁ ତେଲ ପ୍ରସ୍ତୁତ ପରେ ପଡ଼ି ରହୁଥିବା ଷଢ଼େଇକୁ ସେ ଦେଖିଥିଲେ । ସେହି ଷଢ଼େଇକୁ ଉପଯୋଗ କରି ସେଥିରୁ ଘରକରଣା ସହ ଘରସଜା ଉପକରଣ ତିଆରି କରିବାକୁ ସ୍ଥିର କରିଥିଲେ ।

### ୨୦୧୯ ରେ ଆରମ୍ଭ 'ଥେଙ୍ଗା କୋକୋ'

ମଲୟାଲମରେ ଥେଙ୍ଗା ଶବ୍ଦର ଅର୍ଥ ନଡ଼ିଆ । ମାରିଆ କୁରିଆକୋସ ୨୦୧୯ ମସିହାରେ 'ଥେଙ୍ଗା କୋକୋ' ନାମରେ ଏକ ବ୍ୟବସାୟ ଆରମ୍ଭ କରିଥିଲେ । ଏଥିରେ ସେ ନଡ଼ିଆ ଷଢ଼େଇକୁ ବ୍ୟବହାର କରି ବିଭିନ୍ନ ଘରକରଣା ସାମଗ୍ରୀ ପ୍ରସ୍ତୁତ କରି ବିକ୍ରି କରୁଥିଲେ । ପରବର୍ତ୍ତୀ ସମୟରେ ବହୁ ପରୀକ୍ଷା ନିରୀକ୍ଷା କରି ସେ ଷଢ଼େଇକୁ ଉପଯୋଗ କରି ରୋଷେଇ ସମାଗ୍ରୀ ଯଥା - କପ୍, ପିଠାଖଡ଼ିକା, ଡଙ୍କି, ଗିନା, ଥାଳି ଆଦି ପ୍ରସ୍ତୁତ କରିଥିଲେ । ଏଥିସହ ଗୃହ ସାଜପୋକରଣ ଫୁଲଦାନି, ଧୂପକାଠି ଦାନୀ, କଳସ, ମହମବତୀ, ଝୁମର୍ ଆଦି ଭଳିକି ଭଳି ଜିନିଷ ତିଆରି କରିଥିଲେ । ଏହା ପରିବେଶ ଅନୁକୂଳ ହୋଇଥିବାରୁ ଏହି ଜିନିଷର ଚାହିଦା ବୃଦ୍ଧି ପାଇଥିଲା । ପରବର୍ତ୍ତୀ ସମୟରେ ସେ ଅନ୍ୟ ମହିଳାଙ୍କୁ ନିୟୋଜିତ କରି ସାମଗ୍ରୀ ପ୍ରସ୍ତୁତ କରିଥିଲେ ।

### ପ୍ରାକୃତିକ ଜିନିଷରେ ତିଆରି


ମାରିଆ ନଡ଼ିଆ ଷଢ଼େଇରୁ ନିର୍ମିତ ଉତ୍ପାଦଗୁଡ଼ିକରେ କୌଣସି ରାସାୟନିକ ଜିନିଷ ବ୍ୟବହାର କରୁ ନ ଥିଲେ । ସେ କେବଳ ପ୍ରାକୃତିକ ପଦାର୍ଥ ବ୍ୟବହାର କରି ଏହି ସାମଗ୍ରୀ ପ୍ରସ୍ତୁତ କରିଥିଲେ । ଷଢ଼େଇ ନିର୍ମିତ ଜିନିଷରେ ଚମକ ଆଣିବା ପାଇଁ ସେ ନଡ଼ିଆ ତେଲ ବ୍ୟବହାର କରିଥାନ୍ତି । ଏହାଦ୍ୱାରା ଜିନିଷ ଅଧିକ ସୁନ୍ଦର ଓ ଆକର୍ଷଣୀୟ ଦିଶିଥାଏ । ସେ ପ୍ରଥମେ ଏହାକୁ ଅନ୍‌ଲାଇନ୍‌ରେ ବିକ୍ରି କରିବା ଆରମ୍ଭ କରିଥିଲେ । ଦେଖୁ ଦେଖୁ ବ୍ୟବସାୟ ବୃଦ୍ଧି ହେଲା । ଏବେ ଥେଙ୍ଗା ଏକ ବିଶ୍ୱସ୍ତରୀୟ ବ୍ରାଣ୍ଡ ପାଲଟିଛି ।

### ବିଦେଶରେ ରହିଛି ଚାହିଦା

ନଡ଼ିଆ ଷଢ଼େଇରୁ ନିର୍ମିତ ଜିନିଷ କେବଳ ଭାରତରେ ନୁହେଁ, ବିଦେଶରେ ମଧ୍ୟ ଏହି ସାମଗ୍ରୀର ବେଶ୍ ଚାହିଦା ରହିଛି । ସ୍ପେନ୍, ଡେନ୍‌ମାର୍କ, ଅଷ୍ଟ୍ରେଲିଆ, ବ୍ରିଟେନ୍ ଭଳି ଦେଶରେ ଏହି ବ୍ୟବସାୟ ଲୋକପ୍ରିୟ ହୋଇଛି । ଏବେ ଏହି କମ୍ପାନୀରେ ୪୦ରୁ ଅଧିକ ମହିଳା କାର୍ଯ୍ୟ କରି ପରିବାର ପ୍ରତିପୋଷଣ କରିପାରୁଛନ୍ତି ।

# ଚଷମା ପିନ୍ଧୁଥିଲେ, ଏପରି କରନ୍ତୁ ମେକ୍‌ଅପ୍

ଅନେକ ମହିଳା ଆଖିକୁ ସୂର୍ଯ୍ୟକିରଣରୁ ସୁରକ୍ଷା ଦେବା ତଥା ଷ୍ଟାଇଲ୍ ପାଇଁ ଚଷମା ପିନ୍ଧିଥାନ୍ତି । ଅବଶ୍ୟ ଏହା ବ୍ୟକ୍ତିତ୍ୱକୁ ସୁନ୍ଦର କରିଥାଏ । ତେବେ ଚଷମା ପିନ୍ଧୁଥିବା ମହିଳାମାନେ ମେକ୍‌ଅପ୍ କରିବା ସମୟରେ ବିଶେଷ ଦିଗ ପ୍ରତି ଧ୍ୟାନ ଦେବା ଆବଶ୍ୟକ ।



### ଭ୍ରୂଲତା ପ୍ରତି ଧ୍ୟାନ ଦିଅନ୍ତୁ

ଭ୍ରୂଲତାରେ ପେନ୍‌ସିଲ୍ କିମ୍ବା ପାଉଡର୍ ଲଗାଇ ଏକ ଆକାର ଦିଅନ୍ତୁ । ଏହା ମୁହଁର ସୌନ୍ଦର୍ଯ୍ୟ ବୃଦ୍ଧି କରି ଆଖିକୁ ଆକର୍ଷଣୀୟ କରିଥାଏ ।

### ମ୍ୟାଟ୍ ଫାଉଣ୍ଡେସନ୍

ସାଧାରଣତଃ ଚଷମା ଲଗାଇଲେ ଏହା ନାକ ପାଖରେ ଅଟକି ଥାଏ । ଏହାଦ୍ୱାରା ଫାଉଣ୍ଡେସନ୍, କନ୍‌ସିଲର୍ ବାହାରି ଯିବାର ଆଶଙ୍କା ଥାଏ । ତେଣୁ ଏହାକୁ ରୋକିବା ପାଇଁ ହାଲୁକା ମ୍ୟାଟ୍ ଫାଉଣ୍ଡେସନ୍ ଲଗାଇପାରିବେ ।

### ଆଖି ହାଇଲାଇଟ୍

ସେହିପରି ଚଷମା ଫ୍ରେମ୍ ଅନୁଯାୟୀ ଆଖି ମେକ୍‌ଅପ୍ କରିବା ଭଲ । ଫ୍ରେମ୍ ପତଳା ଥିଲେ ପତଳା ସେପ୍‌ରେ ଆଇ ଲାଇନର୍ ଲଗାନ୍ତୁ । ସେହିପରି ମୋଟା ଫ୍ରେମ୍ ଥିଲେ, ମୋଟା ଆଇଲାଇନର୍ ଲଗାଇପାରିବେ । ଏହା ଦ୍ୱାରା ଆଖି ବଡ଼ ଓ ସୁନ୍ଦର ଦିଶିଥାଏ ।

### ବୋଲ୍ଡ ଲିପ୍‌ଷ୍ଟିକ୍

ଆଖି ମେକ୍‌ଅପ୍ କରିବାକୁ ଚାହୁଁ ନ ଥିଲେ, ଓଠରେ ବୋଲ୍ଡ ଲିପ୍‌ଷ୍ଟିକ୍ ଲଗାଇପାରିବେ । ଏହା ଦ୍ୱାରା ଲୁକ୍ ବାଲାନ୍ସ ହୋଇଥାଏ ।

### ପ୍ରାଇମର୍ ସେଟିଙ୍ଗ ସ୍ପ୍ରେ

ମେକ୍‌ଅପ୍‌କୁ ଦୀର୍ଘ ସମୟ ରଖିବା ପାଇଁ ଆଖି ପ୍ରାଇମର୍ ତଥା ସେଟିଙ୍ଗ ସ୍ପ୍ରେ ବ୍ୟବହାର କରିପାରିବେ ।

# ଶୁଷ୍କ ତ୍ୱଚାର ଘରୋଇ ଉପଚାର

ସାଧାରଣତଃ ଶୁଷ୍କ ତଥା ରୁକ୍ଷ ତ୍ୱଚାକୁ ସତେଜ କରିବା ପାଇଁ ମହିଳାମାନେ ଟୋନର୍ ଲଗାଇଥାନ୍ତି । କିନ୍ତୁ ବଜାରରେ ମିଳୁଥିବା ଟୋନର୍‌ରେ ବହୁ ରସାୟନିକ ଉପାଦାନ ରହିଥାଏ । ଏହା ତ୍ୱଚାକୁ କ୍ଷତି ପହଞ୍ଚାଇଥାଏ । ତେଣୁ ଚାହିଁଲେ ଘରେ ଥିବା ପ୍ରାକୃତିକ ଜିନିଷକୁ ଉପଯୋଗ କରି ଟୋନର୍ ପ୍ରସ୍ତୁତ କରିପାରିବେ । ଏହା ତ୍ୱଚାରେ ଆର୍ଦ୍ରତା ବଜାୟ ରଖିବା ସହ ଚମକ ଆଣିଥାଏ । ଜାଣିବା ସେ ବିଷୟରେ...

### ଗୋଲାପ ଜଳ ଓ ଗ୍ଲିସେରିନ୍

ଗୋଲାପଜଳ ତ୍ୱଚାକୁ ଥଣ୍ଡା ରଖୁଥିବା ବେଳେ, ଗ୍ଲିସେରିନ୍ ତ୍ୱଚାରେ ଆର୍ଦ୍ରତା ବଜାୟ ରଖିଥାଏ । ତେଣୁ ଏହାକୁ ମିଶାଇ ଟୋନର୍ ପ୍ରସ୍ତୁତ କରିପାରିବେ । ଏଥିପାଇଁ ଗୋଟିଏ ପାତ୍ରରେ ତିନିଚାମଚ ଗୋଲାପଜଳ ଓ ଏକ ଚାମଚ ଗ୍ଲିସେରିନ୍ ମିଶାଇ ଏକ ବୋତଲରେ ରଖନ୍ତୁ । ଏହାକୁ ମୁହଁ ଧୋଇବା ପରେ ଲଗାନ୍ତୁ ।

### କାକୁଡ଼ି – ଆଲୋଭେରା

କାକୁଡ଼ି, ଆଲୋଭେରା ତ୍ୱଚାକୁ ଥଣ୍ଡା ରଖିବା ସହ ହାଇଡ୍ରେଟ୍ ରଖିବାରେ ସହାୟକ ହୋଇଥାଏ । ଏହି ଟୋନର ପ୍ରସ୍ତୁତ କରିବା ପାଇଁ ଫାଳେ କାକୁଡ଼ିକୁ ଗ୍ରେଟେଡ୍ କରି ସେଥିରେ ଦୁଇଚାମଚ ଆଲୋଭେରା ଜେଲ୍ ମିଶାନ୍ତୁ । ଏହାକୁ ଫ୍ରିଜ୍‌ରେ ରଖି ତ୍ୱଚାରେ ଲଗାନ୍ତୁ ।



### ଗ୍ରୀନ୍-ଟି ଓ ନିମ୍ବ ପତ୍ର

ଗ୍ରୀନ୍- ଟିରେ ଆଣ୍ଟିଅକ୍ସିଡାଣ୍ଟ ଗୁଣ ରହିଥାଏ । ସେହିପରି ନିମ୍ବରେ ଆଣ୍ଟିବ୍ୟାକ୍ଟେରିଆଲ୍ ଗୁଣ ରହିଥାଏ । ତେଣୁ ଗୋଟିଏ ପାତ୍ରରେ ପାଣିଦେଇ ସେଥିରେ ଗ୍ରୀନ୍ ଟି ଓ ନିମ୍ବପତ୍ର ପକାଇ ଫୁଟାନ୍ତୁ । ଥଣ୍ଡା ହୋଇଯିବା ପରେ ଗୋଟିଏ ବୋତଲକୁ ଢାଳି ଦିଅନ୍ତୁ । ଏହାକୁ ପ୍ରତିଦିନ ତ୍ୱଚାରେ ଲଗାନ୍ତୁ ।



# କକ୍‌ଟେଲ୍ ରିଙ୍ଗ୍

ମହିଳାମାନେ ସୁନ୍ଦର ଓ ଆକର୍ଷଣୀୟ ଦିଶିବା ପାଇଁ ବିଭିନ୍ନ ଅଳଙ୍କାର ପିନ୍ଧିଥାନ୍ତି । ସମୟନୁସାରେ ଏଥିରେ ଭିନ୍ନତା ଦେଖିବାକୁ ମିଳିଥାଏ । ସେହିପରି ଏବେ ଟ୍ରେଣ୍ଡରେ ରହିଛି କକ୍‌ଟେଲ୍ ରିଙ୍ଗ୍ । ଏଥିରେ ଉଭୟ ଆଧୁନିକ ଓ ପାରମ୍ପରିକ ଟଚ୍ ରହିଛି । ଏବର ମହିଳାଙ୍କ ମଧ୍ୟରେ ଏହି ରିଙ୍ଗ୍‌ର ଖୁବ୍ ଚାହିଦା ରହିଛି । ଜାଣିବା ସେ ବିଷୟରେ...




- ବର୍ତ୍ତମାନ ସମୟରେ କକ୍‌ଟେଲ୍ ରିଙ୍ଗ୍ ମହିଳାଙ୍କର ପ୍ରଥମ ପସନ୍ଦ ପାଲଟିଛି । ଏହା ବଜେଟ୍ ଅନୁସାରେ ଭିନ୍ନ ଡିଜାଇନର ମିଳିଥାଏ । ନିଜ ଲୁକ୍‌ରେ ସାମାନ୍ୟ ପରିବର୍ତ୍ତନ ଆଣିବାକୁ ଚାହୁଁଥିଲେ, ଏହି ରିଙ୍ଗ୍ ପିନ୍ଧିପାରିବେ ।
- ସେହିପରି ରୟାଲ୍ କକ୍‌ଟେଲ୍ ରିଙ୍ଗ୍ ଉଭୟ ପାରମ୍ପରିକ ଓ ଆଧୁନିକ ଆଉଟ୍‌ଫିଟ୍‌କୁ ମାନିଥାଏ । ସେହିପରି କାଜୁଆଲ୍ ଆଉଟ୍‌ଫିଟ୍‌ରେ ଏହାକୁ କ୍ୟାରି କଲେ ଏକ ବୋଲ୍ଡ ଲୁକ୍ ମିଳିଥାଏ ।
- ଟ୍ରାଇବାଲ୍ କକ୍‌ଟେଲ୍ ରିଙ୍ଗ୍‌କୁ ସମସ୍ତେ ପିନ୍ଧିପାରିବେ । କାଜୁଆଲ୍ ଲୁକ୍‌କୁ ଏହି ଡିଜାଇନ୍ ଭଲ ମାନିଥାଏ । ଅଫିସିଆଲ୍ ଲୁକ୍‌ରେ ନିଜକୁ ଭିନ୍ନ ଲୁକ୍ ଦେବାକୁ ଚାହୁଁଥିଲେ ଏହା ପିନ୍ଧିପାରିବେ ।

# ଶରୀର ଦୁର୍ଗନ୍ଧ ଦୂର କରନ୍ତୁ...

ବର୍ଷାଦିନେ ଆର୍ଦ୍ରତା ଯୋଗୁଁ ଝାଳ ଅଧିକ ବୋହିଥାଏ । ଫଳରେ ଦେହରୁ ଦୁର୍ଗନ୍ଧ ବାହାରେ । ତେବେ ଏହି ଝାଳ ଦୁର୍ଗନ୍ଧରୁ ରକ୍ଷା ପାଇବା ପାଇଁ କେତେକ ଘରୋଇ ଉପାୟକୁ ଆପଣାଇପାରିବେ ।

- ଶରୀର ଦୁର୍ଗନ୍ଧ ଦୂର କରିବାର ସୁବଠୁ ଭଲ ଉପାୟ ହେଉଛି, ଗୋଲାପ ଜଳ । ଗୋଧାଇବା ପାଣିରେ ଗୋଲାପ ଜଳ ମିଶାନ୍ତୁ । ଏହା ଦ୍ୱାରା ଶରୀରରୁ ଦୁର୍ଗନ୍ଧ ଦୂର ହେବ ।
- ଶରୀରର ଯେଉଁ ଅଂଶରୁ ଦୁର୍ଗନ୍ଧ ଆସୁଛି, ସେହି ସ୍ଥାନରେ ଆଳୁକୁ ବ୍ୟବହାର କରିପାରିବେ । ଆଳୁକୁ କାଟି ଶରୀର ଦୁର୍ଗନ୍ଧ ହେଉଥିବା ସ୍ଥାନରେ ଘଷିଲେ ସମସ୍ୟା ଦୂର ହୁଏ ।



- ଗାଧୋଇବା ପାଣିରେ ଫିଟ୍‌କିରି ମିଶାଇପାରିବେ । ଏଥିରେ କିଛି ପୋଦିନା ପତ୍ର ମଧ୍ୟ ବାଟି ପକାଇପାରିବେ ।
- ଗୋଲାପ ଜଳରେ ଟି-ଟ୍ରି ଅଏଲ୍ ମିଶାଇ କାଖରେ ଲଗାଇଲେ ଦୁର୍ଗନ୍ଧ ବାହାରି ନ ଥାଏ ।
- ସେହିପରି ବେକିଂ ସୋଡାରେ ପାଣି ମିଶାଇ ସେଥିରେ ଲେମ୍ବୁ ରସ ମିଶାନ୍ତୁ । ଦଶ ମିନିଟ୍ ପର୍ଯ୍ୟନ୍ତ କାଖରେ ଲଗାଇ ଧୋଇ ଦିଅନ୍ତୁ । ଝାଳ ଦୁର୍ଗନ୍ଧ ଦୂର ହେବ ।

ମୋ ହାଣ୍ଡିଶାଳରୁ...

# ଅଣ୍ଡା କୋର୍ମା

### ଆବଶ୍ୟକ ସାମଗ୍ରୀ

ସିଝା ଅଣ୍ଡା - ଚାରୋଟି, କଟା ପିଆଜ - ଏକ କପ୍, ଅଦାରସୁଣ ପେଷ୍ଟ - ଏକ ଚାମଚ, କାଜୁ - ଚାରି, ପାଞ୍ଚଟି, ଦହି - ଅଧା କପ୍, ହଳଦୀ ଗୁଣ୍ଡ - ଏକ ଚାମଚ, ଲଙ୍କା ଗୁଣ୍ଡ - ଏକ ଚାମଚ, ଜିରା ଗୁଣ୍ଡ - ଏକ ଚାମଚ, ଧନିଆଗୁଣ୍ଡ- ଏକ ଚମଚା, ଗରମମସଲା- ଏକ ଚାମଚ, ଡାଲଚିନି - ଛୋଟ ଖଣ୍ଡେ, ଜିରା - ଅଳ୍ପ, ଲୁଣ - ସ୍ୱାଦ ଅନୁସାରେ, ତେଲ - ଆବଶ୍ୟକତା ଅନୁସାରେ ।

### ପ୍ରସ୍ତୁତି ପ୍ରଣାଳୀ

ଗ୍ୟାସ୍ ଲଗାଇ କଡ଼େଇ ବସାଇ ତେଲ ଦିଅନ୍ତୁ । ଏହାପରେ କଟା ପିଆଜ ଦେଇ ଭାଜନ୍ତୁ । ପିଆଜ ନାଲି ହୋଇଯିବା ପରେ ଏହାକୁ ଏକ ପାତ୍ରକୁ କାଢ଼ି ଦିଅନ୍ତୁ । ଥଣ୍ଡା ହୋଇଗଲେ ଜାର୍‌ରେ ପିଆଜ, କାଜୁ, କଞ୍ଚାଲଙ୍କା, ଦହି ଦେଇ ବାଟନ୍ତୁ । ଏହାପରେ ଚୁଲାରେ କଡ଼େଇ ବସେଇ ତେଲ ଦେଇ ହଳଦୀ, ଲଙ୍କା ଗୁଣ୍ଡ ପକାଇ ସିଝାଅଣ୍ଡା ଭାଜନ୍ତୁ । ଭାଜି ହୋଇଯିବା ପରେ ଏକ ପ୍ଲେଟ୍‌କୁ କାଢ଼ି ଦିଅନ୍ତୁ । ସେହି କଡ଼େଇରେ ଅଳ୍ପ ତେଲ ଦେଇ ଡାଲଚିନି, ଜିରା, ଅଦାରସୁଣ ପେଷ୍ଟ ପକାଇ ଲଙ୍କା, ହଳଦୀ, ଜିରା ଗୁଣ୍ଡ ପକାନ୍ତୁ । ଏହାପରେ ବାଟି ରଖିଥିବା ମସଲା ଦେଇ କଷନ୍ତୁ । ସେଥିରେ ଅଳ୍ପ ପାଣି ଦେଇ ଆବଶ୍ୟକ ଅନୁସାରେ ଲୁଣ ମିଶାଇ କିଛି ସମୟ ଘୋଡ଼ାଇ ଦିଅନ୍ତୁ । ଏହାପରେ ଭଜା ଅଣ୍ଡା ଦେଇ ଅଳ୍ପ ସମୟ ଘୋଡ଼େଇ ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା 'ଅଣ୍ଡା କୋର୍ମା' ।



# ଅର୍ଗାନିକ ହେୟାର୍ କଲର୍‌ର ଫାଇଦା



ଅଧିକାଂଶ ମହିଳା ବଜାରର ମିଳୁଥିବା ରଙ୍ଗକୁ ବ୍ୟବହାର କରି ହେୟାର୍ କଲର୍ କରିଥାନ୍ତି । ହେଲେ ଏଥିରେ ଅଧିକ ମାତ୍ରାରେ ଆମୋନିଆ, ପେରକ୍ସାଇଡ୍ ଭଳି ରସାୟନ ରହିଥାଏ । ଯାହା କେଶକୁ ଦୁର୍ବଳ ଓ ରୁକ୍ଷ କରିଥାଏ ; କିନ୍ତୁ ପ୍ରାକୃତିକ ରଙ୍ଗରେ କୌଣସି ପ୍ରକାର ରସାୟନ ନଥାଏ । ଏହା କେଶକୁ ମଜଭୂତ କରି କେଶଝଡ଼ା ରୋକିଥାଏ ।

- ପ୍ରାକୃତିକ ରଙ୍ଗରେ ଅଁଳା, ମେହେନ୍ଦୀ ଭଳି ତତ୍ତ୍ୱ ରହିଥାଏ । ଏହା କେଶକୁ ରଙ୍ଗିନ୍ କରିବା ସହ ପୋଷଣ ଦେଇଥାଏ । ଏହା ଦ୍ୱାରା କେଶ ମଜଭୂତ ରହିଥାଏ ।
- ରସାୟନିକ ରଙ୍ଗ ଦ୍ୱାରା ଅନେକ ସମୟରେ କେଶମୂଳ କୁଣ୍ଡାଇ ହୋଇଥାଏ; କିନ୍ତୁ ପ୍ରାକୃତିକ ରଙ୍ଗ ନରମ ହୋଇଥାଏ । ଏହା କେଶମୂଳକୁ ସୁସ୍ଥ ରଖିବାରେ ସହାୟକ ହୋଇଥାଏ ।
- ଏହା କହରା କେଶରେ ପ୍ରାକୃତିକ ଚମକ ଆଣିଥାଏ । ଏହା କେଶକୁ ଘନକଳା ଓ ମଜଭୂତ କରିଥାଏ ।
- ପ୍ରାକୃତିକ ରଙ୍ଗ ସର୍ବଦା ପରିବେଶ ଅନୁକୂଳ ହୋଇଥାଏ । ତେଣୁ ଏହା କେଶକୁ କୌଣସି ପ୍ରକାର କ୍ଷତି ପହଞ୍ଚାଏ ନାହିଁ ।

■ ୯ ବର୍ଷରୁ କମ୍ ଜାତୀୟ ଚେସ୍

# ଓଡ଼ିଶାର ସାତ୍ତ୍ୱିକ ଚାମ୍ପିଅନ



ଭୁବନେଶ୍ୱର, ୨୧।୬ (ସମିସ): ଓଡ଼ିଶାର କୁନି ଚେସ୍ ଖେଳାଳି ସାତ୍ତ୍ୱିକ ସ୍ୱାଇଁ ଜାତୀୟ ପ୍ରତିଯୋଗିତାରେ ଚାମ୍ପିଅନ ହୋଇ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଗୁରୁଗ୍ରାମରେ ଅନୁଷ୍ଠିତ ୯ ବର୍ଷରୁ କମ୍ ଜାତୀୟ ଓପନ୍ ଚେସ୍ ପ୍ରତିଯୋଗିତାର ୩୮ତମ ସଂସ୍କରଣରେ ସାତ୍ତ୍ୱିକ ଟାଇଟଲ୍ ଜିତିଛନ୍ତି। ସେ ୧୦ ପଏଣ୍ଟ ସ୍କୋର କରି ପ୍ରଥମ ସ୍ଥାନ ହାସଲ କରିଥିଲେ। ଉଲ୍ଲେଖନୀୟ କଥା ହେଉଛି, ସାତ୍ତ୍ୱିକ ଏଥିପୂର୍ବରୁ ୨୦୨୪ରେ ଇଟାଲୀରେ ଅନୁଷ୍ଠିତ ୮ ବର୍ଷରୁ କମ୍ ବିଶ୍ୱ ଚାମ୍ପିଅନସିପ୍‌ରେ ରୌପ୍ୟ ସଫଳତା ପାଇଥିଲେ। ବର୍ତ୍ତମାନ ତାଙ୍କର ରେଟିଂ ୧୮୭୫ ରହିଛି। ସାତ୍ତ୍ୱିକଙ୍କ ଏହି ସଫଳତା ଲାଗି ତାଙ୍କ ବାପା ସମ୍ବିତ ସ୍ୱାଇଁ, ମାଆ ସୋନମ ସ୍ୱାଇଁ ଓ ସାନ ଭାଇ ରିଦ୍ୱିକଙ୍କ ସମେତ ପରିବାରରେ ଖୁସିର ଲହରି ଖେଳିଯାଇଛି।

# ଭାରତୀୟ ପୁରୁଷ ଓ ମହିଳା ହକିର ପରାଜୟ ଧାରା ଜାରି

ଆଣ୍ଟୱର୍ପ, ୨୧।୬ (ଏଜେନ୍ସି): ଚଳିତ ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ଭାରତର ଉଭୟ ପୁରୁଷ ଓ ମହିଳା ଦଳ ୟୁରୋପ୍ ଗସ୍ତରେ ପରାଜୟ ଧାରା ଜାରି ରଖିଛନ୍ତି। ଶନିବାର ଭାରତର ଉଭୟ ପୁରୁଷ ଓ ମହିଳା ଦଳ ବେଲ୍‌ଜିୟମ ନିକଟରୁ ପରାଜୟର ସମ୍ମୁଖୀନ ହୋଇଥିଲେ। ୟୁରୋପ୍ ପର୍ଯ୍ୟାୟରେ ଭାରତୀୟ ପୁରୁଷ ଦଳର ଏହା କ୍ରମାଗତ ୭ମ ପରାଜୟ ଥିଲା। ସେହିଭଳି ମହିଳା ଦଳ କ୍ରମାଗତ ୫ଟି ମ୍ୟାଚରେ ହାରିଛି। ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ପୁରୁଷ ବିଭାଗରେ ଶନିବାର ରାତିରେ ଭାରତ ୩-୬ ଗୋଲ୍‌ରେ ବେଲ୍‌ଜିୟମ ନିକଟରୁ ମ୍ୟାଚ୍ ହାରିଯାଇଥିଲା। ଭାରତ ପକ୍ଷରୁ ଅମିତ୍ ରୋହିଦାସ, ମନଦୀପ୍ ସିଂହ ଓ ଦିଲ୍‌ପ୍ରୀତ୍ ସିଂହ ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ଚଳିତ ପ୍ରୋ ଲିଗ୍‌ରେ ଭାରତର ଏହା ୧୫ତମ ମ୍ୟାଚରୁ ୧୦ମ ପରାଜୟ ଥିଲା। ଅପରପକ୍ଷରେ ଭାରତୀୟ ମହିଳା ହକି ଦଳ ମଧ୍ୟ ୧-୫ ଗୋଲ୍‌ରେ ଶକ୍ତିଶାଳୀ ବେଲ୍‌ଜିୟମ ନିକଟରୁ ପରାସ୍ତ ହୋଇଛି। ଭାରତ ପକ୍ଷରୁ ଦୀପିକା ଏକମାତ୍ର ଗୋଲ୍‌ଟି ଦେଇଥିଲେ। ଚଳିତ ୟୁରୋପ ଲେଗ୍‌ରେ ଭାରତୀୟ ମହିଳା ଦଳର ଏହା କ୍ରମାଗତ ୫ମ ପରଜୟ। ଏଥିପୂର୍ବରୁ ଭାରତୀୟ ମହିଳା ଦଳ ଅଷ୍ଟ୍ରେଲିଆ ଓ ଆର୍ଜେଣ୍ଟିନା ନିକଟରୁ ଦୁଇଥର ଲେଖାଏ ପରାସ୍ତ ହୋଇଥିଲା।

# କିଟ୍‌ରେ ଯୋଗଦିବସ ପାଳିତ



ଭୁବନେଶ୍ୱର, ୨୧।୬ (ସମିସ): ଏଗାରତମ ଅନ୍ତର୍ଜାତୀୟ ଯୋଗ ଦିବସ ଶନିବାର କିଟ୍ ଓ କିସ୍ ବିଶ୍ୱବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ଦିଲ୍ଲୀ ବିଶ୍ୱବିଦ୍ୟାଳୟର ପ୍ରଫେସର ଧର୍ମେନ୍ଦ୍ର କୁମାର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସେହିଭଳି କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ସମ୍ମାନିତ ଅତିଥିଭାବେ ଉପସ୍ଥିତ ରହି ଯୋଗର ଉପକାରିତା ଉପରେ ମତ ରଖିଥିଲେ। ଏଥିସହ ନିରନ୍ତର ଯୋଗ କରିବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କିଟ୍‌ର ସ୍କୁଲ ଅଫ୍ ସ୍ପୋର୍ଟ୍ସ ଆଣ୍ଡ ୟୋଗିକ ସାଇନ୍ସର ଅଧ୍ୟାପକ ଓ ଛାତ୍ରଛାତ୍ରୀଙ୍କ ସମେତ ବିଶ୍ୱବିଦ୍ୟାଳୟର ସମସ୍ତ ବରିଷ୍ଠ କର୍ମକର୍ତ୍ତା, ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କିଟ୍ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସରଣଜିତ୍ ସିଂହ, ରେଜିଷ୍ଟ୍ରାର ଜ୍ଞାନରଞ୍ଜନ ମହାନ୍ତି, ବିଶ୍ୱବିଦ୍ୟାଳୟର କ୍ରୀଡ଼ା ନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାଶ ପ୍ରମୁଖ ଉପସ୍ଥିତ ରହିଥିଲେ।

ଲିଡ୍ସ ଟେଷ୍ଟ ୨ୟ ଦିନ

# ପନ୍ତଙ୍କ ଶତକ ସତ୍ତ୍ୱେ ଭାରତ ୪୭୧ରେ ସୀମିତ

ଲିଡ୍ସ, ୨୧।୬ (ଏଜେନ୍ସି):

ଘରୋଇ ଇଂଲଣ୍ଡ ବିପକ୍ଷରେ ଏଠାରେ ଚାଲିଥିବା ପ୍ରଥମ ଟେଷ୍ଟର ପ୍ରଥମ ପାଳିରେ ଭାରତ ୪୭୧ ରନ କରି ଅଲ୍‌ଆଉଟ୍ ହୋଇଯାଇଛି। ଦ୍ୱିତୀୟ ଦିବସରେ ୱିକେଟ୍‌କିପର ଋଷଭ ପନ୍ତ ଦମ୍‌ଦାର ଶତକୀୟ ପାଳି ଖେଳିବାରୁ ଭାରତର ସ୍କୋର ୪୫୦ ରନ ଅତିକ୍ରମ କରିଥିଲା। ଭାରତୀୟ ପାଳିରେ ଏହା ୩ୟ ଶତକ ଥିଲା। ପୂର୍ବରୁ ପ୍ରଥମ ଦିବସରେ ଅଧିନାୟକ ଶୁବମନ ଗିଲ୍ ଓ ଓପନର୍ ଯଶସ୍ୱୀ ଜୟସ୍ୱାଲ ରନର ଶତକୀୟ ପାଳି ଖେଳିଥିଲେ।

## ଓଲି ପୋପ୍‌ଙ୍କ ଶତକ

ଜବାବରେ ପ୍ରଥମ ପାଳି ଆରମ୍ଭ କରିଥିବା ଇଂଲଣ୍ଡ ଶନିବାର ଷ୍ଟମ୍ପସ୍ ସୁଦ୍ଧା ୪୯ ଓଭରରେ ୩ ୱିକେଟ୍ ହରାଇ ୨୦୯ ରନ କରି ଦୃଢ଼ ଜବାବ ଦେଇଛି। ଓଲି ପୋପ୍ ୧୦୦ ଓ ହ୍ୟାରି ବ୍ରୁକ୍ କୌଣସି ରନ୍ ନ କରି ଅପରାଜିତ ରହିଛନ୍ତି। ପୂର୍ବରୁ ପାଳିର ପ୍ରଥମ ଓଭରରେ ଓପନର୍ ଜାକ୍ କ୍ରାଲୀ ୪ ଏବଂ ପରେ ବେନ୍ ଡକେଟ ୬୨ ଓ ଜୋ ରୁଟ୍ ୨୮ ରନ କରି ଆଉଟ୍ ହୋଇଛନ୍ତି। ବୁମ୍‌ରାଙ୍କୁ ୩ଟି ଯାକ ୱିକେଟ୍ ମିଳିଛି। ଇଂଲଣ୍ଡ ଆହୁରି ୨୬୨ ରନ୍ ପଛରେ ରହିଛି।

## ୪୧ ରନରେ ଶେଷ ୭ ୱିକେଟ୍

ପୂର୍ବଦିନର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୩୫୯/୩ରୁ ଶନିବାର ଭାରତ ଖେଳ ଆରମ୍ଭ କରିଥିଲା। ଦୁଇ ଅପରାଜିତ ବ୍ୟାଟର୍ ଅଧିନାୟକ ଗିଲ୍ ୧୨୭ ଓ ପନ୍ତ ୬୫ ରନରୁ ଆଜି ସକାଳେ ସତର୍କତାର ସହ ବ୍ୟାଟିଂ କରିଥିଲେ। ତେବେ ଅଧିନାୟକ ଗିଲ୍ ନିଜ ସ୍କୋରରେ ଆଉ ୨୦ ରନ ଯୋଡ଼ି ସ୍ପିନର ସୋଏବ ବସିରଙ୍କ ବଲ୍‌ରେ ଆଉଟ୍ ହୋଇଥିଲେ। ୧୪୭ ରନର ପାଳିରେ ସେ ୧୯ ଚୌକା ଓ ଗୋଟିଏ ଛକା ମାରିଥିଲେ। ଆଉଟ୍ ହେବା ପୂର୍ବରୁ ପନ୍ତଙ୍କ ସହ ୪ର୍ଥ ୱିକେଟ୍‌ରେ ଗିଲ୍ ୨୦୯ ରନର ଭାଗୀଦାରି ଗଢ଼ିଥିଲେ। ଏହାପରେ ବ୍ୟାଟିଂ କରିବାକୁ ଆସିଥିବା କରୁନ ନାୟାର ସମ୍ପୂର୍ଣ୍ଣ ନିରାଶ କରିଥିଲେ। ଦୀର୍ଘ ୮ ବର୍ଷର ବ୍ୟବଧାନ ପରେ ଟେଷ୍ଟ ମ୍ୟାଚ୍ ଖେଳିବାର ସୁଯୋଗ ପାଇଥିବା କରୁନ ଖାତା ଖୋଲିବା ପୂର୍ବରୁ ବେନ୍ ଷ୍ଟୋକ୍‌ଙ୍କ ବଲରେ ପ୍ୟାଭିଲିୟନ ଫେରିଥିଲେ। ସେହିଭଳି ପରେ ପରେ ପନ୍ତ ମଧ୍ୟ ୧୩୪ ରନ କରି ଦ୍ରୁତ ବୋଲର ଜୋଶ ଟଙ୍ଗଙ୍କ ପ୍ରଥମ ଶିକାର ବନିଥିଲେ। ପନ୍ତ ତାଙ୍କ ୧୭୮ ବଲ୍ ପାଳିରେ ୧୨ ଚୌକା ଓ ୬ ଛକା ମାରିଥିଲେ। ଏହାପରେ ଭାରତୀୟ ନିମ୍ନକ୍ରମର ବ୍ୟାଟିଂ ବିଫଳତା ଯୋଗୁ ଦଳ ୪୭୧ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ରବୀନ୍ଦ୍ର ଜାଡେଜା ୧୧, ପ୍ରସିଦ୍ଧ କ୍ରିଷ୍ଣା ଓ ଶାର୍ଦ୍ଦୁଳ ଠାକୁର ୧ ରନ ଲେଖାଏ କରିଥିବାବେଳେ ବୁମ୍‌ରା ଖାତା ଖୋଲିପାରି ନ ଥିଲେ। ମହମ୍ମଦ ସିରାଜ ୩ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ଷ୍ଟୋକ୍ ଓ ଟଙ୍ଗ ୪ଟି ଲେଖାଏ ୱିକେଟ୍ ନେଇଥିଲେ। ଏକଦା ୪୩୦ ରନରେ ୩ ୱିକେଟ୍ ହରାଇଥିବା ଭାରତ ପରବର୍ତ୍ତୀ ୪୧ ରନରେ ଶେଷ ୭ ୱିକେଟ୍ ହରାଇ ଅଲ୍‌ଆଉଟ୍ ହୋଇଥିଲା। ଫଳରେ ୫୦୦ ରନ ଅତିକ୍ରମ କରିବାର ସୁଯୋଗକୁ ଦଳ ହାତଛଡ଼ା କରିଥିଲା। ସେହିଭଳି ଟେଷ୍ଟ ମ୍ୟାଚର ଗୋଟିଏ ପାଳିରେ ୩ଟି ଶତକ ସହ ସର୍ବନିମ୍ନ ଦଳୀୟ ସ୍କୋର କରିବାରେ ଏହା ଏକ ଅଲୋଡ଼ା ରେକର୍ଡ ହୋଇଛି। ପୂର୍ବରୁ ୨୦୧୬ରେ ଇଂଲଣ୍ଡ ବିପକ୍ଷରେ ଦକ୍ଷିଣ ଆଫ୍ରିକା ୩ଜଣ ବ୍ୟାଟର୍‌ଙ୍କ ଶତକ ସତ୍ତ୍ୱେ ୪୭୫ ରନରେ ସୀମିତ ରହିଥିଲା।



ଚାରୋଟି ଲେଖାଏଁ ୱିକେଟ୍ ନେଇଥିବା ଇଂଲଣ୍ଡର ଜୋଶ ଟଙ୍ଗ୍ ଓ ବେନ୍ ଷ୍ଟୋକ୍

## ୧୪୮ ବର୍ଷ ଟେଷ୍ଟ ଇତିହାସରେ ପ୍ରଥମ

ଇଂଲଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚର ପ୍ରଥମ ପାଳିରେ ଭାରତ ୪୭୧ ରନ କରି ଅଲ୍‌ଆଉଟ୍ ହୋଇଯାଇଛି। ଭାରତୀୟ ପାଳିରେ ୩ଟି ଶତକ ଦେଖିବାକୁ ମିଳିଥିଲା। ଅଧିନାୟକ ଗିଲ୍ ସର୍ବାଧିକ ୧୪୭ ରନ କରିଥିବାବେଳେ ଉପ-ଅଧିନାୟକ ଋଷଭ ପନ୍ତ ୧୩୪ ରନର ପାଳି ଖେଳିଥିଲେ। ସେହିଭଳି ଓପନର୍ ଯଶସ୍ୱୀ ଜୟସ୍ୱାଲ ମଧ୍ୟ ୧୦୧ ରନ କରିଥିଲେ। ତେବେ ଟେଷ୍ଟ କ୍ରିକେଟ୍‌ର ୧୪୮ ବର୍ଷ ଇତିହାସରେ ପ୍ରଥମଥର ଲାଗି ଏକବିରଳ ଘଟଣା ଦେଖିବାକୁ ମିଳିଛି। ଟେଷ୍ଟ କ୍ରିକେଟ୍‌ରେ ପ୍ରଥମଥର ଲାଗି ଅଧିନାୟକ ଓ ଉପ-ଅଧିନାୟକ ଭାବେ ପଦାର୍ପଣ କରି ପ୍ରଥମ ପାଳିରେ ଶତକ ହାସଲ କରିବାରେ ଉଭୟ ଗିଲ୍ ଓ ପନ୍ତ ପ୍ରଥମ ଅଧିନାୟକ ଓ ଉପ-ଅଧିନାୟକ ଯୋଡ଼ି ହୋଇଛନ୍ତି। ଗିଲ୍ ଓ ପନ୍ତ ପ୍ରଥମଥର ଲାଗି ଯଥାକ୍ରମେ ଭାରତୀୟ ଟେଷ୍ଟ ଦଳର ଅଧିନାୟକ ଓ ଉପ-ଅଧିନାୟକ ଭାର ଏହି ଟେଷ୍ଟରେ ସମ୍ଭାଳିଛନ୍ତି।

## ଶତକରେ ଧୋନିଙ୍କୁ ଟପିଲେ ଋଷଭ



ଶତକୀୟ ପାଳି ଅବସରରେ ଭାରତୀୟ ୱିକେଟ୍‌କିପର ଋଷଭ ପନ୍ତ ଏକାଧିକ କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ଟେଷ୍ଟ କ୍ରିକେଟ୍‌ରେ ପନ୍ତଙ୍କ ଏହା ୭ମ ଶତକ ଥିଲା। ଏଥିସହ ଭାରତୀୟ ୱିକେଟ୍‌କିପର ଭାବେ ଟେଷ୍ଟରେ ସର୍ବାଧିକ ଶତକ ଅର୍ଜନ କରିବାର ପନ୍ତ ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନିଙ୍କୁ ପଛରେ ପକାଇଦେଇଛନ୍ତି। ଧୋନି ୯୦ ଟେଷ୍ଟ ଖେଳି ୬ ଶତକ ଓ ୩୩ ଅର୍ଦ୍ଧଶତକ ହାସଲ କରିଥିଲେ। ପନ୍ତ କିନ୍ତୁ ନିଜର ୪୪ତମ ଟେଷ୍ଟ ମ୍ୟାଚରେ ୭ମ ଶତକ ଅର୍ଜନ କରିଛନ୍ତି। ଏଥିସହ ସେ ଟେଷ୍ଟରେ ସର୍ବାଧିକ ଶତକ ହାସଲକାରୀ ଭାରତୀୟ ୱିକେଟ୍‌କିପର ହୋଇଛନ୍ତି। ଏହି ତାଲିକାରେ ପନ୍ତ ଓ ଧୋନିଙ୍କ ପଛକୁ ଋଦ୍ଧିମାନ ଶାହ (୩ଟି ଶତକ) ୩ୟ ସ୍ଥାନରେ ରହିଛନ୍ତି। ବିଶ୍ୱରେ ଟେଷ୍ଟରେ ସର୍ବାଧିକ ଶତକ ହାସଲକାରୀ ୱିକେଟ୍‌କିପର ଭାବେ ଅଷ୍ଟ୍ରେଲିଆର ଆଦାମ ଗିଲ୍‌କ୍ରାଷ୍ଟ ଶୀର୍ଷରେ ରହିଛନ୍ତି। ସେ ୧୭ଟି ଟେଷ୍ଟ ଶତକ ହାସଲ କରିଥିଲେ। ଆଣ୍ଡି ଫ୍ଲାୱାର (୧୨), ଲିସ୍ ଆମିସ୍ (୮), ଏବି ଡି ଭିଲର୍ସ (୭), ମ୍ୟାଟ୍ ପ୍ରାୟର (୭), କୁମାର ସାଙ୍ଗାକାରା (୭), ବିଜେ ୱାଟଲିଂ (୭) ଓ ପନ୍ତ (୭) ତାଲିକାରେ ପଛକୁ ସ୍ଥାନ ପାଇଛନ୍ତି।

# ଜୁନ ୨୩ରେ ଆଇଓସି ପାଳନ କରିବ 'ଲେଟ୍ସ ମୁଭ୍'

ଭୁବନେଶ୍ୱର, ୨୧।୬ (ସମିସ): ଅଭିନବ ବିନ୍ଦ୍ରା ଫାଉଣ୍ଡେସନ ଓ ରିଲାଏନ୍ସ ଫାଉଣ୍ଡେସନ ସହ ସହଭାଗୀତାରେ ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି)ର ବିଶ୍ୱସ୍ତରୀୟ ଅଭିଯାନ 'ଲେଟ୍ସ ମୁଭ' ଜୁନ ୨୩ରେ ଭାରତରେ ପାଳିତ ହେବ। ଏହି ଦିନ ଅଲିମ୍ପିକ ଦିବସ ପଡୁଥିବାବେଳେ ଲେଟ୍ସ ମୁଭର ନୂତନ ସଂସ୍କରଣ 'ଲେଟ୍ସ ମୁଭ +୧' ସାରା ଦେଶରେ ପାଳନ କରାଯିବ। ସାରା ଦେଶର ଲୋକମାନଙ୍କ ଶାରୀରିକ ଓ ମାନସିକ ସୁସ୍ଥତା ବୃଦ୍ଧି ପାଇଁ କ୍ରୀଡ଼ାର ଶକ୍ତିକୁ ଅନୁଭବ କରିବା ଏବର୍ଷର ବିଷୟବସ୍ତୁ ରହିଛି। ଅଲିମ୍ପିକ ମୂଲ୍ୟବୋଧର ଶିକ୍ଷା କାର୍ଯ୍ୟକ୍ରମ (ଓଭିଇପି)ର ଅଂଶ ଭାବରେ ସାରା ଦେଶର ସ୍କୁଲଗୁଡ଼ିକୁ ଏହି ଆନ୍ଦୋଳନରେ ଯୋଗଦେବାକୁ ଆମନ୍ତ୍ରଣ କରାଯାଇଛି। ୧୪୫୦ ସ୍କୁଲର ପିଲା ଏଥିରେ ଭାଗନେଇ ଅଲିମ୍ପିଆନ ତଥା ପ୍ରସିଦ୍ଧ ତୀରନ୍ଦାଜ ଅତନୁ ଦାସ ଓ ଦୀପିକା କୁମାରୀଙ୍କ ସହ ଭାବବିନିମୟ କରିବାର ସୁଯୋଗ ପାଇବେ। ସେହିଭଳି ଅଭିନବ ବିନ୍ଦ୍ରା ଫାଉଣ୍ଡେସନ ରହିଥିବା ଓଡ଼ିଶା, ଆସାମ, ଚଣ୍ଡିଗଡ଼ରେ ଏଥର ୧୨ ନିୟୁତରୁ ଊର୍ଦ୍ଧ୍ୱ ସ୍କୁଲ ପିଲା ଭାଗନେବେ ବୋଲି ଆଶା କରାଯାଉଛି। ଏହି ଅବସରରେ ୨୦୦୮ ବେଜିଂ ଅଲିମ୍ପିକ ସ୍ୱର୍ଣ୍ଣ ବିଜେତା ଅଭିନବ ବିନ୍ଦ୍ରା କହିଛନ୍ତି, 'ଚଣ୍ଡିଗଡ଼, ଓଡ଼ିଶା ଓ ଆସାମରେ ଅଲିମ୍ପିକ ମୂଲ୍ୟବୋଧ ଶିକ୍ଷା କାର୍ଯ୍ୟକ୍ରମ ଏବଂ ଭାରତରେ ପ୍ରଥମଥର 'ଲେଟ୍ସ ମୁଭ' ଅଭିଯାନ ମାଧ୍ୟମରେ ଆମେ ଲକ୍ଷ୍ୟ ରଖିଛୁ କ୍ରୀଡ଼ା ଜରିଆରେ ପରବର୍ତ୍ତୀ ପିଢ଼ିକୁ ପ୍ରେରଣା, ଉନ୍ନତି ଓ ସଶକ୍ତ କରିପାରିବୁ।




# ପ୍ୟାରିସ୍ ଡାଏମଣ୍ଡ ଲିଗ୍‌ରେ ନୀରଜଙ୍କ ବାଜିମାତ୍

## ୮୮.୧୬ମିଟର ସହ ବର୍ଷର ପ୍ରଥମ ମେଜର୍ ଟାଇଟଲ୍

ପ୍ୟାରିସ୍,୨୧।୬(ଏଜେନ୍ସି): ଦୁଇଥର ଅଲିମ୍ପିକ୍ସ ପଦକ ହାସଲ କରିଥିବା ଭାରତୀୟ ଆଥଲେଟିକ ସୁପରଷ୍ଟାର ନୀରଜ ଚୋପ୍ରା ପ୍ୟାରିସ ଡାଏମଣ୍ଡ ଲିଗ୍‌ରେ ବାଜି ମାରିଛନ୍ତି। ୨୭ ବର୍ଷୀୟ ନୀରଜ ପ୍ରଥମ ରାଉଣ୍ଡରେ ୮୮.୧୬ ମିଟର ଜାଭେଲିନ୍ ଫିଙ୍ଗି ବିଜୟ ସୁନିଶ୍ଚିତ କରିଥିଲେ। ସେ ଜର୍ମାନୀର ଜିଲିଆନ ୱେବରଙ୍କୁ ପଛରେ ପକାଇ ପ୍ରଥମ ସ୍ଥାନରେ ରହିଥିଲେ। ୱେବେର ୮୭.୮୮ ମିଟର ଥ୍ରୋ କରି ଦ୍ୱିତୀୟ ସ୍ଥାନରେ ରହିଥିଲେ। ଶୁକ୍ରବାର ବିଳମ୍ବିତ ରାତିରେ ଅନୁଷ୍ଠିତ ଜାଭେଲିନ ଥ୍ରୋ ପ୍ରତିଯୋଗିତାରେ ବ୍ରାଜିଲର ଲୁଇଜ୍ ମୌରିସିଓ ଡି ସିଲ୍‌ଭା ୮୬.୬୨ ମିଟର ଥ୍ରୋ କରି ତୃତୀୟ ସ୍ଥାନରେ ରହିଥିଲେ। ଗତ ମେ ୧୬ରେ ଅନୁଷ୍ଠିତ ଦୋହା ଡାଏମଣ୍ଡ ଲିଗ୍‌ରେ ନୀରଜ କ୍ୟାରିୟରରେ ପ୍ରଥମଥର ପାଇଁ ୯୦ମି ପାର କରିଥିଲେ। ଏଥିରେ ସେ ୯୦.୨୩ ମିଟର ଥ୍ରୋ କରିଥିଲେ ମଧ୍ୟ ଦ୍ୱିତୀୟ ସ୍ଥାନରେ ରହିଥିଲେ। ୱେବର ୯୧.୦୬ ମିଟର ଥ୍ରୋ କରି ପ୍ରଥମ ସ୍ଥାନରେ ରହିଥିଲେ। ଏବେ ପ୍ୟାରିସରେ ୱେବରଙ୍କଠାରୁ ନୀରଜ ମଧୁର ପ୍ରତିଶୋଧ ନେଇଛନ୍ତି। ଏଥିସହ ସେ ଚଳିତ ବର୍ଷ ପ୍ରଥମଥର ପାଇଁ କୌଣସି ମେଜର ପ୍ରତିଯୋଗିତାରେ ବିଜୟୀ ହୋଇଛନ୍ତି। ପୁଣି ଗତ ଦୁଇବର୍ଷ ମଧ୍ୟରେ ନୀରଜ ପ୍ରଥମଥର ପାଇଁ ଡାଏମଣ୍ଡ ଲିଗ୍‌ରେ ବିଜୟ ହାସଲ କରିଛନ୍ତି।



## ୩ଟି ପ୍ରୟାସ ଫାଉଲ ଥିଲା

ପ୍ୟାରିସ୍‌ରେ ୬ଟି ଥ୍ରୋରୁ ନୀରଜଙ୍କ ୩ଟି ଫାଉଲ୍ ଥିଲା। ସେ ପ୍ରଥମ ଥ୍ରୋରେ ହିଁ ୮୮.୧୬ ମିଟର ଥ୍ରୋ କରିଥିଲେ। ଦ୍ୱିତୀୟ ରାଉଣ୍ଡରେ ସେ ୮୫.୧୦ ମିଟର ଥ୍ରୋ କରିଥିଲେ। ଏହାପରେ ତୃତୀୟ, ଚତୁର୍ଥ ଓ ୫ମ ରାଉଣ୍ଡ ଥ୍ରୋ ଫାଉଲ ଥିଲା। ଅନ୍ତିମ ତଥା ଷଷ୍ଠ ପ୍ରୟାସରେ ସେ ୮୨.୮୯ ମିଟର ଥ୍ରୋ କରିଥିଲେ। ଡାଇମଣ୍ଡ ଲିଗ୍‌ରେ ନୀରଜଙ୍କ ପ୍ରଦର୍ଶନ ଉଚ୍ଚକୋଟୀର ରହିଛି। ୨୦୨୨ରେ ସେ ଚାମ୍ପିଅନ, ୨୦୨୩ ଓ ୨୦୨୪ରେ ରନର୍ସଅପ୍ ହୋଇଥିଲେ। ବେଙ୍ଗାଲୁରୁରେ ଜୁଲାଇ ୫ରେ ଆୟୋଜନ ହେବାକୁ ଯାଉଥିବା ନୀରଜ ଚୋପ୍ରା କ୍ଲାସିକ୍ ଜାଭେଲିନ୍ ଥ୍ରୋରେ ସେ ଅଂଶଗ୍ରହଣ କରିବେ।

ଗଲ୍‌ରେ ସାଣ୍ଟୋଙ୍କ ଦ୍ୱିତୀୟ ଶତକ

# ମାଥ୍ୟୁସଙ୍କ ବିଦାୟୀ ଟେଷ୍ଟ ଅମୀମାଂସିତ

ଗଲ୍,୨୧।୬(ଏଜେନ୍ସି):

ଗଲ୍ ଅନ୍ତର୍ଜାତୀୟ ଷ୍ଟାଡିୟମରେ ଶ୍ରୀଲଙ୍କା ଓ ଭ୍ରମଣକାରୀ ବାଂଲାଦେଶ ମଧ୍ୟରେ ଅନୁଷ୍ଠିତ ପ୍ରଥମ ଟେଷ୍ଟ ମ୍ୟାଚ୍ ଅମୀମାଂସିତ ରହିଛି। ଟସ୍ ଜିତି ବାଂଲାଦେଶ ପ୍ରଥମ ଇନିଂସରେ ୧୫୩. ୪ ଓଭରରେ ୪୯୫ ରନକରି ଅଲଆଉଟ ହୋଇଥିଲା। ଜବାବରେ ଶ୍ରୀଲଙ୍କା ପ୍ରଥମ ଇନିଂସରେ ୧୩୧.୨ ଓଭରରେ ୪୮୫ ରନକରି ଆଉଟ ହୋଇ ୧୦ ରନ ପଛରେ ପଡିଥିଲା। ଏହାପରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ବାଂଲାଦେଶ ଶନିବାର ପଞ୍ଚମ ଦିବସରେ ୮୭ ଓଭରରେ ୬ ୱିକେଟ ହରାଇ ୨୮୫ ରନ କରି ପାଳି ଘୋଷଣା କରିଥିଲା। ଫଳରେ ଶ୍ରୀଲଙ୍କା ସମ୍ମୁଖରେ ୨୯୬ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଜବାବରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ଶ୍ରୀଲଙ୍କା ମ୍ୟାଚ୍ ଶେଷ ହେବା ବେଳକୁ ୩୨ ଓଭରରେ ୪ ୱିକେଟ ହରାଇ ୭୨ ରନ ସଂଗ୍ରହ କରିଥିଲା। କାମିନ୍ଦୁ ମେଣ୍ଡିସ୍ ଓ ଅଧିନାୟକ ଧନଞ୍ଜୟ ଡିସିଲ୍‌ଭା ୧୨ ଲେଖାଏ ରନ୍ କରି ଅପରାଜିତ ରହିଥିଲେ। ଓପନର ପଥୁମ ନିଶାଙ୍କା ୨୪ ରନ କରି ଆଉଟ ହୋଇଥିବାବେଳେ ଅନ୍ୟମାନେ ବିଫଳ ହୋଇଥିଲେ। ବାଂଲାଦେଶର ତାଇଜୁଲ ଇସ୍‌ଲାମ ୩ ୱିକେଟ ନେଇଥିଲେ। ବର୍ଷା ଯୋଗୁ ୫ମ ଦିବସର ଖେଳ ବାଧାପ୍ରାପ୍ତ ହୋଇଥଲା। ପ୍ରଥମ ଇନିଂସରେ ୧୪୮ ଓ ଦ୍ୱିତୀୟରେ ଅପରାଜିତ ୧୨୫ ରନର ଶତକୀୟ ପାଳି ଖେଳିଥିବା ବାଂଲାଦେଶ ଅଧିନାୟକ ନାଜମୁଲ ହୋସେନ ସାଣ୍ଟୋ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ସିରିଜ ଦ୍ୱିତୀୟ ତଥା ଅନ୍ତିମ ଟେଷ୍ଟ ଆସନ୍ତା ୨୫ ତାରିଖରୁ କଲମ୍ବୋରେ ଆରମ୍ଭ ହେବ। ଏହାପରେ ଦୁଇଦେଶ ମଧ୍ୟରେ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ଓ ଟି-୨୦ ସିରିଜ ଖେଳାଯିବ।






ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଅଲ୍‌ରାଉଣ୍ଡର ଶ୍ରୀଲଙ୍କାର ଆଞ୍ଜେଲୋ ମାଥ୍ୟୁସ ବାଂଲାଦେଶ ବିପକ୍ଷ ପ୍ରଥମ ମ୍ୟାଚ୍ ଖେଳି ଟେଷ୍ଟ କ୍ରିକେଟ୍‌କୁ ଅଲ୍‌ବିଦା କରିଛନ୍ତି। ଏହି ମ୍ୟାଚ୍ ତାଙ୍କ କ୍ୟାରିୟରର ଶେଷ ଟେଷ୍ଟ ହେବ ବୋଲି ୩୮ ବର୍ଷୀୟ ମାଥ୍ୟୁସ ପୂର୍ବରୁ ଘୋଷଣା କରିଥିଲେ। ଶନିବାର ସେ ଶ୍ରୀଲଙ୍କାର ୨ୟ ପାଳିରେ ୪୫ ବଲ୍ ସାମ୍ନା କରି ମାତ୍ର ୮ ରନ କରି ଆଉଟ୍ ହୋଇଥିଲେ। ବିଦାୟୀ ପାଳିରେ ନିରାଶ କରିଥିଲେ ମଧ୍ୟ ମାଥ୍ୟୁସ ପ୍ୟାଭିଲିୟନ ଫେରିବାବେଳେ ଘରୋଇ ଦର୍ଶକଙ୍କ ସାମ୍ନାରେ ବେଶ୍ ଭାବବିହ୍ୱଳ ହୋଇପଡ଼ିଥିଲେ। ଏହି ସମୟରେ ଫିଲ୍ଡରେ ଥିବା ବାଂଲାଦେଶ ଖେଳାଳିମାନେ ମାଥ୍ୟୁସଙ୍କ ନିକଟରୁ ଆସି ତାଙ୍କ ସହ ହାତ ମିଳାଇ ବିଦାୟ ଦେଇଥିଲେ। ଉଲ୍ଲେଖଯୋଗ୍ୟ, ଏହି ଗଲ୍ ଷ୍ଟାଡିୟମରେ ହିଁ ୨୦୦୯ରେ ପାକିସ୍ତାନ ବିପକ୍ଷରେ ଖେଳି ମାଥ୍ୟୁସ ତାଙ୍କ ଟେଷ୍ଟ କ୍ୟାରିୟର ଆରମ୍ଭ କରିଥିଲେ। ୧୧୮ ଟେଷ୍ଟ ମ୍ୟାଚ୍ ଖେଳି ସେ ୪୪.୪୦ ହାରରେ ୮୨୧୪ ରନ କରିଛନ୍ତି। ଯେଉଁଥିରେ ୧୬ ଶତକ ଓ ୪୫ ଅର୍ଦ୍ଧଶତକ ଲିପିବଦ୍ଧ ରହିଛି। ସେହିଭଳି ସେ ଟେଷ୍ଟରେ ମଧ୍ୟ ୩୩ ୱିକେଟ୍ ନେଇଛନ୍ତି।

■ ୧୯ ବର୍ଷରୁ କମ୍ ବାଳକ ଆନ୍ତଃଜିଲ୍ଲା କ୍ରିକେଟ

# ଭୁବନେଶ୍ୱର-ଏ ଓ କଟକ-ଏ ଫାଇନାଲ ଆଜି

କଟକ,୨୧।୬(ସମିସ): ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ଆନୁକୂଲ୍ୟରେ ଆୟୋଜିତ ୧୯ବର୍ଷରୁ କମ୍ ବାଳକ ଆନ୍ତଃଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ଭୁବନେଶ୍ୱର-ଏ ଓ କଟକ-ଏ ପ୍ରବେଶ କରିଛନ୍ତି। ବାରବାଟୀ ଷ୍ଟାଡିୟମରେ ରବିବାର ଫାଇନାଲ ମୁକାବିଲା ହେବ। ଶନିବାର ବାରବାଟୀ ଷ୍ଟାଡିୟମରେ ପ୍ରଥମ ସେମିଫାଇନାଲରେ ଭୁବନେଶ୍ୱର-ଏ ଓ ସୁନ୍ଦରଗଡ଼ ମଧ୍ୟରେ ମୁକାବିଲା ହୋଇଥିଲା। ଭୁବନେଶ୍ୱର-ଏ ୬ ରନରେ ବିଜୟୀ ହୋଇ ପ୍ରଥମ ଦଳ ଭାବେ ଫାଇନାଲରେ ସ୍ଥାନ ସୁରକ୍ଷିତ କରିଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଭୁବନେଶ୍ୱର ଦଳ ୧୨୧ ରନରେ ଅଲଆଉଟ ହୋଇଥିଲା। ଶ୍ରେୟାଂଶୁ ପଟ୍ଟନାୟକ ସର୍ବାଧିକ ୩୫ ରନ କରିଥିଲେ। ସୁନ୍ଦରଗଡ଼ର ଓମ ବେହେରାଙ୍କୁ ୬ଟି ୱିକେଟ ମିଳିଥିଲା। ତେବେ ୧୨୨ରନର ବିଜୟ ଲକ୍ଷ୍ୟକୁ ପିଛା କରିଥିବା ସୁନ୍ଦରଗଡ଼ ୨୨.୨ ଓଭର ଖେଳ ଶେଷ ସୁଦ୍ଧା ୫ ୱିକେଟ ବିନିମୟରେ ୬୫ ରନ କରିଥିବା ବେଳେ ବର୍ଷା ଯୋଗୁଁ ମ୍ୟାଚ୍ ସ୍ଥଗିତ ରହିଥିଲା। ପରବର୍ତ୍ତୀ ସମୟରେ ଖେଳ ଆରମ୍ଭ ହୋଇ ନପାରିବା ଯୋଗୁଁ ଡିଏଲଏସ୍ ପଦ୍ଧତିରେ ଭୁବନେଶ୍ୱର-ଏକୁ ବିଜୟୀ ଘୋଷିତ କରାଯାଇଛି।



ଓମ ବେହେରା



ପ୍ରଜ୍ଞା କୁମାର ପତ୍ରି

୧୫ ରନ ବ୍ୟୟ କରି ୩ ୱିକେଟ ସଫଳତା ପାଇଥିବା ବିଜୟୀ ଦଳର ପ୍ରଜ୍ଞା କୁମାର ପତ୍ରିଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ କରାଯାଇଛି। ରେଭେନ୍ସା ଗ୍ରାଉଣ୍ଡରେ କଟକ-ଏ ଓ ଭୁବନେଶ୍ୱର-ବି ମଧ୍ୟରେ ଖେଳାଯିବାକୁ ଥିବା ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ବର୍ଷା ଯୋଗୁଁ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଥିବା ବେଳେ ନକଆଉଟ ପର୍ଯ୍ୟାୟ ପଏଣ୍ଟ ଆଧାରରେ କଟକ-ଏ'କୁ ବିଜୟୀ ଘୋଷିତ କରାଯାଇଛି।


PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS